
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୪ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 JULY 2021

Vol.No. 32 ■ No. 188 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲଗାଣ ବର୍ଷା ପରେ ମହାରାଷ୍ଟ୍ରରେ ବନ୍ୟା ବିପ୍ଳାତ

### ଭୂସ୍ଖଳନ ଯୋଗୁଁ ଚାଲିଗଲା ୩୬ ଜଣଙ୍କ ଜୀବନ, ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ସହାୟତାର ହାତ ବଢାଇଲା ଓଡ଼ିଶା



ନୂଆଦିଲ୍ଲୀ,୨୩/୦୭: ଦେଶର ବିଭିନ୍ନ ରାଜ୍ୟରେ ବନ୍ୟା ସ୍ଥିତି । ରାଜସ୍ଥାନ, ମହାରାଷ୍ଟ୍ର ଓ ତେଲେଙ୍ଗାନା, ଆନ୍ଧ୍ରରେ ବନ୍ୟା ବିପ୍ଳାତ । ଲଗାଣ ବର୍ଷା ପାଇଁ ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି ଭୟଙ୍କର ବନ୍ୟା ପରିସ୍ଥିତି । ବର୍ଷା ଓ ବନ୍ୟା ଫଳରେ କୋଙ୍କଣ କ୍ଷେତ୍ରରେ ଥିବା ରାୟଗଡ ଓ ରତ୍ନଗିରି ଜିଲ୍ଲା ବନ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଲଗାଣ ବର୍ଷା ପାଇଁ ରାୟଗଡ ଜିଲ୍ଲାରେ ତିନୋଟି ସ୍ଥାନରେ ଭୂସ୍ଖଳନ ହୋଇ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି । ସ୍ଥାନୀୟ ପ୍ରଶାସନ ଓ ଏନଡିଆରଏଫ ସହାୟତାରେ ଉଦ୍ଧାର କାମ ଚାଲିଛି । ତେବେ ବର୍ତମାନ ସୁଦ୍ଧା ୩୬ ଜଣଙ୍କ ଜୀବନ ହାନି ହୋଇଥିବା ସୂଚନା ମିଳିଛି । ନଦୀରେ ବନ୍ୟା ଆସିବାରୁ ସମଗ୍ର ଅଂଚଳ ବନ୍ୟା ପାଣିରେ ବୁଡି ଯାଇଛି । ଏନଡିଆରଏଫ ଓ ଏସଡିଆରଏଫ ଦ୍ୱାରା ଜଳବନ୍ଦୀ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । ନାଗପୁରରେ ମଧ ବନ୍ୟା ସ୍ଥିତି । ସେପଟେ ରାଜସ୍ଥାନର ଝାଲାୱାରରେ ବନ୍ୟା ସ୍ଥିତି ଦେଖାଦେଇଛି । ଲଗାଣ ବର୍ଷା ଫଳରେ ବିଭିନ୍ନ ଜାଗାରେ ପାଣି ଭରିଯାଇଥିବା ଦେଖିବାକୁ ମିଳିଛି । ତେଲେଙ୍ଗାନା ଓ ଆନ୍ଧ୍ରରେ ମଧ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବନ୍ୟା ସୃଷ୍ଟି ହୋଇଛି । ତେଲେଙ୍ଗାନାରେ ନିର୍ମଳ ଜିଲ୍ଲାରେ ହଜାରେରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉଦ୍ଧାରକାରୀ ଦଳ ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି । ବିଭିନ୍ନ ଜାଗାରେ ଏନଡିଆରଏଫ ଟିମ୍ ମୁତୟନ ହୋଇଛନ୍ତି ।

## ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ଡିଏଫଓଙ୍କୁ ପୋଲିସ ଓ କ୍ରାଇମବ୍ରାଞ୍ଚ ଜେରା

ଭୁବନେଶ୍ୱର,୨୩/୦୭(ନି.ପ୍ର): ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କୁ ଜେରା କରିଛି କ୍ରାଇମବ୍ରାଞ୍ଚ ଓ ପୁଲିସ । ଆଉ ତଦନ୍ତ ପରେ ଏସଡ଼ିପିଓ କହିଛନ୍ତି ସବୁ ଅଭିଯୋଗକୁ ନେଇ ପଚରା ଉଚରା କରାଯାଇଛି । ତେବେ ଜେରା ପରେ କ୍ୟାମେରା ଆଗକୁ ଆସିନାହାନ୍ତି ଡ଼ିଏଫଓ । କାର୍ଯ୍ୟାଳୟରେ ପଚରା ଉଚରା ପରେ ସୁରକ୍ଷା ଭିତରେ ଡ଼ିଏଫଓଙ୍କୁ ଘରେ ଛାଡ଼ିଦେଇଛି ପୋଲିସ । ଏହି ମୃତ୍ୟୁ ଘଟଣାରେ ଡିଏଫଓଙ୍କୁ ନେଇ ସୌମ୍ୟଙ୍କ ପରିବାର ଲୋକ ଅଭିଯୋଗ ଆଣିଥିଲେ । ଏପରିକି ବିଦ୍ୟାଭାରତୀଙ୍କ ସହ ସମ୍ପର୍କ ଥିବା ନେଇ ବି ସୌମ୍ୟଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଥିଲେ । ଏସବୁ ଭିତରେ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କୁ ଆଜି ଜେରା କରିଛି ପୁଲିସ ଓ କ୍ରାଇମବ୍ରାଞ୍ଚ । ଡିଏଫଓ ଆଜି ଅଫିସ ଆସିବା ପାଇଁ ପୁଲିସକୁ ସୁରକ୍ଷା ମାଗିଥିଲେ ।

## ବିଶ୍ୱ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ଉଦଘାଟନୀ ଉତ୍ସବ

### ଉଦଘାଟନୀ ଦିବସରେ ଦେଖିବାକୁ ମିଳିବ ତୀରନ୍ଦାଜ ଦୀପିକା କୁମାରୀଙ୍କ ପ୍ରଦର୍ଶନ



ନୂଆଦିଲ୍ଲୀ,୨୩/୦୭: ଆଜିଠୁ ଆରମ୍ଭ ହୋଇଛି କ୍ରୀଡ଼ା ମହାକୁମ୍ଭ ଟୋକିଓ ଅଲିମ୍ପିକ୍ସ । ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ କ୍ରୀଡ଼ା ମହାକୁମ୍ଭର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ମହାମାରୀ କରୋନା ସାରା ବିଶ୍ୱରେ ତାର କାୟା ବିସ୍ତାର କରିଥିବା ବେଳେ ୨୦୨୦ ରେ ଆୟୋଜିତ ହେବାପାଇଁ ଥିବା ବିଶ୍ୱର ସବୁଠାରୁ ବଡ କ୍ରୀଡା ପ୍ରତିଯୋଗିତା ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଂଚାଇ ଦିଆଯାଇଥିଲା । ଆଉ ଏବେ କରୋନାର ଦ୍ୱିତୀୟ ଲହରର ପ୍ରଭାବ ସାମାନ୍ୟ ହ୍ରାସ ପାଇଥିବା ବେଳେ ଜାପାନର ରାଜଧାନୀ ଟୋକିଓରେ ବିଭିନ୍ନ ମହାଦେଶର କ୍ରୀଡା ପ୍ରତିଭା ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିବା ପାଇଁ ପରସ୍ପରର ମୁକାବିଲା କରିବେ । ଆଜି ସ୍ଥାନୀୟ ସମୟ ରାତି ୮ଟା ତଥା ଭାରତୀୟ ସମୟ ପ୍ରାୟ ସାଢ଼େ ୪ଟା ବେଳେ ଅଲିମ୍ପିକ୍ସର ଉଦଘାଟନ ଉତ୍ସବ ଆରମ୍ଭ ହେବ । ମୋଟ ୨୦୬ଟି ଦେଶର ଖେଳାଳୀ ୩୩ଟି ଭିନ୍ନ ଭିନ୍ନ ଖେଳରେ ଭାଗନେବେ । ଉଦଘାଟନୀ ଉତ୍ସବରେ ଭାରତର ୨୦ଜଣ ଖେଳାଳୀ ଏବଂ ୬ ଜଣ କର୍ମଚାରୀ ଭାଗନେବେ । ଉଦଘାଟନୀ ଦିବସରେ ଭାରତୀୟ ତୀରନ୍ଦାଜ ଦୀପିକା ▶▶ପୃଷ୍ଠା ୭

## ଅଶ୍ଳୀଳ ଭିଡିଓ ମାମଲା : ରାଜ କୁନ୍ଦ୍ରାଙ୍କୁ ଧରି ଶିଳ୍ପା ସେଟ୍ଟୀଙ୍କ ବାସଭବନରେ ପହଂଚିଲା କ୍ରାଇମବ୍ରାଞ୍ଚ

ନୂଆଦିଲ୍ଲୀ,୨୩/୦୭: ଅଶ୍ଳୀଳ ଭିଡିଓ ମାମଲାରେ ରାଜ କୁନ୍ଦ୍ରାଙ୍କ ପରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ରାଜ କୁନ୍ଦ୍ରାଙ୍କ ସାଙ୍ଗରେ ଧରି କ୍ରାଇମବ୍ରାଞ୍ଚ ଶିଳ୍ପା ସେଟ୍ଟୀଙ୍କ ବାସଭବନରେ ପହଂଚିଛି । କୁହାଯାଉଛି କି କ୍ରାଇମବ୍ରାଞ୍ଚ ଏହି ମାମଲାରେ ଶିଳ୍ପା ସେଟ୍ଟୀଙ୍କୁ ପଚରା ଉଚରା କରିପାରେ । କୁହାଯାଇଛି କି ରାଜକୁନ୍ଦ୍ରାଙ୍କ କମ୍ପାନୀ ବିଆନରେ ଶିଳ୍ପା ସେଟ୍ଟୀ ବି ନିର୍ଦ୍ଦେଶକ ରହିଛନ୍ତି । କିଛି ସମୟ ପୂର୍ବରୁ ଅନ୍ଧେରୀ ସ୍ଥିତ ବିଆନ କମ୍ପାନୀରେ କ୍ରାଇମବ୍ରାଞ୍ଚ ଚଢାଉ କରିସାରିଛି । ଏଥିରେ କ୍ରାଇମବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମିଳିଥିବା ସୂଚନା ମିଳିଛି ।

## ମାଷ୍ଟର କ୍ୟାଂଟିନ ଛକରେ ଡଙ୍ଗା ଚଲାଇଲେ ବିଧାୟକ ସୁର ରାଉତରାୟ

ଭୁବନେଶ୍ୱର,୨୩/୦୭ (ନି.ପ୍ର): ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପ୍ରଦେଶ ଛାତ୍ର କଂଗ୍ରେସ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ବର୍ଷା ଦିନରେ ଭୁବନେଶ୍ୱର ଦୟନୀୟ ପରିସ୍ଥିତି ପ୍ରସଙ୍ଗରେ ମାଷ୍ଟର କ୍ୟାଂଟିନ ଛକରେ ଡଙ୍ଗା ଚଲାଇ ପ୍ରତିବାଦ ଜଣାଯାଇଛି। ଜଟଣୀ ବିଧାୟକ ଏକ ବଡ଼ ଡଙ୍ଗାକୁ ମାଷ୍ଟର କ୍ୟାଂଟିନ ଛକରେ ରଖି ସେହି ଡଙ୍ଗା ଉପରେ ରହି ବର୍ଷାଦିନେ ଭୁବନେଶ୍ୱରର ବିଭିନ୍ନ ଅଂଚଳର ଦୁରାବସ୍ଥା ସମ୍ପର୍କରେ ବର୍ଣ୍ଣନା କରିବା ସହ ଯାତାୟତ ପାଇଁ ରାଜ୍ୟ ସରକାର ଭୁବନେଶ୍ୱରରେ ଏକ "ମୋ ଡଙ୍ଗା ଯୋଜନା" କରନ୍ତୁ ବୋଲି ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲେ। ଶ୍ରୀ ରାଉତରାୟ କହିଲେ ଯେ ନବୀନ ସରକାରର ୨୧ ବର୍ଷରେ ଭୁବନେଶ୍ୱର ରାସ୍ତାଘାଟ ଅତି ଶୋଚନୀୟ ହୋଇପଡ଼ିଛି। ▶▶ପୃଷ୍ଠା ୭

## ଅଗଷ୍ଟ ୨୩ରୁ ଏକକ ପିଜି ଏଂଟ୍ରାନ୍ସ

### ଅକ୍ଟୋବର ୧୫ରୁ ପିଜି ନାମଲେଖା, ଅଗଷ୍ଟ ୧୯ସୁଦ୍ଧା ୟୁଜି ଫାଇନାଲ ସେମିଷ୍ଟାର, ସେପ୍ଟେମ୍ବର ୨୭ ମଧ୍ୟରେ ରେଜଲ୍ଟ



ଭୁବନେଶ୍ୱର,୨୩/୦୭ (ନି.ପ୍ର): ୨୦୨୧ - ସମସ୍ତ ଅଣ୍ଡର ଗ୍ରାଜୁଏଟ୍ ଫାଇନାଲ ସେମିଷ୍ଟାର ପରୀକ୍ଷା (ବ୍ୟାକ୍ ପେପରକୁ ଛାଡ଼ି) ଅଗଷ୍ଟ ୧୯ ତାରିଖ ସୁଦ୍ଧା ଶେଷ ହେବ । ସେହିପରି ୟୁଜିର ବ୍ୟାକ୍ ପେକର ସମେତ ଫାଇନାଲ ସେମିଷ୍ଟାର ପରୀକ୍ଷା ଫଳ ସେପ୍ଟେମ୍ବର ୨୭ ତାରିଖ ସୁଦ୍ଧା ପ୍ରକାଶ ପାଇବ । ସମସ୍ତ ପିଜି ଫାଇନାଲ ସେମିଷ୍ଟାର ପରୀକ୍ଷା ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ସଂପନ୍ନ ହୋଇ ପିଜି ଫାଇନାଲ ସେମିଷ୍ଟର ପରୀକ୍ଷା ଫଳ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ପ୍ରକାଶ ପାଇବ । ଏଥି ସହିତ ୨୦୨୧ ବର୍ଷର ଏକକ ପିଜି ପ୍ରବେଶିକା ପରୀକ୍ଷା ମସିହା ଅଗଷ୍ଟ ୨୩ ତାରିଖରୁ ସେପ୍ଟେମ୍ବର ୧ ତାରିଖ ମଧ୍ୟରେ ଶେଷ କରାଯିବ । ପିଜି ଶ୍ରେଣୀରେ ନାମଲେଖା ଅକ୍ଟୋବର ୧୫ ତାରିଖରୁ ଆରମ୍ଭ ହେବ। ଆଜି ଅନୁଷ୍ଠିତ ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସମ୍ମିଳନୀରେ ଉପରୋକ୍ତ ସୂଚନା ପ୍ରଦାନ କରାଯାଇଛି । ଆଜି ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଂଟରଠାରେ ଆୟୋଜିତ କୁଳପତିମାନଙ୍କ ସମ୍ମିଳନୀରେ ଯୋଗଦେଇ କୃଷି ଓ କୃଷକ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା

### କୋଭିଡ ବିପଦ ଦୂର ହୋଇନାହିଁ, ଆତ୍ମସନ୍ତୋଷ ନୁହେଁ, ଅଧିକ ସତର୍କତା ଜରୁରୀ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ କୋଭିଡର ସ୍ଥିତି, ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ କୋଭିଡ ସହାୟତା ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କିଛି ସପ୍ତାହ ହେଲା ରାଜ୍ୟରେ ପଜିଟିଭିଟି ହାର କମିଥିଲେ ମଧ୍ୟ, କେତେକ ଜିଲ୍ଲାରେ ସଂକ୍ରମଣ ସ୍ଥିତିରେ ଆହୁରି ଉନ୍ନତି ଆସିବାକୁ ବାକି ଅଛି । ଯଦିଓ ପରିସ୍ଥିତି ନିୟନ୍ତ୍ରଣାଧୀନ, ତଥାପି ଆତ୍ମସନ୍ତୋଷ ନୁହେଁ, ଅଧିକ ସତର୍କତା ହିଁ ଆମକୁ ସୁରକ୍ଷିତ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ତେଣୁ ଲୋକମାନେ ଯେପରି ଅଯଥାରେ ଗହଳି ନ କରିବେ, ତାକୁ ଦୃଷ୍ଟିରେ ରଖି କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯଦି ଅଗଷ୍ଟ ଶେଷ ବେଳକୁ ତୃତୀୟ ଲହରୀ ଆସେ, ସେଥିପାଇଁ ଆମକୁ ଏହାର ପୂର୍ଣ୍ଣ ପ୍ରସ୍ତୁତିର ସହ ମୁକାବିଲା କରିବାକୁ ହେବ। ସ୍ୱାସ୍ଥ୍ୟସେବା ରାଜ୍ୟ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାସ୍ଥ୍ୟସେବା ଭିତିଭୂମିର ସୁଦୃଢ଼ୀକରଣ ସହିତ ମାନବସମ୍ବଳ ବିନିଯୋଗ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଲୋକମାନେ ଯେପରି ବିନା କୌଣସି ଅସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ, ସେ ଦିଗରେ ଜିଲ୍ଲା ପ୍ରଶାସନର ଗୁରୁ ଦାୟିତ୍ୱ ରହିଛି। ପ୍ରତି ଜୀବନ ମୂଲ୍ୟବାନ। ଏହା ହେଉଛି ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ନୀତିର ଆଧାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ଜିଲ୍ଲା ହସ୍‌ପିଟାଲ ଠାରୁ ଆରମ୍ଭ ▶▶ପୃଷ୍ଠା ୭

## ଆଜି ନୀଳାଦ୍ରି ବିଜେ

### ରତ୍ନବେଦୀକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି, ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଂଜନ କରିବେ କାଳିଆ ଠାକୁର



ପୁରୀ,୨୩/୦୭(ନି.ପ୍ର): ଶ୍ରୀକ୍ଷେତ୍ରରେ ଆଜି ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ । ରଥଯାତ୍ରାର ଶେଷ ପର୍ବ । ରତ୍ନ ଦେବୀକୁ ଫେରିବେ ଠାକୁର । ଏହାସହ ପରମ୍ପରା ଅନୁସାରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଂଜନ କରିବେ କାଳିଆ ଠାକୁର । ଗୁରୁବାର ଶ୍ରୀକ୍ଷେତ୍ରରେ ରଥ ଉପରେ ମହାପ୍ରଭୁଙ୍କ ଅଧରପଣା ନୀତି ଅନୁଷ୍ଠିତ ହୋଇଛି । ରାଘବ ଦାସ ଓ ବଡ଼ ଓଡିଆ ମଠ ପକ୍ଷରୁ ଅଧର ହାଣ୍ଡି ପ୍ରସ୍ତୁତ ହୋଇ ମଧ୍ୟାହ୍ନ ଧୂପ ପରେ ନୀତି ବଢି ଅଧର ପଣା ଭୋଗ ହୋଇଥିଲା । ଏହା ପରେ ହାଣ୍ଡି ଭଙ୍ଗା ଯିବାର ନୀତି ସମ୍ପନ୍ନ ହୋଇଥିଲା । ପରମ୍ପରା ଅନୁସାରେ ପ୍ରତି ରଥରେ ତିନିଟି ଅଧର ଚୁମ୍ବିତ ହାଣ୍ଡି ରଥ ଉପରେ ବିଗ୍ରହ ମାନଙ୍କ ସମ୍ମୁଖରେ ରଖାଯାଇଥିଲା । ସେଥିରେ ସୁସ୍ୱାଦୁ ଓ ଶୁଗନ୍ଧିତ ଦ୍ରବ୍ୟ ଯଥା କେଶର, ଲହୁଣୀ, ଛେନା, ସର, କ୍ଷୀର, ମିଶିରି, କର୍ପୁର ଏଭଳି ଅନକେ ଦ୍ରବ୍ୟ ପଡ଼ି ପ୍ରସ୍ତୁତ ହୋଇଥିଲା ଅଧର ପଣା ।

## ରାଜ୍ୟରେ କରୋନାରେ ଆଉ ୬୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୩/୦୭(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୩୭୭ ହୋଇ ଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୨୬ ଜଣ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଭୁବନେଶ୍ୱରରେ ୧୫ ଜଣ ଅଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧୦ ଜଣ, ସମ୍ବଲପୁର ଜିଲ୍ଲାରେ ୭ ଜଣ, କେନ୍ଦ୍ରାପଡା ଜିଲ୍ଲାରେ ୬ ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବରଗଡ ଜିଲ୍ଲାରେ ୫ ଜଣ, ସୁନ୍ଦରଗଡ ଜିଲ୍ଲାରେ ▶▶ପୃଷ୍ଠା ୭

## ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା



ଭୁବନେଶ୍ୱର,୨୩/୦୭(ନି.ପ୍ର): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଆଜି ଆହୁରି ଘନୀଭୂତ ହୋଇ ଏକ ୱେଲମାର୍କଡ୍ ବା ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।ଏହାର କିଛି ଅଂଶ ଏବେ ସମୁଦ୍ରରେ ଓ ଆଉ କିଛି ଅଂଶ ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଉପରେ ରହିଛି । ଆସନ୍ତା ୪୮ ଘଣ୍ଟାରେ ଏହା ଉତ୍ତରପଶ୍ଚିମ ଦିଗରେ ଗତି କରି ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଦେଇ ରାଜସ୍ଥାନ ଆଡ଼କୁ ଗତି କରିବ । ଭାରତୀୟ ପାଣିପାଗ ବିଭାଗ ମୁତାବକ ଏହି ଲଘୁଚାପ ପ୍ରଭାବରେ ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ଓଡ଼ିଶାର ୯ଟି ଜିଲ୍ଲା ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୋନପୁର, କେନ୍ଦୁଝର, ସମ୍ବଲପୁର, ବରଗଡ଼,ବଲାଙ୍ଗୀର, ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏଥିପାଇଁ ଏ ସବୁ ଜିଲ୍ଲା ଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଲଘୁଚାପ ପ୍ରଭାବରେ ଉପକୂଳବର୍ତ୍ତୀ ଅଂଚଳରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟରକୁ ବୃଦ୍ଧି ପାଇପାରେ । ଲଘୁଚାପ ପ୍ରଭାବରେ ଆଗାମୀ କିଛି ଦିନ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ବିଭାଗ ପକ୍ଷରୁ ସତର୍କ କରାଯାଇଛି ।

## ୧୫୩୭ କୋଟି ଟଙ୍କାର ୧୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩/୦୭ (ନି.ପ୍ର): ରାଜ୍ୟରେ ୧୪ଟି ଶିଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୪୩୬ କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ୩ ଶିଳ୍ପର ଉଦଘାଟନ କରିଛନ୍ତି। ସେହିପରି ୧୧ଶହ କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ୧୧ଟି ଶିଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିରେ ୩ ହଜାର ୭୭୩ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଅକ୍ଷୟ ଶକ୍ତି ଉତ୍ପାଦନ, ମେଟାଲ ଓ ଆନୁସଙ୍ଗିକ ଶିଳ୍ପରେ ପୁଞ୍ଜିନିବେଶ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ପୂର୍ବ ଭାରତର ଶିଳ୍ପ ହବ୍। ସ୍ଥିର ଶିଳ୍ପ ନୀତି ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ଇଜ ଅଫ ଡୁଇଙ୍ଗରେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାରେ ସହାୟକ ହୋଇଛି। ଓଡ଼ିଶାର ଶିଳ୍ପଗୁଡିକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଯଥେଷ୍ଟ ଅଗ୍ରଗତି ପରିଲକ୍ଷିତ ହୋଇଛି। କୋଭିଡ ଦ୍ୱିତୀୟ ଲହର ସମୟରେ ଅକ୍ସିଜେନ ଅଭାବକୁ ଦୂର କରିଛନ୍ତି ଶିଳ୍ପାନୁଷ୍ଠାନ। ବଲାଙ୍ଗୀରରେ ଆଦିତ୍ୟ ବିର୍ଲା ପକ୍ଷରୁ ଅକ୍ଷୟଶକ୍ତି ପ୍ରକଳ୍ପର ଉଦଘାଟନ। ଆଦିତ୍ୟ ବିର୍ଲା ପକ୍ଷରୁ ୩୫୨.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି । ଝାରସୁଗୁଡାରେ ୬୪.୪୩ କୋଟି ପୁଞ୍ଜିନିବେଶରେ ହୋଇଛି ଆଲୁମିନା ରିଫାଇନାରୀ ପ୍ରକଳ୍ପ। ଖୋର୍ଦ୍ଧା ଛତାବରରେ ୨୦ କୋଟି ବ୍ୟୟରେ ହୋଇଛି ଗାର୍ମେଂଟ ୟୁନିଟ ଉଦଘାଟିତ ହୋଇଛି। ପାରାଦୀପରେ ସଲଫ୍ୟୁରିକ ଏସିଡ ସଂପ୍ରସାରଣ ପ୍ରକଳ୍ପ କରିବ ଇଫକୋ। ସୁନ୍ଦରଗଡ ଲହୁଣୀପଡାରେ ହେବ ଲୁହାପଥର ବେନିଫିକେସନ ପ୍ଲାଂଟ। କଟକ ଖୁଂଟୁଣିରେ ହେବ ପିଭିସି ପାଇପ ଉତ୍ପାଦନ ଶିଳ୍ପ। ଖୋର୍ଦ୍ଧାରେ ବ୍ରିଟାନିଆ ପକ୍ଷରୁ କରାଯିବ ବିସ୍କୁଟ ଫ୍ୟାକ୍ଟ୍ରି। ସେହିପରି ଖୋର୍ଦ୍ଧା ଚମ୍ପାଝରରେ ଏନ.କେ ଆନନ୍ଦ ପକ୍ଷରୁ କରାଯିବ ଜୋତା କାରଖାନା। କଟକ ରାମଦାସପୁରରେ ହେବ ଥର୍ମୋ ପ୍ଲାଷ୍ଟିକ ପାଇପ କାରଖାନା, ଭାରତ ମସଲା ପକ୍ଷରୁ ରାମଦାସପୁରରେ ହେବ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ଚୌଦ୍ୱାରରେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଂଟ ପ୍ଲାଂଟ, ଅର୍ଗାନିକ ଫର୍ଟିଲାଇଜର ଉତ୍ପାଦନ ୟୁନିଟ ଓ ନୁଡୁଲସ ଉତ୍ପାଦନ କାରଖାନା ହେବ। ନଭେମ୍ବର ୨୦୧୭ରୁ ୧୯୫ଟି ପ୍ରକଳ୍ପ ରାଜ୍ୟରେ ବାସ୍ତବ ରୂପ ନେଇଛି। ୯୨ହଜାର ୪୬୦ କୋଟି ୮୪ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏକ ଲକ୍ଷ ୧୮ ହଜାର ୨୧୧ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିଛି ।

# କନ୍ଧମାଳରେ ଗଠିତ ହେଲା ମିଳିତ ସାମ୍ବାଦିକ ମଂଚ

କନ୍ଧମାଳ,୨୩/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଏବଂ ସମଗ୍ର ରାଜ୍ୟରେ କାର୍ଯ୍ୟରତ ସାମ୍ବାଦ୍ଧିକ ମାନଙ୍କୁ ବିଭିନ୍ନ ସମୟରେ ଦୁବ୍ୟବହାର କରାଯିବା ସମେତ ସେମାନଙ୍କୁ ଆକ୍ରମଣ କରିବା ତଥା ସେମାନଙ୍କ କ୍ୟାମେରା ଭାଙ୍ଗିବା ଭଳି ଘଟଣା ମାନ ସାମ୍ନାକୁ ଆସୁଛି । ତେଣୁ ସେମାନଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ଏହା ସହିତ ବିନା ସ୍ୱାର୍ଥରେ ଲୋକଙ୍କ ସେବା କରିବା ସହିତ ସେମାନଙ୍କ ନିକଟରେ ଖବର ପହଂଚାଇବା ଭଳି କାର୍ଯ୍ୟ କରୁଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅପମାନିତ ମଧ୍ୟ ହେବାକୁ ପଡୁଛି । ତେଣୁ ଫୁଲବାଣୀ ସାମ୍ବାଦିକ ଭାବନଠାରେ କନ୍ଧମାଳ ମିଡିଆ ଫୋରମର ସଭାପତି ସୁନିଲ ବିଶ୍ୱାଳଙ୍କ ଆବାହକତ୍ୱରେ କନ୍ଧମାଳ ଜିଲ୍ଲାରେ ଥିବା ସମସ୍ତ ରାଜ୍ୟ ଏବଂ ଜିଲ୍ଲା ସ୍ଥରୀୟ ସାମ୍ବାଦିକ ସଂଗଠନ ଗୁଡିକର ସଭାପତି/ସମ୍ପାଦକ ଏବଂ ସଦସ୍ୟ ମାନଙ୍କୁ ନେଇ ଏକ ମିଳିତ ସାମ୍ବାଦିକ ମଂଚ ଗଠନ କରାଯିବା ସହିତ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପ୍ରେସ କ୍ଲବର ସଭାପତି ଶିବ ତ୍ରିପାଠୀ,ସମ୍ପାଦକ ଅଜିତ ମହାରଣା,ଫ୍ରଣ୍ଟଲାଇନ ମିଡ଼ିଆ ଆସୋସିଏସନର ସଭାପତି ସୁଜିତ ବେହେରା, ସମ୍ପାଦକ ତ୍ରିନାଥ ସାହୁ,କନ୍ଧମାଳ ମିଡ଼ିଆ ଫୋରମର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ,ଓଡ଼ିଶା ସାମ୍ବାଦିକ ୟୁନିୟନ କନ୍ଧମାଳର ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା,ସମ୍ପାଦକ ବ୍ରଜ ମୋହନ ନାୟକ,ଉତ୍କଳ ସମ୍ବାଦିକ ସଂଘର ଜିଲା ସଭାପତି ସନ୍ତୋଷ କୁମାର ଦାସ,ବାଲିଗୁଡ଼ା ଫ୍ରଣ୍ଟଲାଇନ ମିଡ଼ିଆ ଆସୋସିଏସନର କୋଷାଧକ୍ଷ ଭଗବତୀ ପ୍ରସାଦ ସାବତ,କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଜୟସନ ପରିଡ଼ା ଓ ବରିଷ୍ଠ ସାମ୍ବାଦିକ ସଦାଶିବ ପାତ୍ର ,ଫିଲିମନ ନାୟକ,ନାରାୟଣ ସାହୁ,ଅଶୋକ ପରିଡ଼ା,ସନ୍ତୋଷ ଦିଗାଲ,ସତ୍ୟ ନାରାୟଣ ବେହେରା,ବ୍ରଜାନନ୍ଦ,ଅଶୋକ ମହାନ୍ତି,ପ୍ରମୁଖ ଉପସ୍ଥିତ ଥିଲେ। କନ୍ଧମାଳ ମିଡ଼ିଆ ଫୋରମର ସଭାପତି ତଥା କନ୍ଧମାଳ ମିଳିତ ସମ୍ବାଦିକ ମଂଚର ଆବାହକ ସୁନିଲ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଉକ୍ତ ବୈଠକ ଆୟୋଯିତ ହୋଇଥିବା ବେଳେ ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା ବୈଠକର ଉଦେଶ୍ୟ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବୈଠକରେ କିଛି ସାମ୍ବାଦିକ ଭାଇମାନଙ୍କୁ ଦୃର୍ବ୍ୟହାର ଉପରେ ମୁଖ୍ୟତ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। ଜିଲାରେ ସାମ୍ବାଦିକ ମାନଙ୍କ ସୁରକ୍ଷା ଉପରେ ବିଶେଷ ଭାବରେ ଏହି ବୈଠକରେ ଗୁରୁତର ସହ ବିଚାର ବିମର୍ଷ ହୋଇଥିଲା। ଜିଲା ପ୍ରଶାସନର କିଛି ଅଧିକାରୀ ସାମ୍ବାଦିକ ମାନଙ୍କ ପ୍ରତି ଦୁର୍ବ୍ୟହାର ଉପରେ ସମସ୍ତ ସାମ୍ବାଦିକ ଭାଇମାନେ ନିଜ ନିଜର ମତ ବ୍ୟକ୍ତ କରିବା ସହ ସାମ୍ବାଦିକମାନେ ମଧ୍ୟ ନିଜ ନିଜ ସିମାରେ ରହି କାର୍ଯ୍ୟକରିବାକୁ ବରିଷ୍ଟ ସାମ୍ବାଦିକମାନେ ମତ ପ୍ରକାଶ କରିଥିଲେ। ବାରଂମ୍ବାର ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣର ଦୃଢ ବିରୋଧ କରାଯିବା ସହ ଚୁପ ହୋଇ ବସିଥିବା ଜିଲା ପ୍ରଶାସନକୁ କଡ଼ା ଜବାବ ଦିଆଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ଟିକାବାଲି କାର୍ଯ୍ୟରତ ଜଣେ ସାମ୍ବାଦିକଙ୍କୁ ଜଣେ ରାଜସ୍ୱ ନିରିକ୍ଷକଙ୍କ ଦୁର୍ବ୍ୟବହାର ଓ ମେଡ଼ିକାଲରେ ୪ଜଣ ସାମ୍ବାଦିକଙ୍କୁ ଷ୍ଟାଫ ନର୍ସ ଓ ଡ଼ାକ୍ତରଙ୍କ ଦୁର୍ବ୍ୟବହାର ଉପରେ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଉପରେ ଜିଲା ପ୍ରଶାସନ ଚୁପ ବସି ସାମ୍ବାଦିକମାନଙ୍କୁ ଅସମ୍ମାନ ପ୍ରଦର୍ଶନ ବୁରୁଦ୍ଧରେ ଆଗାମି ୨୬ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋପ ପଦର୍ଶନ କରାଯିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଶାନ୍ତ କୁମାର ଯେନା, କେଏମଏଫର ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ, ମନୋରଂଜନ ରାୟ,ବଳଦେବ ବେହେରା, ଶିବ ବିଶ୍ୱାଳ, ଶିବ ନାୟକ,ବୈଦ୍ୟ ନାୟକ,ହୁରଞ୍ଜନ ସେଠୀ,କ୍ଷୀରୋଦ ସାହାଣୀ, ରମେଶ ପ୍ରଧାନ ପ୍ରମୁଖ ବହୁ ସାମ୍ବାଦିକ ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ କରିଥିଲେ।

# ଆକ୍ରମଣକାରୀଙ୍କୁ ଗିରଫ ଓ ପରିବାରକୁ ସୁରକ୍ଷା ଦାବିରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ଧାରଣା

କୋରେଇ,୨୩/୭ (ନି.ପ୍ର): ମରଣାନ୍ତକ ଆକ୍ରମଣକୁ ୧୫ ଦିନ ବିତିଲା । ଆକ୍ରମଣକାରୀ ଅସାମାଜିକ ମାନେ ଦ୍ୱିନ ଦ୍ୱିପ୍ରହରରେ ବୁଲୁଛନ୍ତି । ପରିବାରକୁ ଶେଷ କରିବାକୁ କହି ବୁଲୁଛନ୍ତି କିନ୍ତୁ ବିଂଝାରପୁର ପୁଲିସ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି । କାର୍ଯ୍ୟାନୁଷ୍ଠାନ ଶୂନ ହେବାରୁ ଅଭିଯୁକ୍ତମାନେ ଖୁଲମଖୁଲା ଚ୍ୟାଲେଞ୍ଜ କରୁଛନ୍ତି । ଫଳରେ ପରିବାର ପ୍ରତି ବିପଦ ରହିଛି । ଏନେଇ ଗତ ୧୩ ତାରିଖରୁ ଜିଲ୍ଲା ଏସପିଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି । ଯାହା ଫଳରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ସମୂହ ପରିବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ ପଛାଇବେ ନାହିଁ କହିବା ସହ ଧାରଣାରେ ବସିଛନ୍ତି । ପ୍ରକାଶଯେ, ଗତ ଜୁଲାଇ ୭ ତାରିଖ ସନ୍ଧ୍ୟାରେ ବିଂଝାରପୁର ଥାନା ଅନ୍ତର୍ଗତ ଶସନ୍ଦା ଗ୍ରାମର ବିଜୟ ବିଶ୍ୱାଳଙ୍କ ପୁଅ ଅଭିମନ୍ୟୁଙ୍କୁ ଶାସନ୍ଦା ଗ୍ରାମର ସତ୍ୟବ୍ରତ ବେହୁରିଆ ଓ ସନ୍ତୋଷ କୁମାର ବେହୁରିଆ ମରଣାନ୍ତକ ଆକ୍ରମଣ କରିଥିଲେ । ଏନେଇ ବିଜୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୯୭/୨୧ରୁଜୁ କରି ହାତବାନ୍ଧି ବସିଛି । ଫଳରେ ଅଭିଯୁକ୍ତମାନେ ଗାଁରେ ବୁଲି ବିଜୟଙ୍କ ପରିବାରକୁ ଧମକ ଚମକ ଦେବା ସହ ଜୀବନରୁ ମାରିଦେବାକୁ କହି ବୁଲୁଛନ୍ତି । ଫଳରେ ଭୟଭୀତ ବିଜୟ ପରିବାର ଓ ଆହତ ଅଭିମନ୍ୟୁ ଗତ ଜୁଲାଇ ୧୩ ତାରିଖ ଏନେଇ ଯାଜପୁର ଏସପିଙ୍କୁ ଅବଗତ କରିଥିଲେ ମଧ ପୁଲିସ କାର୍ଯ୍ୟାନୁଷ୍ଠାନ ନେଉନି । ଏନେଇ ଡିଜି ପୁଲିସ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଛି । ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ବିଜୟ ସପରିବାରେ ଓ ଗ୍ରାମବାସୀଙ୍କୁ ନେଇ ଧାରଣାରେ ବସିଛନ୍ତି । କାର୍ଯ୍ୟାନୁଷ୍ଠାନ ନହେଲେ ସେମାନେ ସମୂହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କର ମୃତ୍ୟୁ

କେନ୍ଦ୍ରାପଡ଼ା,୨୩/୭ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ବାଲିଆ ଚଣ୍ଡି ବଜାର ଠାରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିବା ଯୁବକଙ୍କ ପରିବାରକୁ କ୍ଷତି ପୁରଣ ଦେବା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଘଟଣାରୁ ପ୍ରକାଶ ଯେ ନିକଟରେ ଥିବା ଏକ ଗ୍ୟାରେଜ ରୁ ବେଆଇନ ଭାବେ ବିଦ୍ୟୁତ୍ ଚୋରା ସଂଯୋଗ ଆଣି ବ୍ୟବହାର କରୁଥିବା ଜଣା ପଡିବା ସହ ଏହି ବିଦ୍ୟୁତ୍ ସଂଯୋଗରେ ଆସି ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମଦ ଦୋକାନକୁ ସିଲ୍ କରା ଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କୁ କ୍ଷତି ପୁରଣ ଦେବା ସହ ମଦ ଦୋକାନକୁ ଅସ୍ଥାୟୀ ଭାବେ ମଦ ଦୋକାନ ବନ୍ଦ କରିବା ପାଇଁ ନିଦ୍ଦେଶ ଦେଇଥିଲେ । ଗୁରୁବାର ଶତାଧିକ ଲୋକ ରାସ୍ତା ଉପରେ ବସି ରହି କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିବାରୁ ଉଭୟ ପଟରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା । ସେହି ଗ୍ରାମର ଭ୍ରମରବର ରାଉତ ଗୁରୁବାରୁ ସକାଳୁ କୌଣସି କାରଣରୁ ଚଳନ୍ତା ବିଦ୍ୟୁତ୍ ସଂସ୍ପର୍ଷରେ ଆସି ପାଣିରେ ପଡି ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାରେ ଉତ୍କ୍ଷିପ୍ତ ଲୋକମାନେ ରାସ୍ତା ଅବରୋଧ କରିବାରୁ ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ଘଟଣା ସ୍ଥଳରେ ପହଁଚି ବୁଝାସୁଝା କରିବା ପରେ କେନ୍ଦ୍ରାପଡା ତହସିଲଦାର ଡ଼ଃ ହେମଲତା ବାହାଲିଆ ମୃତକଙ୍କ ଘରକୁ ଯାଇ ୧୦ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡିଛି । କଂଗ୍ରେସର ନେତା ହଳଧର ସେଠୀ ବେଆଇନ ବିଦ୍ୟୁତ୍ ସଂଯୋଗ ବିରୋଧରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ଦାବି କରିଥିଲେ ।

# ଧର୍ମଶାଳା ବ୍ଲକରେ ଦିବ୍ୟାଙ୍ଗ ମହିଳାଙ୍କୁ ମିଳୁନି ରାସନ କାର୍ଡ

ଧର୍ମଶାଳା,୨୩/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଯୋଗ୍ୟ ହିତାଧିକାରୀମାନେ ରାସନ କାର୍ଡ ପାଇବାରୁ ବଂଚିତ ହେଉଛନ୍ତି । ଏହି ବ୍ଲକରେ ଦଳୀୟ ଭିତିରେ ରାସନକାର୍ଡ ଦିଆଯାଉଥିବା ବେଳେ ପ୍ରକୃତ ହିତାଧିକାରୀ କାର୍ଡ ଖଣ୍ଡେ ନ ପାଇ ନାନା ହଇରାଣ ହରକତ ହେଉଥିବା ନେଇ ଅଭିଯୋଗ ହୋଇଛି । ଏହି ବ୍ଲକ ମଧୁସୂଦନପୁର ପଂଚାୟତସ୍ଥ ସୋରେଇ ଗ୍ରାମର ଜଣେ ଦିବ୍ୟାଙ୍ଗ ରାସନ କାର୍ଡ ପାଇବାରୁ ବଂଚିତ ହୋଇଛନ୍ତି । ଯାହାକୁ ନେଇ ସେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । ଏହି ଦିବ୍ୟାଙ୍ଗ ମହିଳା ହେଉଛନ୍ତି ରୁନୁ ମହାନ୍ତି । ବୟସ ପାଖାପାଖି ୪୫ । ତାଙ୍କର ରାସନ କାର୍ଡରେ ଆଧାର କାର୍ଡ ସଂଯୋଗ ହୋଇନପାରିବାରୁ ସେ ରାସନ ସମାଗ୍ରୀ ପାଇବାରୁ ବଂଚିତ ହୋଇଛନ୍ତି । ଏନେଇ ସେ ଘରଠାରୁ ୩୦ କିମି ବ୍ଲକ ପ୍ରଶସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସଫଳ ମିଳୁନି । ଏନେଇ ସେ ବାରମ୍ବାର ଧର୍ମଶାଳା ଯୋଗାଣ ଅଧିକାରୀଙ୍କମ ସହ ଯୋଗାଯୋଗ କଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି । ତେଣୁ ସେ ଆଜି ଧର୍ମଶାଳା ବିଡିଓଙ୍କୁ ଏକ ଦରଖାସ୍ତ ଦେଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । ଏନେଇ ଯାଜପୁର ଜିଲାପାଳ ଓ ଧର୍ମଶାଳା ବିଧାୟକ ସ୍ୱତନ୍ତ୍ରଭାବେ ଯୋଗାଣ ବିଭାଗ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ଦେଲେ ରୁନୁଙ୍କ ସମେତ ଅନେକ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇପାରିବେ ।

### ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ୍ ଘଟଣା

# ଅଭିଯୁକ୍ତ ଚିଙ୍ଗୁଡ଼ି ଗିରଫ : ଚିଙ୍ଗୁଡ଼ି ନାମରେ ରହିଛି ୧୭ ଅପରାଧିକ ମାମଲା

## ଅଭିଯୁକ୍ତ ନାବାଳକକୁ ବ୍ରହ୍ମପୁର ଜୁଭେନାଇଲ ହୋମ୍‌କୁ ପଠାଗଲା

ଗଞ୍ଜାମ,୨୩/୭ (ନି.ପ୍ର): ଗତ ମାସ ୨୮ ତାରିଖ ଅପରାହ୍ନରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ହାଇସ୍କୁଲ ଛକ ବିଇଓ ଅଫିସ୍ ସାମ୍ନାରେ କୁଆନଳା ଗ୍ରାମର ରଶ୍ମିତା ପଣ୍ଡା ନାମ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ ମାନେ ମଙ୍ଗଳ ସୂତ୍ର ଝାମ୍ପି ନେଇଥିଲେ । ଏହି ମାମଲାରେ ଅଭିଯୁକ୍ତ ତଥା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଆମ୍ବପୁଆ ରମୁଣି ସାହିର ଲିଙ୍ଗରାଜ ନାହକ ଓରଫ ଚିଙ୍ଗୁଡ଼ିକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେହିପରି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକକୁ ବ୍ରହ୍ମପୁର ଜୁଭେନାଇଲ ହୋମ୍ କୁ ପଠାଯାଇଥିବା ସୂଚନା ମିଳିଛି । ଉଭୟଙ୍କ ଠାରୁ ଗୋଟିଏ ମଙ୍ଗଳ ସୂତ୍ର, ଚାରୋଟି ସୁନାଚେନ ଓ ଲୁଟ୍ ରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି । ଅଭିଯୁକ୍ତ ଚିଙ୍ଗୁଡ଼ି ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ୧୭ଟି ଅପରାଧିକ ମାମଲା ରହିଥିବା ନେଇ ବୁଗୁଡ଼ା ଥାନା ଅଧିକାରୀ ଚିତରଞ୍ଜନ ବେହେରା ସୂଚନା ଦେଇଛନ୍ତି ।

# ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିଜେପିର ବିକ୍ଷୋଭ

ଜୟପୁର ,୨୩/୭ (ନି.ପ୍ର): ଜୟପୁର ବିଜେପି ତରଫରୁ ବିଦ୍ୟୁତ ଶୁଳ୍କ ବୃଦ୍ଧ, ଅଘୋଷିତ ବିଜୁଳି କାଟ ଓ ଲୋ ଭୋଲଟ୍ଟେଜ ପ୍ରତିବାଦରେ ବିକ୍ଷୋଭ କରିଛି । ଜୟପୁର ସ୍ଥିତ ଟି.ପି ଦକ୍ଷିଣାଂଚଳ ଓଡିଶା ବିତରଣ ଲିଃର ଅଧିକ୍ଷଣ ଯନ୍ତ୍ରୀ ଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଷ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ବିଜେପି ନେତା ଗୌତମ ସାମନ୍ତରାୟ ଙ୍କ ନେତୃତ୍ୱରେ ବିଜେପିର ନେତା ଓ କର୍ମି ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୫ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଛି । ସେ ଗୁଡିକ ହେଲା ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର କରାଯାଉ ଏବଂ ବେଆଇନ ଭାବେ ପ୍ରଥମ ଶହେ ୟୁନିଟକୁ ( ୫୦ ଓ ୫୦) ଦୁଇଟି ସ୍ଲାବକରି ଗରିବ ଲୋକଙ୍କୁ ଆଶାତିତ ଶୁଳ୍କ ଦେବାକୁ ବାଧ କରାଯାଉଛି । ତାର ପରିବତନ କରି ୧ ରୁ ୧ଶହ ୟୁନିଟ ପଯ୍ୟନ୍ତ ଗୋଟିଏ ଦର ଲାଗୁ କରାଯାଉ, ବିଦ୍ୟୁତ ବଂଟନରେ ଗ୍ରାମାଂଚଳ ପ୍ରତି ସଂମ୍ପୁର୍ଣ୍ଣ ଅବିଚାର କରାଯାଉଛି । ରାଜ୍ୟର ଅଧିକାଂଶ ଅଂଚଳରେ ଲୋ ଭୋଲଟ୍ଟେଜ ଆସୁଥିବାରୁ ଛାତ୍ର ଛାତ୍ରୀ ମାନେ ପାଠ ପଢିପାରୁ ନାହାଁନ୍ତି । ଏଣୁ ବିଦ୍ୟୁତ ସରବରାହରେ ସଠିକ ଭୋଲଟ୍ଟେଜ ଯୋଗାଇବା ର ବ୍ୟବସ୍ଥା କରାଯାଉ, ଅଘୋଷିତ ବିଦ୍ୟୁତ କାଟ କୁ ବନ୍ଦ କରି ସମ୍ପୁର୍ଣ୍ଣ ରାଜ୍ୟ କୁ ୨୪ ଘଂଟିଆ ବିଜୁଳି ଯୋଗାଇ ଦିଆଯାଉ, କୃଷି କ୍ଷେତ୍ର ଓ ଶିତଳ ଭଣ୍ଡାର ପାଇଁ ବିଦ୍ୟୁତ ଦେୟରେ ସବସିଡି ଦିଆଯାଉ ଆଦି ଦାବି ରହିଛି । ଏହି ବିକ୍ଷୋଭରେ ସାଧୁ ଦାସ ଚୌଧୁରି, ଲକ୍ଷ୍ମୀ ନାରାୟଣ ପାଢୀ, ସୁରଭି ପାଣି, ଦୁର୍ଗା ପ୍ରସାଦ ଦାସ, ଚନ୍ଦ୍ର ଶେଖର ପଟ୍ଟନାୟକ, ସୀମା କିରଣ, ସ୍ୱାତୀ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳାଶୟ ନିର୍ମାଣ ପାଇଁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୨୩/୭ (ନି.ପ୍ର): କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲା ସନିକଟ କୁଜଙ୍ଗ ବ୍ଲକ ଅଧିନ ସନ୍ତରା ଗ୍ରାମରେ ମହାନଦୀ ଉପରେ ଏକ ଆନ୍ତଃନଦୀ ଜଳାଶୟ ନିର୍ମାଣ ପାଇଁ ଲିଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରା ଯାଇଛି । ସ୍ଥାନୀୟ ଅଂଚଳର ଏକ ପ୍ରତିନିଧି ମଣ୍ଡଳୀ ଏହି ଲିଖିତ ଦାବିପତ୍ରକୁ ମହାକାଳପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ମାଧମରେ ପ୍ରଦାନ କରି ଦାବି ଉପସ୍ଥାପନ କରିଛନ୍ତି । ଏହି ଆନ୍ତଃନଦୀ ଜଳାଶୟ ପ୍ରକଳ୍ପ ମହାନଦୀ ଉପରେ କରାଗଲେ ଚାଷ ଜମିକୁ ଜଳ ସେଚନ, ଜଳ ସଂରକ୍ଷଣ, ପାନୀୟ ଜଳ ଯୋଗାଣ ତଥା ଶିଳ୍ପ ସଂସ୍ଥା ପାଇଁ ଜଳ ଯୋଗାଣ ଆଦି ବହୁବିଧ ସୁବିଧା ସୁଯୋଗ ସ୍ଥାନୀୟ ଲୋକେ ପାଇ ପାରିବେ ବୋଲି ପ୍ରତିନିଧି ମାନେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସମାଜ ସେବୀ ଗଙ୍ଗାଧର ପରିଡା, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସରୋଜ କୁମାର ଜେନା, ବାବାଜୀ ଚରଣ ସ୍ୱାଇଁ, ଦିଲିପ କୁମାର ପଣ୍ଡା, ଦେବ କୁମାର ମହାପାତ୍ର, ହିରଣ୍ୟ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

# ବେଆଇନ ଭାବେ ରେଳ ଟିକେଟ୍ ବିକ୍ରୀ ଅଭିଯୋଗ : ଜଣେ ଗିରଫ

ଗଞ୍ଜାମ,୨୩/୭ (ନି.ପ୍ର): ବେଆଇନ ଭାବେ ରେଳ ଟିକେଟ୍ ବିକ୍ରୀ କରୁଥିବା ଅଭିଯୋଗରେ ଆରପିଏଫ ପକ୍ଷରୁ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗାଙ୍ଗପୁର ଥାନା ଅଂଚଳର ନାରାୟଣ କୁମାର ପାଣିଗ୍ରାହୀ । ନାରାୟଣ ମୋବାଇଲ ଏବଂ ରିଚାର୍ଜ ସେଂଟର ନାମରେ ଏକ ଦୋକାନ ଚଳାଇ ସେଠାରେ ରେଳ ଯାତ୍ରା ପାଇଁ ଆବଶ୍ୟକ ଇ-ଟିକେଟ୍ ଚଢ଼ା ଦରରେ ବିକ୍ରୀ କରୁଥିବା ନେଇ ଅଭିଯୋଗ ପାଇବା ପରେ ଆରପିଏଫ ପକ୍ଷରୁ ସ୍ଥାନୀୟ ଥାନା ପୋଲିସର ସହଯୋଗରେ ତାଙ୍କ ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ପରିଚୟ ଗୋପନ ରଖି ଗ୍ରାହକ ଭାବେ ସେଠାରେ ପହଂଚି ଆରପିଏଫ କର୍ମକର୍ତା ମାନେ ତାଙ୍କ ବେଆଇନ କାରବାର ସମ୍ପର୍କରେ ଜାଣିବା ସହ ତାଙ୍କୁ ସେଠାରୁ ଗିରଫ କରିଥିଲେ । ଏନେଇ ରେଲୱେ ଆକ୍ଟ ୨୦୦୩ ଅନୁସାରେ କେସ୍ ନଂ ୧୩୬/୨୧ ରେ ଏକ ମାମଲା ଆରପିଏଫ ପକ୍ଷରୁ ରୁଜୁ କରାଯାଇଥିବା ସୂଚନା ମିଳିଛି ।

# ଆକ୍ସନ ମୁଡରେ ଧର୍ମଶାଳା ପୁଲିସ : ବାଇକ, ଟଙ୍କା ଓ ମୋବାଇଲ ଜବତ,୨ ହାଇଓ୍ୱେ ଲୁଟେରା ଗିରଫ

ଧର୍ମଶାଳା,୨୩/୭ (ନି.ପ୍ର): ଆକ୍ସନ ମୁଡରେ ଯାଜପୁର ଜିଲା ଧର୍ମଶାଳା ପୁଲିସ । ଗତ କାଲି ୩ଜଣ ହାଇଓ୍ୱେ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଆଉ ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏବଂ ଏହି ଲୁଟେରାମାନଙ୍କଠାରୁ ବହୁ ତଥ୍ୟ ସଂଗ୍ରହ କରିଥିବା ବେଳେ ଅଭିଯୁକ୍ତମାନେ ବ୍ୟବହୃତ କରୁଥିବା ଏକ ବାଇକ୍,ନଗଦ ଟଙ୍କା ଓ ମୋବାଇଲକୁ ଜବତ କରିଛି । ଦୁଇ ଦିନ ତଳେ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରରୁ ସ୍ୱଷ୍ଟ ଦିବାଲୋକରେ ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଂଚଳର ଡାକ୍ତର ଦେବେନ୍ଦ୍ର ଜେନାଙ୍କ କାର ଭିତରୁ ନଗଦ ୩୦ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଲୁଟ ହୋଇଥିଲା । ଏନେଇ ସେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ତେବେ ଗତ କାଲି ରାତିରେ କେନ୍ଦୁଝର ଅଂଚଳରୁ ଏହି ଦୁଇଜଣ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ସେମାନଙ୍କ ନିକଟରୁ ଲୁଟ ଟଙ୍କା ଓ ମୋବାଇଲ ସହ ବ୍ୟବହୃତ କରୁଥିବା ଏକ ବାଇକକୁ ଜବତ କରିଛି । ଲୁଟେରା ଦ୍ୱୟ ହେଲେ ଯାଜପୁର ଜିଲା କୋରାଇ ଥାନା ଅନ୍ତର୍ଗତ ପୂବକୋର୍ଟ ଗ୍ରାମର ଆହୁଲା ଶିବନାଥ ରାଓଙ୍କ ପୁଅ ଆହୁଲା ଚନ୍ଦନ ରାଓ(୨୦) ଓ ବାଲ ରାଓଙ୍କ ପୁଅ ଦେବ ରାଓ(୧୯) ବୋଲି ଜଣାପଡିଛି ।

# ମହିଳା ପୋଲିସଙ୍କ ମାଡ ପ୍ରତିବାଦରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା,୨୩/୭ (ନି.ପ୍ର): ଖବର ସଂଗ୍ରହ କରିବାକୁ ଯାଇଥିବା ୱେବ୍ ପ୍ରୋଟାଲ ପ୍ରତିନିଧି ଭୀମସେନ ସେଠୀଙ୍କୁ ଏସପି ଅଫିଂସ ସମୁଖରେ ମହିଳା କନେଷ୍ଟବଳ ଜଣକ ମାଡ ମାରିଥିବା ଘଟଣା ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି । ବିଜେପି ପକ୍ଷରୁ ଚାଲିଥିବା ଧାରଣା ସ୍ଥଳରୁ ଏସପିଙ୍କୁ ସାକ୍ଷାତ କରିବାକୁ ଯାଇଥିବା ପ୍ରତିନିଧି ମଣ୍ଡଳୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଗଣ ମାଧମ ପ୍ରତିନିଧି ଓ ୱେବ୍ ପ୍ରୋଟାଲ ପ୍ରତିନିଧି ମାନେ ଅପେକ୍ଷା କରିଥିବା ବେଳେ ଏହି କନେଷ୍ଟବଳ ପିନୁ ନାୟକ ହଠାତ୍ ଭୀମସେନ ଙ୍କ କଲର ଧରି ଘୋସାରିବା ସହ ଅନ୍ୟ ପୋଲିସ ମାନେ ବାରଣ କରୁଥିବା ବେଳେ ମାଡ ମାରିଥିଲେ । ଏହାକୁ ନେଇ ଗୁରୁବାର ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେବା ସହ ଏକ ଭିଡିଓ କନଫରେସନ୍ସ ରେ ଯୋଗ ଦେବାକୁ ଆସିଥିବା ଜିଲ୍ଲାର ୫ ଜଣ ବିଧାୟକଙ୍କୁ ଗେଟ୍ ବନ୍ଦ କରି ଅଟକାଇ ଥିଲେ ଓ ନାରା ବାଜି ଦେଇଥିଲେ । ଏଭଳି ଅବସ୍ଥାରେ ବିଧାୟକ ମାନେ ଅସହାୟ ହୋଇ ୱେବ୍ ପ୍ରୋଟାଲ ପ୍ରତିନିଧିଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ଏସ୍‌ପି ସନ୍ଦିପ ମଡକର ଓ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କୁ ଏଭଳି ଉଦ୍‌ବେଗ ଜନକ ପରିସ୍ଥିତି ବିଷୟରେ ଅବଗତ କରାଇବେ ବୋଲି ପ୍ରତିଶୃତି ଦେଇଥିଲେ । ଏହାକୁ ନେଇ କିଛି ସମୟ ପାଇଁ ଜିଲ୍ଲା କାର୍ଯ୍ୟାଳୟ ପରିସର ଉତେଜନା ପୂର୍ଣ୍ଣ ରହିଥିଲା ।

# ନବ ନିଯୁକ୍ତ ବିଜେଡି ସଭାପତି ପ୍ରମୋଦ ସାହୁଙ୍କୁ ସମ୍ବର୍ଦ୍ଧନା

କନ୍ଧମାଳ,୨୩/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକର ନବ ନିଯୁକ୍ତ ବିଜେଡି ସଭାପତି ପ୍ରମୋଦ ସାହୁଙ୍କୁ ସ୍ଥାନୀୟ ବିଜେଡି କର୍ମୀ ଓ ସ୍ଥାନୀୟ ଜନସାଧାରଣ ବିପୁଳ ସ୍ୱାଗତ ଜଣାଇଛନ୍ତି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ସାହୁଙ୍କୁ ପୁନର୍ବାର ଦ୍ୱିତୀୟ ଥର ପାଇଁ ବ୍ଲକ ସଭାପତି ଦାୟିତ୍ୱ ଦେଇଥିବାରୁ ଅଂଚଳବାସୀ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି । ପ୍ରମୋଦ କୁମାର ସାହୁ ତୁମୁଡିବନ୍ଧ ବ୍ଲକର ସର୍ବାଙ୍ଗିନ ଉନ୍ନତି କରିବା ସହ ଉନ୍ନୟନ ମୁଳକ କାମ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଶ୍ରୀ ସାହୁ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର,ସାଂସଦ ଡଃ.ଅଚ୍ୟୁତ ସାମନ୍ତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏହି ଅବସରରେ କୃତଜ୍ଞତା ଜଣାଇଛନ୍ତି ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକର ପଂଚାୟତ ସଭାପତି ଜି ସାୟ ମଣ୍ଡଳ, ସରପଂଚ ଦମୟନ୍ତି ପାଟମାଝୀ, ରବି ପାଢ଼ୀ, ଅମୀୟ ପରାସେଠ କୁନା ଦଣ୍ଡସେନନା, ଗୋପାଳ ସାହୁଙ୍କ ସମେତ ବହୁ ଯୁବ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥରେ ବିଷାକ୍ତ ପାଉଁଶରେ ଲୋକେ ଅତିଷ୍ଠ : ସମ୍ପୁର୍ଣ୍ଣ ପାଉଁଶରେ ରାସ୍ତା ନିର୍ମାଣ

ଧର୍ମଶାଳା,୨୩/୭ (ନି.ପ୍ର): କରୋନା ମହାମାରୀ ସମୟରେ ଅନ୍ୟର ଜୀବନ ବଂଚାଇବା ପାଇଁ ସରକାରଙ୍କଠାରୁ ବଦାନ୍ୟ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ସହାୟତାର ହାତ ବଢାଉଛନ୍ତି । ଏଭଳି ପରିସ୍ଥିତିରେ ଲୋକଙ୍କୁ ଟିକେ ବିଶୁଦ୍ଧ ବାୟୁ ନିହାତି ଆବଶ୍ୟକ। ହେଲେ ଜାତୀୟ ରାଜପଥ ଠିକା ସଂସ୍ଥା ରାସ୍ତା ଉପରେ ବର୍ଜ୍ୟ ପାଉଁଶ ଗଦାଇ ବାୟୁ ମଣ୍ଡଳକୁ ମନୋମୁଖୀ ଭାବେ ବିଷାକ୍ତ କରିବା ସହ ଲୋକଙ୍କୁ ଏହି ବିଷାକ୍ତ ପରିବେଶରେ ବଂଚିବାକୁ ବାଧ୍ୟ କରୁଛି । ଏଥିନେଇ ଅଭିଯୋଗ ପରେ ରାଜ୍ୟପାଳଙ୍କ ତରଫରୁ ଜଙ୍ଗଲ ଓ ପରିବେଶ ବିଭାଗକୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜୁନ ୬ ତାରିଖରୁ ନିର୍ଦ୍ଦେଶ ନେଇ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏଥିନେଇ ଲୋକଙ୍କ ପ୍ରତିବାଦକୁ ମଧ୍ୟ ଗୁଣ୍ଡା ଓ ପୋଲିସ ବଳରେ ଚାପି ଦିଆଯାଉଛି । ଏ ସଂକ୍ରାନ୍ତରେ କେତେକ ବୁଦ୍ଧିଜୀବି ସୁପ୍ରୀମକୋର୍ଟ, ଲୋକପାଳ ଏବଂ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଚଳାଇଥିବାର ବିଶ୍ୱସ୍ଥ ସୁତ୍ରରୁ ଜଣାପଡିଛି। ଅଭିଯୋଗ ମୁତାବକ ଯାଜପୁର ଜିଲା ଚଣ୍ଡୀଖୋଲରୁ ଡୁବୁରୀ ଅଭିମୁଖେ ଯାଇଥିବା ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟରେ ହଜାର ହଜାର ଟ୍ରିପ ବର୍ଜ୍ୟ ପାଉଁଶ ଗଦା କରାଯାଇ ରାସ୍ତା ନିର୍ମାଣ କରାଯାଉଛି। ମଣିଷ କିମ୍ବା ଜୀବ ଜଗତ ନିଶ୍ୱାସ ପ୍ରଶ୍ୱାସରେ ଏହି ବର୍ଜ୍ୟ ପାଉଁଶ ଯିବା ଜୀବନ ପାଇଁ ଅତି ବିପଦ ଜନକ ହୋଇ ପଡିଛି। ପବନରେ ଏହି ପାଉଁଶ ଜାତୀୟ ରାଜପଥରେ ଉଡୁଥିବା ବେଳେ ରାସ୍ତାରେ ଘୁର୍ଣ୍ଣିଝଡ ଭଳି ଅତି ବିପଦ ଜନକ ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ସାଧାରଣ ଯାତ୍ରୀଙ୍କୁ ରାସ୍ତା ମଧ୍ୟ ଦେଖା ଯାଉନାହିଁ। ଏଥିପାଇଁ ଅନେକ ସ୍ଥାନରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଉଛି। ଜାତୀୟ ରାଜପଥ କଡରେ ଥିବା ଚାଷଜମି ଉପରେ ପାଉଁସର ଗୋଟିଏ ଆସ୍ତରଣ ପଡି ଜମିର ଉର୍ବରତା ନଷ୍ଟ ହୋଇ ଯାଉଛି। ଅନେକ କ୍ଷେତ୍ରରେ ଏହି ବର୍ଜ୍ୟ ପାଉଁଶ ବର୍ଷା ପାଣିରେ ଭାସି ଗାଁ ଗଣ୍ଡାରେ ଏବଂ ଚାଷଜମି ଉପରେ ଏକ ଆସ୍ତରଣ ସୃଷ୍ଟି କରିଛି। କେତେକ ଗାଁରେ ଥିବା କୂଅ ପୋଖରୀରେ ଏହି ପାଉଁସ ଉଡି ପଡିବା ଫଳରେ ପାଣି ସଂପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇଛି। କୂଅ ପାଣି ବ୍ୟବହାର ଅନୁପଯୋଗୀ ହୋଇ ପଡିବାରୁ ଲୋକେ ସେମାନଙ୍କ କୂଅକୁ ଉଝାଳିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଅନ୍ୟାୟକୁ ଅନେକ ସ୍ଥାନରେ ଲୋକେ ବିରୋଧ କରୁଥିଲେ ମଧ୍ୟ ଗୁଣ୍ଡାଙ୍କ ନାଲି ଆଖି ଏବଂ ପୋଲିସ ଧମକରେ ଲୋକଙ୍କ ସ୍ୱରକୁ ଦବାଇ ଦିଆ ଯାଉଛି। ଏପରିକି ଏହି ଘଟଣାରେ କଥା କଥାକେ ଠିକା ସଂସ୍ଥା ଯାଜପୁର ଏସ.ପିଙ୍କ ନାମକୁ ନେଉଛନ୍ତି। ଜାତୀୟ ରାଜପଥ କଡରେ ଥିବା ଗାଁ ଗୁଡିକରେ ଲୋକେ ନିଜ ଘରେ ବି ରହି ପାରୁ ନାହାନ୍ତି। ସାଧାରଣ ଲୋକେ ଆଇନ କାନୁନ ନେଇ ସଚେତନ ନଥିବା ବେଳେ ଆଇନର ରକ୍ଷକ ସାଜିଥିବା ପ୍ରଶାସନ ଏ କ୍ଷେତ୍ରରେ ଏଭଳି ଅନ୍ୟାୟ ଏବଂ ଚରମ ଅବିବେକିତାପୂର୍ଣ୍ଣ କାର୍ଯ୍ୟକୁ ସୁରକ୍ଷା ଦେବା ଅନ୍ତରାଳରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ଏଥିନେଇ ମଧ୍ୟ ଲୋକେ ସିଧାସଳଖ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଠିକା ସଂସ୍ଥାର ମାଲିକଙ୍କୁ ଫୋନ କରି ଏଭଳି ପାଉଁଶ ଝଡକୁ ବନ୍ଦ କରିବାକୁ ଯାଇ ଏହାକୁ ରାସ୍ତାରେ ଆଉ ବର୍ଜ୍ୟ ପାଉଁଶ ନପକାଇବା ସହ ଆମକୁ ବଂଚିବାକୁ ଦିଆଯାଉ ବୋଲି ଆକୁଳ ନିବେଦନ କରିଥିଲେ। ହେଲେ ଏହାର କୌଣସି ସୁଫଳ ମିଳିନାହିଁ। ଏଥିନେଇ ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଂଚ ସଭାପତି ତଥା ସଡକ ସୁରକ୍ଷା କମିଟି ସଭ୍ୟ ସତୀଶ ବିଶ୍ୱାଳ ମାନ୍ୟବର ସୁପ୍ରୀମକୋର୍ଟ, ହାଇକୋର୍ଟ ମୁଖ୍ୟ ବିଚାରପତି, ଲୋକପାଳ ଏବଂ ମାନବାଧିକାର କମିଶନଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଉନ୍ନୟନ କାର୍ଯ୍ୟ ଲୋକଙ୍କ ମଙ୍ଗଳ ପାଇଁ କରାଯାଏ। ଲୋକଙ୍କ ଜୀବନକୁ ବିପଦ ବଳୟକୁ ନେଇ କୌଣସି ଉନ୍ନୟନ କାର୍ଯ୍ୟ ବିଧି ସମ୍ମତ ନୁହେଁ। ଏଠାରେ ରାସ୍ତା ନିର୍ମାଣ ଆଳରେ ଯେଉଁଭଳି ଲୋକଙ୍କ ଜୀବନକୁ ସଙ୍କଟରେ ପକା ଯାଉଛି ତାହା ସଂପୂର୍ଣ୍ଣ ମାନବାଧିକାରର ଉଲଂଘନ। ରାସ୍ତାର ପ୍ରାୟ ୮୦ ଭାଗ ଅଂଶରେ ଆବଶ୍ୟକ ହେଉଥିବା ମୋରମ, ଚିପ୍ସ, ମାଟି ଆଦି ଅନ୍ୟ ସାମଗ୍ରୀ ଦିଆ ନଯାଇ କେବଳ ବର୍ଜ୍ୟ ପାଉଁଶରେ ନିର୍ମାଣ ହେଉଛି। ଏହି ବର୍ଜ୍ୟ ପାଉଁଶକୁ ଆବଶ୍ୟକ ରୋଲିଂ ମଧ୍ୟ କରାଯାଉ ନାହିଁ। ରାସ୍ତାରେ ଗଦା ହେଉଥିବା ବର୍ଜ୍ୟ ପାଉଁଶ କଡରେ ଏବଂ ଉପରେ ନାମକୁ ମାତ୍ର ମୋରମ ପକାଯାଇ ଏହି ବର୍ଜ୍ୟ ପାଉଁଶକୁ ଘୋଡାଇବାକୁ ଚେଷ୍ଟା କରାଯାଉଛି। ଫଳରେ ରାସ୍ତାର କଡରୁ ଯେ କେହି ରାସ୍ତାକୁ ଲକ୍ଷ କଲେ ବର୍ଜ୍ୟ ପାଉଁଶରେ ସଂପୂର୍ଣ୍ଣ ରାସ୍ତା ନିର୍ମାଣ ହୋଇଥିବାର ଜଣା ପଡୁନାହିଁ। ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ନିର୍ମାଣ ଶୈଳୀକୁ ଉଲଂଘନ କରାଯାଇ ଏଭଳି ନିର୍ମାଣ କରାଯାଉଛି। ଏହାଦ୍ୱାରା ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶାକାହାରୀ ହେବାକୁ ଚାହୁଁଛନ୍ତି କି ?

**ଯଦି ଆପଣ ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ ଓ ଆମିଷ ଭୋଜନ ପରିତ୍ୟାଗ କରି ଶୁଦ୍ଧ ଶାକାହାରୀ ହେବାକୁ ଚାହୁଁଛନ୍ତି ତା' ହେଲେ ଆପଣଙ୍କୁ କିଛି ଉପାୟ ଅବଲମ୍ବନ କରିବାକୁ ହେବ । ଏହି ଉପାୟ ଗୁଡ଼ିକ ଆପଣଙ୍କ ପାଇଁ ଉପାଦେୟ ହୋଇପାରେ...**

**ମୋଟିଭେଟ୍ ରୁହନ୍ତୁ:**
ଯଦି ଆପଣ ନନ୍‌ଭେଜ ଡାଏଟ୍ ଆପଣେଇବାକୁ ଚାହୁଁଛନ୍ତି, ତା' ହେଲେ ଆପଣଙ୍କୁ ସେଥିପାଇଁ ଉପଯୁକ୍ତ ଓ ଉତ୍ତମ କାରଣ ଖୋଜିବା ଦରକାର । ଏହି କାରଣଗୁଡ଼ିକ ଆପଣଙ୍କୁ ଶୁଦ୍ଧ ନିରାମିଶ ଖାଦ୍ୟ ଖାଇବାକୁ ଉତ୍ସାହିତ କରିବ । ତେଣୁ ଆପଣ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ ଯେ କେଉଁ କାରଣରୁ ଆପଣ ନନ୍‌ଭେଜ ଛାଡ଼ିବାକୁ ଚାହୁଁଛନ୍ତି ।

**ବଢ଼ିଆ ରେସିପି ଖୋଜନ୍ତୁ:**
ନନ୍‌ଭେଜ ଛାଡ଼ିବା ପରେ ହୁଏତ ଆପଣ ସ୍ୱାଦକୁ ନେଇ ଅସନ୍ତୁଷ୍ଟ ରହିପାରନ୍ତି । ଅର୍ଥାତ୍ ଭେଜିଟେରିଆନ୍ ବା ନିରାମିଶ ଖାଦ୍ୟ ଆପଣଙ୍କୁ ରୁଚି ନ ପାରେ । ଆପଣ ଭାବିପାରନ୍ତି ଯେ 'ଘାସ ପତ୍ର ଖାଇ ଜିଭଟା ସ୍ୱାଦ ଭୁଲିଗଲାଣି' । ତେଣୁ ଆମିଷ ଯେତେବେଳେ ଛାଡ଼ିବାକୁ ଚାହୁଁଛନ୍ତି, ନିରାମିଷ ଖାଦ୍ୟର ବଢ଼ିଆ ବଢ଼ିଆ ରେସିପି ଖୋଜି ବାହାର କରନ୍ତୁ । ଏଥିପାଇଁ ଆପଣ ଇଣ୍ଟରନେଟ୍‌ର ସହାୟତା ନେଇପାରନ୍ତି ।

**ଧୀରେଧୀରେ ଛାଡ଼ନ୍ତୁ ନନ୍‌ଭେଜ୍:**
ଯଦି ଆପଣ ଏକାଥରେ ନନ୍‌ଭେଜ ଖାଦ୍ୟକୁ ନା କରିପାରୁନାହାନ୍ତି, ତା' ହେଲେ ଧୀରେଧୀରେ ଛାଡ଼ିବା ଅଭ୍ୟାସ କରନ୍ତୁ । ଧୀରେ ଧୀରେ ନିଜ ଭୋଜନରେ ନିରାମିଷ ଖାଦ୍ୟ ପଦାର୍ଥର ମାତ୍ରା ବଢ଼ାନ୍ତୁ । ପ୍ରତି ସପ୍ତାହରେ ନୂଆ ନୂଆ ଭେଜ୍ ରେସିପି ଆପଣଙ୍କୁ ଏଥିରେ ସାହାଯ୍ୟ କରିବ । ବିଭିନ୍ନ ପତ୍ରପତ୍ରିକା, ଇଣ୍ଟରନେଟ୍‌ରୁ ନୂଆ ନୂଆ ନିରାମିଷ ଖାଦ୍ୟ ସମ୍ପର୍କରେ ଜାଣନ୍ତୁ ଓ ତାହାକୁ ଘରେ ପ୍ରସ୍ତୁତ କରିବାକୁ ଚେଷ୍ଟା କରନ୍ତୁ । ମନେରଖନ୍ତୁ, ଯଦି ଆପଣ ନନ୍‌ଭେଜ ଛାଡ଼ିବାକୁ ଚାହୁଁଛନ୍ତି, ତା' ହେଲେ ପ୍ରଥମେ ରେଡ୍‌ମିଟ୍‌ରୁ ହିଁ ଆରମ୍ଭ କରନ୍ତୁ । ଏହାପରେ ଧୀରେ ଧୀରେ ଅନ୍ୟ ଆମିଷ ସାମଗ୍ରୀ ଖାଇବା ଛାଡ଼ନ୍ତୁ ।

**ନୂଆ ଡାଏଟ୍ ପ୍ଲାନ୍ କରନ୍ତୁ:**
ଆପଣ ଯେଉଁ ଖାଦ୍ୟ ପ୍ରତ୍ୟେକ ଦିନ ଖାଆନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଏହ ପରେ ଦେଖନ୍ତୁ ଯେ, ଆପଣଙ୍କର ପୁରୁଣା ନନ୍‌ଭେଜ୍ ଡାଏଟ୍‌ର ଭେଜ୍ ବିକଳ୍ପ କ'ଣ ହୋଇପାରେ । ଅର୍ଥାତ୍ କେଉଁ ଆମିଷ ଖାଦ୍ୟ ବଦଳରେ ଆପଣ କେଉଁ ନିରାମିଷ ଖାଦ୍ୟ ଖାଇପାରିବେ ତାହା ଦେଖନ୍ତୁ । ନୂଆ ବିକଳ୍ପ ସହାୟତାରେ ନୂଆ ତାଲିକା ପ୍ରସ୍ତୁତ କରନ୍ତୁ, ଯେଉଁଥିରେ କେବଳ ଭେଜ୍ ଡାଏଟ୍ ସାମିଲ ଥିବ ।

**ଜଙ୍କଫୁଡ୍‌ରୁ ଦୂରେଇ ରୁହନ୍ତୁ:**
ଭେଜିଟେରିଆନ୍ ଡାଏଟ୍ ଆରମ୍ଭ କରିବାର ଅର୍ଥ ଆପଣଙ୍କୁ ଜଙ୍କ୍ ଫୁଡ୍ ଖାଇବାରେ ଲାଇସେନ୍ସ ମିଳିଗଲା ବୋଲି ଭାବନ୍ତୁ ନାହିଁ । ଯଦି ଏଭଳି ହେଉଛି ତା' ହେଲେ ଭୋଜନରେ ଆପଣ ଫଳ ଏବଂ ପନିପରିବାର ପରିମାଣ ବଢ଼ାଇ ଦିଅନ୍ତୁ । ଚୋପା ଥିବା ଶସ୍ୟ, ବିନ୍‌ସ, ନଟ୍‌ସ, ସୋୟା ପ୍ରୋଟିନ୍ ଏବଂ ଅନ୍ୟ ପୋଷଣ ଆପଣଙ୍କର ସହାୟତା କରିପାରେ ।

**ନୂଆ ଜିନିଷ ଟ୍ରାଏ କରନ୍ତୁ:**
ଶାକାହାରୀ ହେବାର ସବୁଠୁ ବଡ଼ ଲାଭ ଏହା ଯେ, ଆପଣଙ୍କୁ ଏହା ଦ୍ୱାରା ନୂଅ ଜିନିଷ ଟ୍ରାଏ କରିବାର ପ୍ରେରଣା ମିଳେ । ଏହାର ଲାଭ ଉଠାନ୍ତୁ ଏବଂ ଇଣ୍ଟରନେଟ୍ କିମ୍ୱା ରେସିପି ବୁକ୍‌ସ ସହାୟତାରେ ଅନ୍ୟ ଦେଶର ଭେଜ୍ ରେସିପିର ସ୍ୱାଦ ନିଅନ୍ତୁ ।

**ପରିବାର ଏବଂ ବନ୍ଧୁଙ୍କ ଭୂମିକା:**
ଯଦି ଆପଣ ଶାକାହାରୀ ହେବାକୁ ଯାଉଛନ୍ତି, ତା'ହେଲେ ଆପଣଙ୍କୁ ପରିବାର ଏବଂ ବନ୍ଧୁମାନଙ୍କ ସହ ଏ ବିଷୟରେ ଆଲୋଚନା କରିବାକୁ ହେବ । କାରଣ ନନ୍ ଭେଜ ବନ୍ଦ କରିବା ପରେ ମଧ ଆପଣ ସେମାନଙ୍କ ସହିତ ଖାଦ୍ୟ ଖାଇବେ । ଏଭଳି ସ୍ଥିତିରେ ସେମାନଙ୍କୁ ଆପଣ ଏ ବାବଦରେ ଜଣାଇଦେବା ଆପଣଙ୍କ ପାଇଁ ଭଲ ହେବ ।

**ମଜା ନିଅନ୍ତୁ:**
ସବୁଠାରୁ ଜରୁରୀ ବିଷୟ ହେଉଛି, ଆପଣ ପରବର୍ତ୍ତିତ ଡାଏଟ୍‌ରୁ ମଜା ନିଅନ୍ତୁ । ଆପଣ ଆମିଷ ବଦଳରେ ନିରାମିଷ ଭୋଜନ କରିବାକୁ ଚାହୁଁଛନ୍ତି, ଏହାକୁ ନେଇ ଖୁସି ହୁଅନ୍ତୁ ଓ ଏନ୍‌ଜୟ କରନ୍ତୁ । ନିୟମିତ ଭଲ ଭଲ ଖାଇବା ଆପଣଙ୍କୁ ଏଥିରେ ସହାୟତା କରିପାରେ ।

**ଆମିଷ ଭକ୍ଷଣ, ଅନେକଙ୍କ ଭୋକର କାରଣ:**
କୁକୁର, ବିରାଡ଼ିଙ୍କୁ ଆମେ ସଉକ ପାଇଁ ରଖୁ ॥ ଆଉ କିଛି ପ୍ରାଣୀଙ୍କୁ ଆମେ ପୋଷିକରି ରଖିଥାଉ, ତା' ପଛରେ ଥାଏ ଆମର ମାଂସ ଭକ୍ଷଣ ଲାଳସା । ଯେମିତିକି କୁକୁଡ଼ା, ବତକ, ଛେଳି, ମେଣ୍ଢାଙ୍କୁ ଆମେ ପାଳିପୋଷି ବନ କରୁ । ଖୁଆଇ ପିଆଇ ପିଆଇ ହୃଷ୍ଟପୁଷ୍ଟ କରୁ । ପରେ ସେମାନଙ୍କୁ ମାରି ସେମାନଙ୍କ ମାଂସ ଖାଉ । ମାଂସ ବା ଆମିଷ ଖାଇବାରେ ଆମେ ଆନନ୍ଦ ପାଉ । ଏମିତିକି ଜନ୍ମଦିନ, ବିବାହବାର୍ଷିକୀ, ବିବାହ ଉତ୍ସବ ପାର୍ଟି ଫଙ୍କସନ୍, ପିକ୍‌ନିକ୍ ଆଦିରେ ଆମେ ମାଂସାହାର ବା ଆମିଷ ଭୋଜନ କରିବାକୁ ସୁଖ ପାଉ । ଭୋଜି ଭାତରେ ମଟନ୍, ଚିକେନ୍ ନଥିଲେ ଅନେକଙ୍କ ମୁହଁ ଶୁଖିଯାଏ । ତେବେ ଆମାମନଙ୍କ ମଧ୍ୟରୁ ଅନେକେ ହୁଏତ କେବେ ଭାବି ନଥିବେ ଯେ କିଛି ଲୋକଙ୍କ ନନ୍‌ଭେଜ ବା ଆମିଷ ଭକ୍ଷଣ ଲାଳସା ଅନେକଙ୍କ ଭୋଗର କାରଣ ପାଲଟିଥାଏ । ପିପୁଲ୍ ଫର୍ ଦ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍‌ସ (ପେଟା) ପ୍ରଦତ୍ତ ତଥ୍ୟ ମୁତାବକ, ନିଜେ ଆମିଷ ଖାଇବା ଓ ଅନ୍ୟଙ୍କୁ ଖୁଆଇବା ଅର୍ଥାତ୍ ମାଂସ ଆଦିର ବ୍ୟବସାୟ ବା ବିକ୍ରି ପାଇଁ ପ୍ରାଣୀଙ୍କୁ ପୋଷିବା, ସେମାନଙ୍କ ବଂଶ ବଢ଼ାଇବା ଆଦୌ ଶୁଭଙ୍କର ନୁହେଁ । କାରଣ ପ୍ରାଣୀମାନେ ଅଧିକ ଖାଆନ୍ତି । ସେମାନେ ଯେତିକି ଖାଆନ୍ତି ଶସ୍ୟ ଖାଅନ୍ତି, ତା' ତୁଳନାରେ କମ୍ ମାଂସ, ଅଣ୍ଡା ଓ କ୍ଷୀର ଭଳି ଡେରି ପ୍ରଡକ୍ଟ ଦେଇଥାନ୍ତି । ଗୋଟିଏ କିଲୋ ମାଂସ ପାଇଁ ପ୍ରାଣୀଙ୍କୁ ୧୦ କିଲୋଗ୍ରାମରୁ ଅଧିକ ଶସ୍ୟ ଖୁଆଇବାକୁ ପଡ଼ିଥାଏ । ୱାର୍ଲ୍ଡ ୱାଚ୍ ଇନ୍‌ଷ୍ଟିଚ୍ୟୁଟ୍‌ର ତଥ୍ୟ ଅନୁସାରେ, ବିଶ୍ୱର ପ୍ରତି ୬ ଜଣରେ ଜଣେ ବ୍ୟକ୍ତି ଖାଦ୍ୟାଭାବରୁ ଭୋକରେ ରହେ । ଏଭଳି ପରିସ୍ଥିତିରେ ମାଂସ ଖାଇବା ପାଇଁ ପ୍ରାଣୀଙ୍କୁ ପୋଷିବା ଶସ୍ୟ ବରବାଦ କରିବା ସହିତ ସମାନ । ଏହାକୁ ଶସ୍ୟର ଦୁରୁପଯୋଗ କୁହାଗଲେ ମଧ ଭୁଲ୍ ହେବ ନାହିଁ ।



ପେଟାର ୱେବ୍‌ସାଇଟ୍ ଦର୍ଶାଉଛି ଯେ, ପ୍ଲାଣ୍ଟ୍ ବେସ୍‌ଡ ଡାଏଟ୍ ଅର୍ଥାତ୍ ନିରାମିଷ ଭୋଜନ ବା ଶାକାହାର ବିଶ୍ୱକୁ ଭୋକ, ଖାଦ୍ୟାଭାବ ଜନିତ ମୃତ୍ୟୁକୁ ଦୂର କରିପାରିବ । ୨୦୫୦ ମସିହା ପର୍ଯ୍ୟନ୍ତ ଆନୁମାନିକ ୯୦୦ କୋଟି ଲୋକଙ୍କ ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦି ପୋଷି ମୋଟ ଉତ୍ପାଦନର ୪୦ ପ୍ରତିଶତ ଶସ୍ୟ ସେମାନଙ୍କୁ ଖୁଆଇବା ବଦଳରେ ସିଧା ମଣିଷଙ୍କ କାମରେ ଆସିଲେ ହିଁ ଏହା ସମ୍ଭବ ହୋଇପାରିବ । ଅର୍ଥାତ୍ ଆମିଷ ବଦଳରେ ନିରାମିଷାଶୀ ଲୋକଙ୍କ ସଂଖ୍ୟା ବଢ଼ିଲେ ହିଁ ପୃଥିବୀର ସମସ୍ତ ମଣିଷ ଭଲରେ ମୁଠାଏ ଖାଇବାକୁ ପାଇବେ । ପେଟା, ଇଣ୍ଡିଆର ତଥ୍ୟ ଅନୁସାରେ, ଏକ ଶୁଦ୍ଧ ନିରାମିଷ ଭୋଜନ ପାଇଁ ପ୍ରତିଦିନ ୧୧୩୭ ଲିଟର ପାଣି ଆବଶ୍ୟକ ହେଉଥିବାବେଳେ ମାଂସ ଆଧାରିତ ଭୋଜନ ପାଇଁ ପ୍ରତିଦିନ ୧୫ ହଜାର ଲିଟରରୁ ଅଧିକ ପାଣି ଦରକାର ହୋଇଥାଏ ।

**ମାଂସାହାର ଅନେକ ରୋଗର କାରଣ:**
ୱାର୍ଲ୍ଡ ହେଲ୍‌ଥ ଅର୍ଗନାଇଜେସନ୍ (ହୁ) ବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମାନ କରିଛି ଯେ, ପ୍ରତ୍ୟେକ ବର୍ଷ ଜୁନୋସିସ୍ (ପଶୁ, ପକ୍ଷୀଙ୍କ ସଂସ୍ପର୍ଶରୁ ମଣିଷକୁ ହେଉଥିବା ରୋଗ) କାରଣରୁ ପ୍ରାୟ ୧୦୦ କୋଟି ଲୋକ ରୋଗରେ ପଡ଼ିଥାନ୍ତି ଓ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥାନ୍ତି । ପେଟା ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ, ଆପଣଙ୍କ ହୃଦ୍‌ରୋଗ, ମୋଟାପଣ, କ୍ୟାନ୍‌ସର, ମଧୁମେହ ଆଦି ରୋଗ ଭୋଗିବାର ଯଥେଷ୍ଟ ଆଶଙ୍କା ରହିଛି । ଏମିତିକି ଏହି କାରଣରୁ ଆପଣ ନପୁଂସକ ବି ହୋଇଯାଇପାରନ୍ତି । ଗବେଷଣାରୁ ଏହା ମଧ ଜଣାପଡ଼ିଛି ଯେ ନିରାମିଷ ଭୋଜନ କରୁଥିବା ଲୋକମାନଙ୍କୁ କିଛି ନିର୍ଦ୍ଦିଷ୍ଟ ପ୍ରକାର କ୍ୟାନ୍‌ସର ହେବାର ଆଶଙ୍କା ପଚାଶ ପ୍ରତିଶତ କମ୍ ହୋଇଥାଏ ।

**ଭେଜିଟେରିଆନ୍ ଓ ୱିଗନ୍ ମଧ୍ୟରେ ଫରକ୍:**
ଭେଜିଟେରିଆନ୍ ଓ ୱିଗନ୍ ଶବ୍ଦ ଆମେ ଅନେକଥର ଶୁଣିଛୁ । ହେଲେ ଏହି ଶବ୍ଦ ଦୁଇଟିର ଅର୍ଥକୁ ନେଇ ଆମେ ସବୁବେଳେ ଦ୍ୱନ୍ଦ୍ୱରେ ପଡ଼ିଥାଉ । ପେଟା, ଅନୁସାରେ, ଭେଜିଟେରିଆନ୍ ବା ନିରାମିଷ ଖାଦ୍ୟ ଖାଉଥିବା ଲୋକମାନେ କୌଣସି ବି ପ୍ରାଣୀକୁ ନିଜ ଖାଦ୍ୟରେ ସାମିଲ କରନ୍ତି ନାହିଁ । ଅର୍ଥାତ୍ ମାଂସ ଖାଆନ୍ତି ନାହିଁ । ମାତ୍ର ୱିଗନମାନେ ପ୍ରାଣୀଙ୍କଠାରୁ ମିଳୁଥିବା କୌଣସି ଉତ୍ପାଦ ବା ସାମଗ୍ରୀ ଖାଆନ୍ତି ନାହିଁ ଯେମିତିକି ଅଣ୍ଡା, କ୍ଷୀର ଓ ପନିର ଇତ୍ୟାଦି ।

## ମଙ୍ଗୌଡ଼ି ପାମ୍ପଡ଼ ତରକାରି

ମୁଗ ଡାଲିକୁ ଭିଜାଇ ପେଷ୍ଟ କରି ତାହାକୁ ବଡ଼ି ଆକାରରରେ କରି ଖରାରେ ଶୁଖାଇ ଦିଆଯାଏ । ଶୁଖିଗଲା ପରେ ତାହାକୁ ଡବାରେ ରଖି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ ।



**ଆବଶ୍ୟକ ସାମଗ୍ରୀ:**
ମଙ୍ଗୌଡ଼ି- ଅଧା କପ୍, ମାଧମ ଆକାରର ପାମ୍ପଡ଼-୨ଟି, କଦୁକଷ ହୋଇଥିବା ଅଦା-୧ ଛୋଟ ଚାମଚ, କଞ୍ଚା ଲଙ୍କା-୧ଟି, ଜିରା- ୧ ଚାମଚ, ହିଙ୍ଗୁ- ୧ ଚୁଟ୍‌କି, ହଳଦୀ-୧/୪ ଚାମଚ, ଧନିଆ ପାଉଡର-୧/୨ ଚାମଚ, ଲଙ୍କା ପାଉଡର-୧/୨ ଚାମଚ, ସ୍ୱାଦ ଅନୁସାରେ ଲୁଣ, ଘିଅ-୧/୨ ଚାମଚ, ଗରମ ମସଲା-୧/୨ ଚାମଚ, ପାଣି-୨ କପ୍, କଟା ଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ:**
କଞ୍ଚା ଲଙ୍କାକୁ କଟା ହେବ । କୁକର୍‌ରେ ଘିଅ ଗରମ କରି ସେଥିରେର ଜିରା ପକାଇ କିଛି ସମୟ ରଖନ୍ତୁ । ଏବେ ସେଥିରେ ହିଙ୍ଗୁ ପକାନ୍ତୁ । କଦୁକଷ ହେଇଥିବା ଅଦାକୁ ପକାଇ ଭାଜନ୍ତୁ । ଏବେ ସେଥିରେ ମଙ୍ଗୌଡ଼ି ପକାନ୍ତୁ । ମଙ୍ଗୌଡ଼ି ଭାଜି ହେବା ପାଇଁ ୨-୩ ମିନିଟ୍ ଲାଗିବ । ଏବେ ସେଥିରେ କଞ୍ଚା ଲଙ୍କା, ଲୁଣ, ଲଙ୍କା ପାଉଡର, ହଳଦୀ ଓ ଧନିଆ ପାଉଡର ଦେଇ ଭଲ ଭାବରେ ମିଶାଇ ଦିଅନ୍ତୁ । ତା' ପରେ ସେଥିରେ ଦୁଇ କପ୍ ପାଣି ମିଶାଇ ଫୁଟାନ୍ତୁ । କୁକର୍‌ରେ ଘୋଡ଼ଣୀ ହୋଇ ଗୋଟେ ସିଟି ମାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କଡ଼ାଇରେ ରାନ୍ଧୁଥିଲେ ମଧମ ଆଞ୍ଚରେ ମଙ୍ଗୌଡ଼ି ସିଝିବା ପର୍ଯ୍ୟନ୍ତ ତରକାରିକୁ ଘୋଡ଼େଇ ରଖନ୍ତୁ । ପାମ୍ପଡ଼କୁ ଦେଢ଼ ବା ଦୁଇ ଇଞ୍ଚ୍‌ର ଭାଙ୍ଗି ମଙ୍ଗୌଡ଼ିରେ ପକାନ୍ତୁ । ୨-୩ ମିନିଟ୍ ଆଞ୍ଚରେ ରଖନ୍ତୁ । ତରକାରିରେ ପାଣି କମ୍ ହୋଇଗଲେ ଗରମ ପାଣି ମିଶାଇ କିଛି ସମୟ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ଧନିଆ ପତ୍ର ପକାଇ ସର୍ଭ କରନ୍ତୁ । ଏହି ତରକାରୀ ପରଟା, ପୁରି ଓ ଭାତ ସହିତ ମଧ ଖାଇପାରିବେ ।

## ହେଡଫୋନ୍ ମାପିବ ରକ୍ତଚାପ

ଆପଲ୍ କମ୍ପାନୀରେ କାର୍ଯ୍ୟରତ ଜଣେ ଇଂଜିନିୟର ଏଇ ତଥ୍ୟ ପ୍ରକାଶ କରିଥିଲେ । ନାମକରା କମ୍ପାନୀ ଆପଲ ହିଁ ପ୍ରଥମେ ଏହାକୁ ବଜାର ପ୍ରବେଶ କରାଇବ ବୋଲି ସ୍ଥିର ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ । ଏଇ ହେଡଫୋନ ସହ ଏକ ଛୋଟ ଏଲ ଇ.ଡି. ସ୍କ୍ରିନ୍ ସଂଲଗ୍ନ ରହିଛି । ଏଥିରେ ଆପଣଙ୍କର ହୃଦବେଗ ସହିତ ରକ୍ତଚାପ ଦୃଶ୍ୟମାନ ହେବ । ଆଗାମୀ ଦିନରେ ପ୍ରତ୍ୟେକ ଆପଲ ଫୋନରେ ଏଇ ଆପ୍ଲିକେସନ ମଧ ରହିବ । ଏହା କିନ୍ତୁ ଏକ ସ୍ୱତନ୍ତ୍ର ପାସୱାର୍ଡ ସହାୟତାରେ ହିଁ କାର୍ଯ୍ୟକରିବ । ଆପଣ ଏହାକୁ କାର୍ଯ୍ୟକାରୀ କରିବାର ମାତ୍ର ୩ମିନିଟ୍ ଭିତରେ ସ୍କ୍ରିନରେ ଏହା ସବୁକିଛି ଦେଖାଇବ । ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଏହା ସର୍ବପ୍ରଥମେ ଜାପାନ ବଜାରରେ ପ୍ରବେଶ କରିବ । କେବଳ ଆପଲ୍ ଫୋନ୍‌ରେ ଏହା କାର୍ଯ୍ୟ କରିବ ଓ ଏହାର ମୂଲ୍ୟ ପ୍ରାୟ ୪୫ହଜାର ଟଙ୍କା ମଧରେ ରହିବ ବୋଲି ଅନୁମାନ କରାଯାଉଛି ।

## କାନ୍ଥକୁ ଦିଅନ୍ତୁ ନୂଆ ଲୁକ୍

ଘରର ସାଜସଜ୍ଜା କେବଳ ଆସବାବପତ୍ର ଉପରେ ନିର୍ଭର କରେ ନାହିଁ । ଘର କାନ୍ଥକୁ ଯଦି ଡେକୋରେଟ୍ କରାଯାଏ ତେବେ ଘର ଦିଶିବ ଆକର୍ଷଣୀୟ । କାନ୍ଥକୁ କେମିତି ଡେକୋରେଟ୍ କରିବେ ଆସନ୍ତୁ ଜାଣିବା ।




***ଡାର୍କ କଲର:*** ଯଦି ଆପଣଙ୍କ ଘର କାନ୍ଥ ଫିକା କିମ୍ୱା ଧଳା ରଙ୍ଗର ଥାଏ ତା' ହେଲେ କାନ୍ଥର କୌଣରରସି ଗୋଟିଏ ଭାଗକୁ ଗାଢ଼ ରଙ୍ଗରେ ପେଣ୍ଟ କରି ନିଅନ୍ତୁ ।ଏବେ ନୀଳ ଏବଂ ଧୂସରର ଗାଢ଼ ରଙ୍ଗ ଟ୍ରେଣ୍ଡରେ ଅଛି । କାନ୍ଥରେ ଫ୍ରେମ୍ ଥିବା ଏକ ବଡ଼ ଆଇନା ଲଗାନ୍ତୁ । ବାସ୍ ଦେଖିବେ ଆପଣ ଘର ଭିତର କେମିତି ଚମକି ଉଠିବ ।

***ମେଟାଲିକ୍ ଟଚ୍:*** କପର, ବ୍ରୋଞ୍ଜ, ସିଲଭର, ଗୋଲ୍ଡ ଭଳି ମେଟାଲିକ ରଙ୍ଗରେ କୌଣସି ଏକ ନିର୍ଦ୍ଦିଷ୍ଟ କାନ୍ଥକୁ ହାଇଲାଇଟ୍ କରନ୍ତୁ । ପେଣ୍ଟ କରିବା ପରେରର କାନ୍ଥକୁ ସଜାଇବା ଭୁଲନ୍ତୁ ନାହିଁ । ଆପଣ କାଠ ଫ୍ରେମ୍‌ର କୌଣସି ବଡ଼ ଫଟୋକୁ କାନ୍ଥରେ ଝୁଲାଇ ପାରିବେ ।

***ଫ୍ଲୋରାଲ ଡିଜାଇନ୍:*** ଯଦି ଆପଣ ଘର କାନ୍ଥକୁ ଫ୍ଲୋରାଲ ଟଚ୍ ଦେବାକୁ ଚାହୁଁଛନ୍ତି ତେବେ ଛୋଟ ଛୋଟ ଫ୍ଲୋରାଲ୍ ପାଟର୍ନ ୱାଲ୍‌ରେ ସଜାନ୍ତୁ । ହାଲୁକା ରଙ୍ଗରର ଫ୍ଲୋରାଲ୍ ଡିଜାଇନ ଆପଣଙ୍କ ଘରକୁ ଦେବ ଯାଦୁକରି ସ୍ୱର୍ଶ । ପେଣ୍ଟ କରିବାକୁ ଚାହୁଁ ନଥିଲେ ଫ୍ଲୋରାଲ ଷ୍ଟିକରରେର ସଜାଇପାରିବେ ।



***ଟେକ୍ସଚର:*** ଗୋଟିଏ ପ୍ରକାର ରଙ୍ଗ ନିଶ୍ଚିତ ଭାବେ ମନରେ ବିରକ୍ତି ଭାବ ସୃଷ୍ଟି କରେର । ଗୋଟିଏ ପ୍ରକାର ରଙ୍ଗରେରର ଘରର ସୌନ୍ଦର୍ଯ୍ୟ କମ୍ ହୁଏ । ତେରୁ କାନ୍ଥକୁ ବିଭିନ୍ନ ପ୍ରକାର ଟେକ୍ସଚରରେ ସଜାନ୍ତୁ । ୱେନେସିୟନ ପ୍ଲାଷ୍ଟର ଟ୍ରାଏ କରନ୍ତୁ । ଏଥିରେ ମଲ୍ଟିଡାଇମେନ୍ସିଆଲ ଲୁକ୍ ମିଳିଥାଏ । ଆପଣରର ଗ୍ରେନିଙ୍ଗ୍ ଇଫେକ୍ଟ ବି ପାଇପାରିବେ । ଉଡ୍-ଗ୍ରେନ୍ ଫିନିଶ୍ କାନ୍ଥ ବେଶି ସୁନ୍ଦର ଲାଗିଥାଏ ।

***ୱାଲ୍ ପେପର୍:*** ୱାଲ୍ ପେପର ବି ଘରରକୁ ଦେଇପାରିବ ନୂଆ ଲୁକ୍ । ଡିଜାଇନର୍ ପେଣ୍ଟ ବଦଳରେ ୱାଲ ପେପର୍ ବ୍ୟବହାର କରନ୍ତୁ । ୱାଲ୍ ପେପର୍ ବାଛିବା ସମୟରେ ଧ୍ୟାନ ରଖିବେ ଯେ ଆପଣଙ୍କ ଘର କାନ୍ଥ ଅନ୍ୟାନ୍ୟ କାନ୍ଥ ସହିତ ମ୍ୟାଚ କରୁଥିବ । ଯଦି ଏଥିରେ କିଛି ନୂଆ ପାଟର୍ନ ଆଣିବାକୁ ଚାହୁଁଛନ୍ତି ବ୍ରିକ୍ କିମ୍ୱା ଜିଓମେଟ୍ରିକ ସେପ୍‌ର ୱାଲ୍ ପେପର୍ ନେଇପାରିବେ ।

## ଘିଅରୁ ପାଆନ୍ତୁ ପ୍ରାକୃତିକ ଉପଚାର

ଘିଅ ପ୍ରାୟତଃ ପ୍ରତ୍ୟେକଙ୍କ ଘରେ ଖୁବ୍ ସହଜରେ ମିଳିଯିବ । ଘିଅରେ ଆବଶ୍ୟକୀୟ ସମସ୍ତ ପ୍ରକାରର ପୋଷକ ତତ୍ତ୍ୱ ଭିର ରହିଛି । ଏହାଛଡ଼ା ଘିଅ ସ୍ୱାସ୍ଥ୍ୟ ଲାଗି ମଧ ବହୁତ ଉପକାରୀ ହୋଇଥାଏ । ବହୁତ୍ କମ୍ ଲୋକ ଜାଣିଥାନ୍ତି ଯେ, ଘିଅ ତ୍ୱଚା ପାଇଁ ବହୁତ୍ ଲାଭକାରୀ ଅଟେ । ଆର୍ଯ୍ୟୁବେଦରେ ଘିଅକୁ ଔଷଧୀୟ ରୂପେ ବ୍ୟବହାର କରାଯାଇଥାଏ । ଘିଅକୁ ତ୍ୱଚାରେ ଚମକ୍ ଆଣିବା ମଧ ବ୍ୟବହାର କରାଯାଏ । ତେବେ ଚାଲନ୍ତୁ ଏସମ୍ବନ୍ଧୀୟ କିଛି ଟିପ୍ସ ଜାଣିବା ।



***ଘିଅରୁ ପ୍ରସ୍ତୁତ କରନ୍ତୁ ମଏଷ୍ଚୋରାଇଜିଂ କ୍ରିମ୍:***
ଘିଅରୁ ପ୍ରସ୍ତୁତ ମଏଷ୍ଚୋରାଇଜର୍ କ୍ରିମ୍ ତ୍ୱଚା ପାଇଁ ବେଶ୍ ଲାଭପ୍ରଦ ।ଅଟେ । ଘିଅ ତ୍ୱଚାକୁ ହାଇଡ୍ରେଟ୍ ଏବଂ ସୁନ୍ଦର ମଧ ବନାଇଥାଏ । ଯଦ୍ୱାରା ତ୍ୱଚାରେ ଚମକ୍ ଆସିଥାଏ । ତ୍ୱଚାକୁ କୋମଳ କରିବା ଲାଗି କଞ୍ଚା କ୍ଷୀର ଏବଂ ବେସନ୍‌ର ପୋଷ୍ଟରେ ଅଳ୍ପ ଘିଅ ମିଶାନ୍ତୁ । ଏହାକୁ ମୁହଁରେ ଲଗାଇ ଧିରେ ଧିରେ ମାଲିସ୍ କରନ୍ତୁ । ୧୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

***ଓଠ ଫାଟୁଥିଲେ:***
ଥଣ୍ଡା ଦିନେ ପ୍ରତ୍ୟେକଙ୍କ ଓଠ ଫାଟିବା ସମସ୍ୟା ଦେଖାଦେଇଥାଏ । ଓଠକୁ ମୁଲାୟମ୍ ରଖିବାରେ ଏହା ବେଶ୍ ଉପକାରରେ ଆସିଥାଏ । ଶୋଇବା ପୂର୍ବରୁ ଓଠରେ ଅଳ୍ପ ମାତ୍ରାରେ ଘିଅ ଲଗାଇ କିଛି ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ । କିଛି ସମୟ ରଖିବା ପରେ ଏହାକୁ ଧୋଇ ଦିଅନ୍ତୁ ।

***କେଶ ମୁଲାୟମ ପାଇଁ:***
ଆଦ୍ରତା ଯୋଗୁଁ କେଶ ଝଡ଼ିବା ସମସ୍ୟା ଉପୁଜେ । ଥଣ୍ଡା ଦିନେ ଏହି ସମସ୍ୟା ଅଧିକ ବଢ଼ିଯାଇଥାଏ । ଘିଅରେ ଫ୍ୟାଟି ଏସିଡ୍ ରହିଛି ଯାହା କେଶକୁ କୋମଳ ଏବଂ ସୁସ୍ଥ ରଖେ । ଘିଅ କେଶ ପାଇଁ ପ୍ରାକୃତିକ କଣ୍ଡିସ୍‌ନର୍ ଭଳି କାମ କରିଥାଏ । ଏକ ଚାମଚ ଘିଅକୁ ଗରମ କରି ଏହାକୁ କେଶରେ ମସାଜ କରନ୍ତୁ ଏବଂ ଦୁଇ ଘଣ୍ଟା ପରେ କେଶକୁ ଧୋଇ ଦିଅନ୍ତୁ ।

***ତ୍ୱଚାକୁ ସୁନ୍ଦର ରଖିଥାଏ:***
ଘିଅକୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୀଘ୍ର ଲୋଚାକୋଚା ହୁଏ ନାହିଁ । ଏଭଳି ସମସ୍ୟାରୁ ମୁକ୍ତି ପାଇଁ କିଛି ଟୋପା ଘିଅ ନେଇ ତ୍ୱଚାରେ ମାଲିସ୍ କରନ୍ତୁ ଏବଂ କିଛି ମିନିଟ ପରେ ଏହାକୁ ଧୋଇ ଦିଅନ୍ତୁ । କିଛି ଦିନ ପରେ ତ୍ୱଚାରେ ଫରକ ଆପଣ ଜାଣିପାରିବେ ।

## ସ୍ୱାସ୍ଥ୍ୟ ସମାଚାର

କ୍ୟାଲୋରୀ କମାଇବା ଲାଗି ଅନେକେ ଡାଏଟ୍ ଡ୍ରିଙ୍କ ବା ଡାଏଟ୍ ସୋଡା ପସନ୍ଦ କରୁଥିଲେ ମଧ ଏହା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ମହିଳାଙ୍କଠାରେ ଏହା ଷ୍ଟ୍ରୋକ୍ ଆଶଙ୍କା ୨୩% ବଢ଼ାଇଥାଏ । ଏଥିସହିତ ହୃଦରୋଗ ଆଶଙ୍କା ୨୯% ଏବଂ ଅକାଳ ମୃତ୍ୟୁ ଆଶଙ୍କା ୧୬% ବଢ଼ାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି । ଏହା ଆମେରିକାନ ହାର୍ଟ ଆସୋସିଏସନର ପତ୍ରିକା ଷ୍ଟ୍ରୋକରେ ପ୍ରକାଶ ପାଇଛି । ଫ୍ଲୁ ବା ଇନ ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହେବା ପରେ ଏହା ମଧ ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ । ଏହାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ ଫ୍ଲୁ ସଂକ୍ରମଣ ଯୋଗୁ ହେଉଥିବା ଇନଫ୍ଲାମେସନ ଏହାର କାରଣ ହୋଇପାରେ ବୋଲି କୁହାଯାଇଛି । କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କରିଥିବା ଏହି ଗବେଷଣାର ତଥ୍ୟ ଆମେରିକାନ ଷ୍ଟ୍ରୋକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ ଷ୍ଟ୍ରୋକ କନଫରେନ୍ସ -୨୦୧୯ରେ ଉପସ୍ଥାପିତ ହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟିକାକରଣ...

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମଆର) ପକ୍ଷରୁ ଜୁନ ଏବଂ ଜୁଲାଇ ମାସରେ କରାଯାଇଥିବା ଚତୁର୍ଥ ସେରୋ ସର୍ଭେ ରିପୋର୍ଟର ଫଳାଫଳ ଅନୁସାରେ, ଦେଶର ମୋଟ୍ ଜନସଂଖ୍ୟାର ପ୍ରାୟ ୬୭ ପ୍ରତିଶତ ଅର୍ଥାତ୍ ଦୁଇ-ତୃତୀୟାଂଶ ଲୋକଙ୍କଠାରେ କରୋନା ଭୂତାଣୁ ଆଣ୍ଟିବଡି ଅଥବା ରୋଗ-ପ୍ରତିରୋଧୀ ଶକ୍ତି ସୃଷ୍ଟି ହୋଇଛି । ସେମାନେ ଯେ, ନଭେଲ୍ କରୋନା ଭୂତାରୁ ସଂସ୍ପର୍ଶରେ ଜାଣତରେ ଅବା ଅଜାଣତରେ ହେଉ ଆସି ସାରିଛନ୍ତି ଏହା ସୂଚୀତ କରେ । ତେବେ ଏହି ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ଏବେ ସୁଦ୍ଧା ପ୍ରାୟ ୪୦ କୋଟି ନାଗରିକଙ୍କ ପ୍ରତି କରୋନା ସଂକ୍ରମଣର ଆଶଙ୍କା ରହିଛି । ଅର୍ଥାତ୍ ସେମାନଙ୍କଠାରେ ରୋଗ-ପ୍ରତିରୋଧ ଶକ୍ତି ସୃଷ୍ଟି ହୋଇନାହିଁ । ଇତିପୂର୍ବରୁ ଆଇସିଏମଆର ପକ୍ଷରୁ ଦେଶର ୨୧୨ଟି ରାଜ୍ୟର ୭୦ଟି ଜିଲ୍ଲାରେ ଏଭଳି ସେରୋ ସର୍ଭେ କରାଯାଇଥିଲା ଯେଉଁଥିରେ ୨୮,୯୭୫ଜଣଙ୍କ ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା । ଇତିପୂର୍ବରୁ ମେ'-ଜୁନ୍ ୨୦୨୦, ଅଗଷ୍ଟ-ସେପ୍ଟେମ୍ବର ୨୦୨୦ ଏବଂ ଡିସେମ୍ବର-ଜାନୁଆରୀ ୨୦୨୧-୨୧ରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସେରୋ ସର୍ଭେ କରାଯାଇଥିଲା । ପ୍ରଥମ ତିନିଗୋଟି ସର୍ଭେରୁ ଲୋକମାନଙ୍କ ଶରୀରରେ ଯଥାକ୍ରମେ-୦.୭ ପ୍ରତିଶତ, ୭.୧ ପ୍ରତିଶତ ଏବଂ ୨୪.୧ ପ୍ରତିଶତ ଆଣ୍ଟିବଡ଼ି ସୃଷ୍ଟିହେବା ଅନୁଧ୍ୟାନରୁ ଜଣାପଡିଥିଲା । ଯେହେତୁ କରୋନା ଭୂତାଣୁ ସଂକ୍ରମଣ ସଂପର୍କରେ ଏହି ସର୍ଭେ କରାଯାଇଥିଲା, ଚାରିଟିଯାକ ସର୍ଭେରୁ ଲୋକମାନଙ୍କ ଶରୀରରେ ଆଣ୍ଟିବଡ଼ି ମାତ୍ରା କ୍ରମଶଃ ବୃଦ୍ଧି ପାଇବାର ଧାରା ଜାରି ରହିଛି ବୋଲି କୁହାଯାଇପାରେ । କିନ୍ତୁ ସଦ୍ୟତମ ସର୍ଭେ ରିପୋର୍ଟର ତଥ୍ୟ ସତ୍ତ୍ୱେ ଏହାକୁ କେବଳ ଆଶାର କ୍ଷୀଣ ରେଖା ବୋଲି ଅବିହିତ କରି ଆଇସିଏମଆରର ମହାନିର୍ଦ୍ଦେଶକ ଡକ୍ଟର ବଳରାମ ଭାର୍ଗବ କହିଛନ୍ତି ଯେ, ଏହା ସତ୍ତ୍ୱେ ପ୍ରତିଷେଧକ ଟିକା ଗ୍ରହଣର କୌଣସି ବିକଳ୍ପ ନାହିଁ । ଦୁଇ-ତୃତୀୟାଂଶ ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହେବାରେ ଆଶ୍ୱସ୍ତ ହୋଇ ଟିକାଗ୍ରହଣରେ ଅବହେଳା କରିବା ଅନୁଚିତ୍ । ସରକାର ଯେଉଁଭଳି ଭାବେ ଟିକାକରଣକୁ ବ୍ୟାପକ କରିଛନ୍ତି, ସେହି ମାତ୍ରାରେ ଲୋକମାନେ ଟିକା ନେଇ ଆଶ୍ୱସ୍ତ ହେବା ହିଁ ଏକମାତ୍ର ବିକଳ୍ପ । ସୂଚନାଯୋଗ୍ୟ ଯେ, ସେରୋ ସର୍ଭେ କେବଳ ଏକ ସାଂକେତିକ ପରୀକ୍ଷଣ ମାତ୍ର । ଏଭଳି ସର୍ଭେ ଦ୍ୱାରା ଦେଶର ଚିକିତ୍ସା ବିଜ୍ଞାନ ଗବେଷକମାନେ କେବଳ ଏପରି ଏକ ନୂତନ ଭୂତାଣୁ ପ୍ରତି ଲୋକମାନଙ୍କ ଶରୀର କେତେ ମାତ୍ରାରେ ପ୍ରତିକ୍ରିୟାଶୀଳ ଓ ସେମାନଙ୍କ ଶରୀରରେ କେଉଁ ମାତ୍ରାରେ ରୋଗ-ପ୍ରତିରୋଧ ଶକ୍ତି ସୃଷ୍ଟି ହେଉଛି ତାହା ଜାଣିବା ସକାଶେ ଉଦ୍ଦିଷ୍ଟ । ସେହି ଅନୁସାରେ ସେମାନେ ନିରାକରଣ ଦିଗରେ ଗବେଷଣା ଜାରି ରଖିବେ । କରୋନା ମହାମାରୀ ଆରମ୍ଭ ହେବା ଦିନଠାରୁ ଏହାର ସଂକ୍ରମଣ ଏବଂ ନିୟନ୍ତ୍ରଣ ପ୍ରକ୍ରିୟାରେ କୌଣସି ନିର୍ଦ୍ଦିଷ୍ଟ ଧାରା ଏଯାବତ୍ ଚିହ୍ନଟ କରାଯାଇ ପାରିନାହିଁ । ସେଥିପାଇଁ ବିଶ୍ୱବ୍ୟାପୀ ଚିକିତ୍ସା ବିଜ୍ଞାନୀମାନେ ଚିନ୍ତିତ । କାରଣ ଦିନକୁ ଦିନ ଏହାର ମ୍ୟୁଟେସନ୍ ଘଟି କେତେ କେତେ ନୂଆ ଭୂତାଣୁ ମୁଣ୍ଡ ଟେକୁଛନ୍ତି । ସେସବୁ ଭୂତାଣୁର ନୂତନ କାୟା ଯେତିକି ସଂକ୍ରାମକ ସେତିକି ମାରକ । ତେଣୁ ପ୍ରତ୍ୟେକ ନାଗରିକ ଏଥିରେ ସହଯୋଗ କରିବା ସହ ଏହି ସୁଯୋଗକୁ ଆପଣାଇବା ହିଁ ସବୁଠାରୁ ନିରାପଦ । ଦେଶରେ ଏବେ କରୋନା ସଂକ୍ରମଣ ମାତ୍ରା ହ୍ରାସ ପାଇଛି ସତ, କିନ୍ତୁ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରରେ ଏହାର ତୃତୀୟ, ଚତୁର୍ଥ ଲହର ପ୍ରକୋପ ଏବେ ତାଣ୍ଡବଲୀଳା ଘଟାଇବା ଆରମ୍ଭ କରିସାରିଛି । ପ୍ରଥମ ଓ ଦ୍ୱିତୀୟ ଲହରରୁ ଭାରତ ଅନେକ ଶିକ୍ଷା ଲାଭ କରିଛି । ଅନେକ ଜୀବନ ଯାଇଛି । କିନ୍ତୁ କରୋନାକୁ ପ୍ରତିହତ କରିବା ସକାଶେ ଆମର ସଂଗ୍ରାମ ଜାରି ରହିଛି । ଦେଶରୁ ଓ ବିଶ୍ୱରୁ କରୋନା ସଂପୂର୍ଣ୍ଣ ମୂଳୋତ୍ପାଟନ ନହେବା ପର୍ଯ୍ୟନ୍ତ ବିଶ୍ରାମ ନେବାର ଅବସର ନାହିଁ ବୋଲି ସମସ୍ତଙ୍କୁ ସଂକଳ୍ପ ନେବାକୁ ପଡ଼ିବ ।

## ତ୍ରିକାଳଦର୍ଶୀ ବ୍ୟାସଦେବ ଓ ବ୍ୟାସ ପୂର୍ଣ୍ଣିମା

### ଅମୂଲ୍ୟ କୁମାର ପଣ୍ଡା

ବିଷ୍ଣୁଙ୍କ ଅବତାର ବ୍ୟାସଦେବଙ୍କ ଜନ୍ମଦିବସକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ ତଥା ଗୁରୁ ପୂର୍ଣ୍ଣିମାକୁ ବ୍ୟାସ ପୂର୍ଣ୍ଣିମା ମଧ କୁହାଯାଏ। ଆଷାଢ଼ ମାସ ପୂର୍ଣ୍ଣିମା ଦିନ ଏହା ପଡ଼ିଥାଏ। 'ଗୁ' କହିଲେ ଅନ୍ଧାର ଏବଂ 'ରୁ' ର ଅର୍ଥ ଅଜ୍ଞାନ ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି। ଅନ୍ୟ ଅର୍ଥରେ ଗୁରୁ ଅର୍ଥ ମହାମହିମ। ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ମାତା, ଜନ୍ମଦାତ୍ରୀ ଏହି କ୍ରମରେ ପ୍ରଥମ ଗୁରୁ, ପିତା ଦ୍ୱିତୀୟ ଗୁରୁ ଏବଂ ଶିକ୍ଷାଦାତା ତୃତୀୟ ଗୁରୁ। ଗୁରୁ ମାନେ ହିଁ ଆମ ଜୀବନର ମାର୍ଗ ଦର୍ଶକ, ସୁନିୟନ୍ତକ। ଗୁରୁ ପରମ୍ପରାରେ ଗୁରୁମାନେ ତାଙ୍କ ଶିଷ୍ୟମାନଙ୍କୁ ଅନ୍ଧକାରରୁ ଜ୍ଞାନର ଆଲୋକ ପ୍ରଦର୍ଶନ କରନ୍ତି। ଗୁରୁ ମାନଙ୍କ ଠାରୁ ଶିକ୍ଷା, ଦୀକ୍ଷା ତଥା ତାଙ୍କ ଆଦର୍ଶ ସବୁକିଛି ଶିଷ୍ୟ ମାନଙ୍କର ଜୀବନରେ ପ୍ରତିଫଳିତ ହୋଇଥାଏ। ପ୍ରାଚୀନ କାଳରେ ଗୁରୁ କୂଳରେ ଶିଷ୍ୟମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଶିକ୍ଷା ଦେବା ନିମନ୍ତେ ଗ୍ରହଣ କରାଯାଉଥିଲା ଏବଂ ଶିକ୍ଷାରେ ଉପଯୁକ୍ତ ଦକ୍ଷତା ହାସଲ ପରେ ଗୁରୁ ଦକ୍ଷିଣା ଦାନ ପୂର୍ବକ ଶିଷ୍ୟ ମାନଙ୍କୁ ବିଦାୟ ନେବାକୁ ହେଉଥିଲା। ଏହି ଦକ୍ଷିଣା ଶିଷ୍ୟ ମାନଙ୍କର ଏକ ସମର୍ପଣର ଭାବ। ଗୁରୁ ପୂର୍ଣ୍ଣିମା ପାଳନ ହିନ୍ଦୁ ଏବଂ ବୌଦ୍ଧ ଧର୍ମରେ ମଧ ରହିଛି। ଗୁରୁ ପୂର୍ଣ୍ଣିମା ଦିନ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କର ମଧ ପୂଜନ କରାଯାଇଥାଏ। ଭାରତୀୟ ସଂସ୍କୃତିରେ ଗୁରୁ ସର୍ବୋଚ୍ଚ ସ୍ଥାନର ଅଧିକାରୀ ହୋଇଥିବାବେଳେ ଏହି ଗୁରୁ ପରମ୍ପରା ଅକ୍ଷୁଣ୍ଣ ଭାବେ ରହିଅଛି । ଧର୍ମଶାସ୍ତ୍ର ମତରେ ନାରାୟଣ ହିଁ ହେଉଛନ୍ତି ସୃଷ୍ଟିର ଆଦିଗୁରୁ। ତାଙ୍କ ପରେ ବ୍ରହ୍ମା, ମନୁ, ବଶିଷ୍ଠ, ବ୍ୟାସ ଓ ଶଙ୍କରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଏହି ମହାନ ଗୁରୁ ପରମ୍ପରା ଅଦ୍ୟାପି ପ୍ରଚଳିତ ହୋଇ ଆସୁଅଛି । ଏହି ଗୁରୁ ପୂର୍ଣିମାରେ ବ୍ୟାସଦେବଙ୍କ ଜନ୍ମ ଉତ୍ସବ ବିଶେଷ କରି ପାଳନ କରାଯାଏ।

ବ୍ୟାସଦେବ ତାଙ୍କ ସୃଷ୍ଟି ମାଧମରେ ଯୁଗ ଯୁଗ ପାଇଁ ଏ ମଣିଷ ଜାତିକୁ ମହାନ ଶିକ୍ଷା ଦେଇ ଯାଇଛନ୍ତି। ବେଦ ପରି ବୃହତ୍ ଗ୍ରନ୍ଥକୁ ସେ ଋକବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ ଏହିପରି ଚାରୋଟି ଭାଗ (ବ୍ୟାସ) କରିଥିବାରୁ ତାଙ୍କୁ ବେଦବ୍ୟାସ ରୂପେ ନାମିତ କରାଯାଇଛି। ତାଙ୍କର ନିର୍ଦ୍ଦେଶ କ୍ରମେ ଏବଂ ବାର୍ତ୍ତା ଅବଗତକୁ ନେଇ ସେ ମହାଭାରତ ରଚନା କରିଥିଲେ। ବ୍ୟାସଦେବ କେବଳ ଦ୍ୱାପରରେ ଜନ୍ମିଥିବା ଉଲ୍ଲେଖ ଥିଲେ ବି ମୁନି ଋଷିଗଣ ତାଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତୀକ ଅଦିଗୁରୁ ଭାବେ ଗ୍ରହଣ କରିଛନ୍ତି। ପ୍ରଳୟ କାଳରେ ବ୍ୟାସଦେବ ଅନନ୍ତ ପୁରୁଷଙ୍କ ଶରୀରରେ ଆଶ୍ରୟ ନିଅନ୍ତି। ପୁଣି ସଂସାରରେ ଜ୍ଞାନ ବିତରଣର ଆବଶ୍ୟକତା ପଡିଲେ ସେ ଅବତାର ଗ୍ରହଣ କରନ୍ତି ଓ ମାନବ କଲ୍ୟାଣ ନିମିତ୍ତ ବିଭିନ୍ନ ଗ୍ରନ୍ଥ ରଚନା କରନ୍ତି। ବେଦବ୍ୟାସ ତ୍ରିକାଳଦର୍ଶୀ ଥିଲେ। ଦ୍ୱାପର ଯୁଗର ସମାପ୍ତି ସମୟ ଏବଂ କଳିଯୁଗର ପ୍ରାରମ୍ଭ ସମୟ ଥିଲା । ସେହି ସମୟରେ ବ୍ୟାସଦେବଙ୍କୁ କଳିଯୁଗର ଦର୍ଶନ ହୋଇଥିଲା । ପାଞ୍ଚ ହଜାର ବର୍ଷ ପୂର୍ବେ ସେ ଯେଉଁ କଳି ଯୁଗର ଯେଉଁ ବର୍ଣ୍ଣନା କରିଥିଲେ, ତାହା ଆଜି ପ୍ରତିଫଳିତ । ସେ କହିଥିଲେ କଳିଯୁଗରେ ଜୀବନ ଅର୍ଥ ଓ କାମରେ ହିଁ ପୂରଣ ହେବ, ଲୋକ ଭୋଗର ପ୍ରଧାନ ହେବ।

ବେଦ, ବେଦାନ୍ତ, ଗୀତା ଓ ଉପନିଷଦର ଭାଷ୍ୟକାର ତଥା ମହାକାବ୍ୟ ଯୁଗର ମହାଭାରତ, ଅଷ୍ଟାଦଶ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ପ୍ରଭୃତିର ପ୍ରଣେତା ହେଇଛନ୍ତି ମହର୍ଷି ବ୍ୟାସଦେବ। ଏହି ଆଷାଢ଼ ମାସ ପୂର୍ଣମା ଦିନରେ ବ୍ୟାସଦେବଙ୍କ ଜନ୍ମତିଥି । ଋଷି ପରାଶରଙ୍କ ଔରସରେ ମତ୍ସ୍ୟଗନ୍ଧା ସତ୍ୟବତୀଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣିମା ଦିନ ମହର୍ଷି ବ୍ୟାସଦେବ ଗଙ୍ଗାନଦୀ ଗର୍ଭସ୍ଥ କୃଷ୍ଣଦ୍ୱୀପରେ ଜନ୍ମ ଗ୍ରହଣ କରିଥିଲେ । ସେଦିନ ଋଷି ପରାଶର ବିମୋହିତ ହୋଇପଡିଥିଲେ କୈବର୍ତ୍ତ୍ୟ କନ୍ୟାର ରୂପ ଲାବଣ୍ୟରେ । ନଦୀ ଓ ନାଳରେ ଯେ ସ୍ତ୍ରୀ ସଙ୍ଗମ ଶାସ୍ତ୍ର ନିଷିଦ୍ଧ ସେକଥା ଭୁଲିଗଲେ ବ୍ୟାସଦେବ । ତପ ବଳରେ ମତ୍ସ୍ୟଗନ୍ଧା କୈବର୍ତ୍ତ ପାଲଟିଗଲା ଯୋଜନଗନ୍ଧା। ନଦୀ ଓ ନାଳ ଚାରିପଟେ ଘେରିଗଲା ଘନ କୁହୁଡ଼ି। ଦୈବି ନିର୍ଦ୍ଦେଶରେ ଋଷି ପରାଶର ଓ ସତ୍ୟବତୀଙ୍କ ମିଳନରୁ ସେଇ ବିସ୍ତୀର୍ଣ୍ଣ ନଦୀ ବକ୍ଷରେ ଜନ୍ମ ନେଇଥିଲେ ଏକ ଦିବ୍ୟ ଶିଶୁ। ନଦୀ ଗର୍ଭର ଦ୍ୱୀପରେ ଜନ୍ମ ନେଇଥିବାରୁ ତାଙ୍କର ନାମ ହେଲା ଦ୍ୱୈପାୟନ। ଶରୀରର କାନ୍ତି ଥିଲା କଳା ଥିବାରୁ ତାଙ୍କର ନାମ ହେଲା ହେଲା କୃଷ୍ଣ ଦ୍ୱୈପାୟନ। ବେଦ ସକଳକୁ ସଂଗ୍ରହ କରି ତା'ର ବିଭାଜନ କରିବା ସହ ପ୍ରଥମ ପ୍ରବକ୍ତା ହେବାରୁ ସେ ଖ୍ୟାତ ହେଲେ ବ୍ୟାସଦେବ ରୂପେ। ପରବର୍ତ୍ତୀ ସମୟରେ ବ୍ୟାସଦେବଙ୍କ ମାତା ସତ୍ୟବତୀଙ୍କ ସଙ୍ଗେ ଶାନ୍ତନୁଙ୍କର ବିବାହ ହୋଇଥିଲା । ଶାନ୍ତନୁ ଓ ସତ୍ୟବତୀଙ୍କ ପୁତ୍ର ବିଚିତ୍ରବିର୍ଯ୍ୟ ନିଃସନ୍ତାନ ଭାବରେ ମୃତ ହେବାରୁ ରାଜ୍ୟ ତଥା ରାଜ୍ୟର ଉତ୍ତରାଧିକାରୀ ପାଇଁ ସତ୍ୟବତୀଙ୍କ ଆଦେଶ ଅନୁସାରେ ବିଚିତ୍ରବିର୍ଯ୍ୟଙ୍କ ଦୁଇ ବିଧବାପତ୍ନୀ ଅମ୍ବିକା ଓ ଅମ୍ବାଳିକାଙ୍କ ସଙ୍ଗେ ନିୟୋଗ ବିଧି ଅନୁସାରେ ଦେଢଶୁର ବ୍ୟାସଦେବ ସହବାସ କଲେ ଓ ସେମାନଙ୍କ ଗର୍ଭରୁ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କ ଜନ୍ମ ହେଲା ଏବଂ ଦୈବିକ ସଂଯୋଗରେ ବ୍ୟାସଦେବଙ୍କ ଔରସରେ ବିଚିତ୍ରବିର୍ଯ୍ୟଙ୍କ ଦାସୀ ଗର୍ଭରେ ଚତୁର ବିଦୁର ଜନ୍ମଗ୍ରହଣ କରିଥିଲେ । ବ୍ୟାସଦେବ କୌରବ ଓ ପାଣ୍ଡବମାନଙ୍କର ପିତାମହ ଥିଲେ। ହସ୍ତିନାପୁରର ଭବିଷ୍ୟ ତଥା ବିଭିନ୍ନ ସମସ୍ୟାର ସମାଧାନ ନେଇ ସେ ମାତା ସତ୍ୟବତୀଙ୍କୁ ସମୟକାଳୀନ ପରାମର୍ଶ ଦେଉଥିଲେ ଅଥବା ତାଙ୍କ ସହିତ ବିଚାର ବିମର୍ଷ କରୁଥିଲେ। ଏହି ବ୍ୟାସଦେବଙ୍କ ଔରସରେ ଶୁକଦେବ ଯିଏ କି ଅରୁଣୀଙ୍କ ପତି ମଧ ଜନ୍ମ ହୋଇଥିଲେ ।

ବେଦବ୍ୟାସ ବା ବ୍ୟାସଦେବ ହିନ୍ଦୁ ଧର୍ମରେ ବର୍ଣ୍ଣିତ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଅଟନ୍ତି । ସେ ବେଦକୁ ଚାରି ଭାଗରେ ବିଭକ୍ତ କରିଥିଲେ । ବ୍ୟାସଦେବ, ମହାଭାରତ ଭଳି ମହାନ ଗ୍ରନ୍ଥର ରଚୟିତା ହେବା ସହ ଏହାର ଏକ ଚରିତ୍ର ବି ଅଟନ୍ତି। ବେଦ ମାନଙ୍କ ସଂଗ୍ରହ ଓ ବିଭାଗ କରିଥିବାରୁ ପୁରାଣ ଅନୁସାରେ ଭିନ୍ନ ଭିନ୍ନ କଳ୍ପରେ ପ୍ରତ୍ୟେକ ଦ୍ୱାପର ଯୁଗରେ ଜନ୍ମଗ୍ରହଣ କରି ବେଦ ମାନଙ୍କ ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷି ବେଦବ୍ୟାସ ଭାବେ ପରିଚିତ ଥିଲେ । ଏମାନେ ବ୍ରହ୍ମା ବା ବିଷ୍ଣୁଙ୍କର ଅବତାର ବୋଲି କୁହଯାଏ । ବେଦମାନଙ୍କର ସଂଗ୍ରହ ଓ ବିଭାଗ କରିଥିବାରୁ ପୁରାଣନୁଯାୟୀ ଭିନ୍ନଭିନ୍ନ କଳ୍ପରେ ପ୍ରତ୍ୟେକ ଯୁଗରେ ଜନ୍ମ ଗ୍ରହଣ କରି ବେଦମାନଙ୍କ ସଂଗ୍ରହ ଓ ବିଭାଗକାରୀ ଋଷି ବେଦବ୍ୟାସ ଭାବେ ପରିଚିତ। କଳିଯୁଗରେ ଲୋକେ ବେଦାଧ୍ୟୟନ କରିବେ ନାହିଁ ତଥା ଆଗ୍ରହ ପ୍ରକାଶ କରିବେ ନାହିଁ ବୋଲି ସେ ଆଗରୁ ଜାଣିଥିଲେ କାରଣ ବେଦ ବୁଝିବା ଖୁବ୍? କଷ୍ଟକର । ବେଦାର୍ଥ ବୁଝାମଣା ଲାଗି ବ୍ୟାସଦେବ ପୁରାଣ ରଚନା କରିଲେ । ଏଥିପାଇଁ ଭଗବାନ ବ୍ୟାସ ମହାଭାରତ ରଚନା କରିଲେ ଆଉ ମହାଭାରତକୁ ପଞ୍ଚମ ବେଦ ବୋଲି କୁହଯାଏ । ସାଧାରଣ ଲୋକ ମାନେ ଭାବନ୍ତି ଯେ ମହାଭାରତରେ କେବଳ କୌରବ-ପାଣ୍ଡବଙ୍କର ଯୁଦ୍ଧ ଓ କଳହ ପ୍ରସଙ୍ଗ ରହିଛି । କିନ୍ତୁ ଏଥିରେ ଅନେକ ଗୁଢ ତତ୍ତ୍ୱ ରହିଛି, ଯାହା ବେଦ ତୁଲ୍ୟ ଓ ସମାଜ ସଂସ୍କାର ପାଇଁ ମହାନ ବାର୍ତ୍ତା ରହିଛି ଆଉ ତାକୁ ବୁଝିବାକୁ ଜାଣିବାକୁ ହେଲେ ମନ ଓ ହୃଦୟ ପବିତ୍ର ଓ ସଂସ୍କାରିତ କରିବାକୁ ପଡ଼ିବ ।




+ ଅରଙ୍ଗାବାଦ, ବରୀ, ଯାଜପୁର

ମୋ:୯୯୩୮୯୦୬୦୭୦


## କବିତା କୋଣାର୍କ

### ଗୁରୁ...

ଡକ୍ଟର ମନୋରଞ୍ଜନ ବିଷୋୟୀ



ସିଦ୍ଧି ଦେଇଛ
ବୁଦ୍ଧି ଦେଇଛ
ଉତ୍ତର ଜୀବନ
ସମୃଦ୍ଧି ପାଇଁ
ମନରେ ସାହସ ଭରିଛ।
ସାହାରା ଦେଇଛ
ଆହାର ଦେଇଛ
ଆହାବାଣୀ ଶୁଣାଇ
ସ୍ୱପ୍ନକୁ ସତ କରିବାର
ପାଥେୟ ହୋଇଛ।
ଅଭାବରେ ଭାବ ଭରିଛ
ନିରାଶାରେ ଆଶାର
ଜ୍ୟୋତି ଝଳସାଇ
ଆତ୍ମାରେ ଆୟୁଷ୍ମାନ
ଆବେଗ ଭରିଛ।
ତୃଣୀର ଶୂନ୍ୟ ମଣିଷଟିକୁ
ଆତ୍ମବିଶ୍ୱାସ ରୂପୀ
ଅମୋଘ ଅସ୍ତ୍ର ଦେଇ
ଜୀବନ ଯୁଦ୍ଧର
ମହାମନ୍ତ୍ର ଶିଖାଇଛ।
ତୁମକୁ କିପରି ଆଙ୍କିବି
କେଉଁ ରୂପରେ ପ୍ରକାଶିବି
ତୁମେ କ'ଣ ଆଉ
ବର୍ଣ୍ଣନାର କ୍ଷେତ୍ରରେ
ସୀମିତ ରହିଛ ?
ତୁମେ କେବଳ
ପ୍ରଜ୍ଞା-ପ୍ରଶାନ୍ତି
ନିବିଡ଼ତାର କ୍ଷେତ୍ରରେ
ଅନୁଭବ ହୋଇ
ମୋ ଜୀବନରେ
ପ୍ରେରଣାର ଉତ୍ସ ସାଜିଛ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ)୮୮୯୫୧୪୧୭୨୭


## ଗୁରୁ ପୂର୍ଣ୍ଣିମା

### ସୁଧାଂଶୁ ଶେଖର ଦ୍ୱିବେଦୀ

ଆତ୍ମ ସ୍ୱରୂପର ଜ୍ଞାନ ପାଇବାପାଇଁ ନିଜ କର୍ତ୍ତବ୍ୟକୁ ମନେ ପକାଇ, ମନକୁ ଦୈବୀ ଗୁଣରେ ବଶୀଭୂତ କରାଇ ସଦଗୁରୁଙ୍କ ଜ୍ଞାନର ଗଙ୍ଗାରେ ବାରମ୍ବାର ବୁଡ ଲଗାଇବାକୁ ପ୍ରୋତ୍ସାହିତ କରୁଥିବା ପର୍ବ ଗୁରୁ ପୂର୍ଣ୍ଣିମା।

ଭଗବାନ ବେଦବ୍ୟାସ ବେଦର ସଂକଳନ କଲେ।୧୮ଟି ପୁରାଣ ଓ ଉପ ପୁରାଣ ସୃଷ୍ଟି କଲେ।ଋଷି ମୁନିମାନଙ୍କ ଅନୁଭବକୁ ଏକତ୍ର କରି ସମାଜର ବ୍ୟବହାରରେ ବ୍ୟବସ୍ଥିତ କଲେ। ୫ମ ବେଦ ମହାଭାରତ ଏହି ଗୁରୁ ପୂର୍ଣ୍ଣିମା ଦିନ ସମାପନ କଲେ ଏବଂ ବିଶ୍ୱର ସୁପ୍ରସିଦ୍ଧ 'ବ୍ରହ୍ମସୂତ୍ର' ଏହି ଗୁରୁ ପୂର୍ଣ୍ଣିମା ଦିନ ମଧ ଆରମ୍ଭ କରିଥିଲେ।

ଏତେଗୁଡିଏ ଜ୍ଞାନର ଅଧିକାରୀ ବେଦବ୍ୟାସଙ୍କୁ ଦେବତାମାନେ ଚିହ୍ନିପାରି ତାଙ୍କୁ ପୂଜା କଲେ।ଯାହାକି ସେଇଦିନଠାରୁ ବ୍ୟାସ ପୂର୍ଣ୍ଣିମା (ଗୁରୁ ପୂର୍ଣ୍ଣିମା) ପାଳନ କରାହେଉଛି। କୁହାଯାଏ ଏହିଦିନରେ କେହି ଶିଷ୍ୟ ସଦଗୁରୁଙ୍କ ଶ୍ରୀଚରଣରେ ପହଞ୍ଚି ସଞ୍ଜମ, ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ଗୁରୁ ପୂଜନ କଲେ ତାଙ୍କୁ ବର୍ଷ ସାରା ହେଉଥିବା ପର୍ବ ପର୍ବାଣୀର ଫଳ ପ୍ରାପ୍ତି ମିଳିଥାଏ।



ପୂର୍ଣ୍ଣିମା ସମସ୍ତେ ପାଳନ କରନ୍ତି କିନ୍ତୁ ଗୁରୁ ପୂର୍ଣ୍ଣିମା ସଭିଙ୍କୁ ପାଳନ କରିବାକୁ ପଡିଥାଏ। ଆମ୍ଭେମାନେ ଯେତେ ପ୍ରକାର କାର୍ଯ୍ୟ କରୁ, ଯେତେ ପ୍ରକାର ଉପାସନା କରୁ, ଯେତେ ପ୍ରକାର ପୂଜା-ବ୍ରତ କରୁ ଯେପର୍ଯ୍ୟନ୍ତ ସଦଗୁରୁଙ୍କ ହୃଦୟରୁ ସ୍ନେହର ବର୍ଷା ଶିଷ୍ୟ ଉପରେ ନ ବର୍ଷିଛି ସେପର୍ଯ୍ୟନ୍ତ ପୂଜା, ଉପାସନା, ବ୍ରତ ଆଦି କାର୍ଯ୍ୟ ଅଧା ହୋଇ ରହିଥାଏ।ଦେବୀ ଦେବତାଙ୍କ ପୂଜାର୍ଚ୍ଚନା ପରେ ଆହୁରି କିଛି କରିବାକୁ ବାକି ରହି ଯାଇଥାଏ।

କିନ୍ତୁ ଗୁରୁ ପୂଜନ ପରେ କୌଣସି ପୂଜା ବାକି ରହେ ନାହିଁ। ସଦଗୁରୁ ଅନ୍ତକରଣର ଅନ୍ଧକାରକୁ ଦୂର କରନ୍ତି। ଆତ୍ମଜ୍ଞାନର କଥା କୁହନ୍ତି। ଗୁରୁ ପ୍ରତ୍ୟକ ଶିଷ୍ୟର ଅନ୍ତକରଣରେ ନିବାସ କରିଥାନ୍ତି। ଗୁରୁ ଝଲମଲ ହେଉଥିବା ଜ୍ୟୋତି ପରି ପ୍ରତୀୟ ମାନ ହୁଅନ୍ତି। ଯାହା ଶିଷ୍ୟ ଭିତରେ ସୁପ୍ତ ଅବସ୍ଥାରେ ଥିବା ହୃଦୟକୁ ପ୍ରଜ୍ୱଳିତ କରିଦିଏ।ଗୁରୁ ବର୍ଷା ପରି ଜ୍ଞାନର ବର୍ଷା କରି ଜ୍ଞାନ ବୃଷ୍ଟିରେ ଶିଷ୍ୟକୁ ସ୍ନାନ କରନ୍ତି। ଗୁରୁ ଏମିତି ବୈଦ୍ୟ ଯିଏ ରୋଗକୁ ଦୂର କରି ଶିଷ୍ୟର ଆରୋଗ୍ୟ କାମନା କରିଥାନ୍ତି । ଗୁରୁ ଶିଷ୍ୟକୁ ଅଭେଦର ରହସ୍ୟ କହି ଭେଦରେ ଅଭେଦର ଦର୍ଶନ କରିବା କଳା ଶିଖାନ୍ତି।ଦୁଃଖ ସ୍ୱରୂପ ସଂସାରରେ ଗୁରୁ କୃପା ଏଭଳି ଏକ ଅମୂଲ୍ୟ ସମ୍ପଦ ଯାହା ଶିଷ୍ୟକୁ ପ୍ରତିଟି କ୍ଷେତ୍ରରେ ମୁକ୍ତି ଦେଇଥାଏ।

ପ୍ରକୃତରେ ଗୁରୁ ବିନା ଜ୍ଞାନ ପ୍ରାପ୍ତ କରିବା ଅସମ୍ଭବ। ଶ୍ରଦ୍ଧାବାନ ମନୁଷ୍ୟ ନିଜ ଇନ୍ଦ୍ରିୟ ପ୍ରତି ସଂଯମ ରଖି ଗୁରୁଙ୍କ ଜ୍ଞାନ ପ୍ରାପ୍ତ କରିବା ପରେ ଭଗବତକୁ ପ୍ରାପ୍ତି ହୋଇଯାଆନ୍ତି।

ଆଷାଢ଼ ମାସରେ ପାଳିତ ହେଉଥିବା ଏହି ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ। ସମସ୍ତ ବେଦର ସଙ୍କଳନ କର୍ତ୍ତା ଓ ସମ୍ପାଦକ ତଥା ମହାଭାରତର ଲେଖକ ମହର୍ଷି ବ୍ୟାସଦେବଙ୍କ ଜନ୍ମ ଏହି ଆଷାଢ଼ ପୂର୍ଣ୍ଣିମା ଦିନ ହୋଇଥିଲା। ବ୍ୟାସଙ୍କ ମହତ୍ତ୍ୱାକାଂକ୍ଷା ଅନୁସାରେ ସାରା ବିଶ୍ୱରେ ଯେତେପ୍ରକାର ସାହିତ୍ୟ ସୃଷ୍ଟି ହୋଇଛି ସେସବୁ ତାଙ୍କ ଅଇଁଠା ବୋଲି କୁହାଯାଏ। ଏଭଳି ଶ୍ରେଷ୍ଠ ପୁରୁଷଙ୍କର ଜନ୍ମଦିନକୁ ବ୍ୟାସ ପୂର୍ଣ୍ଣିମା ଓ ଆଦି ଗୁରୁ ହୋଇଥିବା କାରଣରୁ ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଏ।


+ ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୬୨୯୧୩୪୨୨୫୯


### ହେ ସାରସ୍ୱତ ସାଧକ...

ଦୀନବଂଧୁ ବେଜ



ଆହେ ସାରସ୍ୱତ ସାଧକ....
କାହିଁପାଇଁ ଆଜି ସୁପ୍ତ
କଣ୍ଢାପରି କିଆଁ ଫୋଡୁନାହିଁ
ଯାବତୀୟ ସୁଖାମୃତ ।
କିଆଁ ଶୋଇଛ ଗାଢ଼ ନିଦରେ
ତୁମେ କୁମ୍ଭକର୍ଣ୍ଣ ନାମେ,
ତୁମର ଅପେକ୍ଷା ଜଗତ କରିଛି
ନ୍ୟାୟ ପରା ଦେବ ତୁମେ ।
ତୁମର କଲମ ହୋଇକି କମାଣ
ସଂହାରିବ ପାପଶକ୍ତି,
ତୁମରି ନିବନ୍ଧ ଛନକା ଭରିବ
ପାପି କରିବ ପ୍ରାୟଶ୍ଚିତ ।
ଆହେ ସାରସ୍ୱତ ସାଧକ.......
ହୁଅ ବନ୍ଧନରୁ ମୁକ୍ତ,
ଆଖିରୁ ପଟିଟିକୁ ଖୋଲିଦେଇ
ଚଷମାରେ ସ୍ୱଚ୍ଛଦେଖ ।
ଭାବମୂର୍ତ୍ତିକୁ ଧେୟ କରିଥିଲେ
କଲମର ଶକ୍ତି ବଢେ,
ତୁମ ମନ ଜଦି ଥରେ ଚାହିଁବ
ଅନ୍ଧାର ରହିବ ଦୂରେ ।
ସିନ୍ଧୁରା ଫାଟିକି ସ୍ୱରୁଜ ଉଇଁବ
ସତ୍ୟପଥ କଲେ ଲକ୍ଷ,
ଭୟ ଭ୍ରାନ୍ତିକୁ ଅନ୍ତରୁ ଦୂରେଇ
ଚିରି ଦିଅ ପାପୀ ବକ୍ଷ ।
ଉଠାଅ କଲମକୁ ଉଠାଅ......
ତୁମ ଲେଖନୀ ଜୀବନୀ ଶକ୍ତିରୁ
ଶିଶୁଟିଏ ପାଉ ଖୁସି,
ବୃଦ୍ଧଟିଏ ତାର ଅସ୍ତିତ୍ୱ ପରଖୁ
ହଂସ ପରି କ୍ଷୀର ଶୋଷି ।
ବାଳ ଶ୍ରମିକଟେ ବିଦ୍ୟା ଅରଜୁ
ଖୁସିର ଫୁଆର ଛୁଟୁ,
ନାରୀଟିଏ ଏଠି ସମ୍ମାନ ପାଇ
ଶାନ୍ତିରେ ଜୀବନ କାଟୁ ।
ଅନ୍ଧବିଶ୍ୱାସର ଅର୍ଗଳି ଭିତରୁ
ସରଳ ଲୋକ ବାହାରୁ,
ବିଶୁଦ୍ଧ ବିପଣୀ ଦୋକାନୀବିକୁ
ଭ୍ରଷ୍ଟାଚାରୀ ସଜାପାଉ ।
ଆହେ ସାରସ୍ୱତ ସାଧକ........
କେହି କରିବେନି ତୁମ କଣ୍ଠରୋଧ
କରିନିଅ ଏହା ହୃଦ ବୋଧ
ତୁମ ପାଇଁ ନାହିଁ ଶକ୍ତର ଶିକୁଳି
ଅଟକିନି କେବେ କଲମ,
କାଗହେ ତୁମେ କବି ଲେଖକ
ବିଶ୍ୱେ ବୋଲି ଦିଅ ମଲମ ।


+ ମାଟିଲଗ୍ନା ସାହିତ୍ୟ ସଂସଦ


## କବିତା କୋଣାର୍କ

### ଇଚ୍ଛା ହୁଏ

ଗୌରୀ ମେହେର



ଇଚ୍ଛା ତ ଅଛି ଅନେକ,
କିନ୍ତୁ ହୁଏନା ସବୁ ଇଚ୍ଛାନୁସାରେ
ଯାହାବି ସବୁ ଘଟେ,
ସମୟ ଓ ଭାଗ୍ୟ ହିସାବରେ ।

ଇଚ୍ଛା ତ ହୁଏ ଫୁଲଟିଏ ହୋଇ
ଫୁଟି ମହକିବାକୁ
ପୁଣି କେବେ ନଦୀଟିଏ ହୋଇ
ଖିଲିଖିଲି ବୋହିଯିବାକୁ ।

ମନ ଚାହେଁ ଜହ୍ନ ହୋଇ
ଆକାଶେ ରହି ଜୌସ୍ନାରେ ଭିଜାନ୍ତି,
ପୁଣି ମନ କହେ ପକ୍ଷୀଟେ ହୋଇ
ମୁକ୍ତାକାଶେ ଉଡିବୁଲନ୍ତି,

ମନ କହୁଥାଏ ବର୍ଷା ହୋଇ
ଝରଝର ଯାଆନ୍ତି ଝରି
ଆଉ କେବେ ମନ ଚାହେଁ
ସାଜନ୍ତି କି ସ୍ୱର୍ଗର ପରୀ ।

ଇଚ୍ଛା ହୁଏ ମେଘ ହୋଇ
ଛୁଇଁ ଯାଆନ୍ତି କି ଆକାଶ
କେବେ ପୁଣି ଝିଲ୍‌ମିଲ୍ ତାରା ହୋଇ
ରହନ୍ତି ବରଷ ବରଷ

ମନ ଝୁରୁଥାଏ ଉଡିବୁଲନ୍ତି କି
ପ୍ରଜାପତିଟେ ହୋଇ
ଏ ଫୁଲରୁ ସେ ଫୁଲ ବିହରନ୍ତି
ମହା ଆନନ୍ଦ ହୋଇ ।

ଇଚ୍ଛା ହୁଏ ସତେ ହୁଅନ୍ତି କି
ଫଗୁଣ ଗୀତ
ମଧୁର ସ୍ୱରେ ଝରୁଥାନ୍ତି
ସାଜି ସବୁରି ମିତ ।

ମନ କହେ ପୁଣି ହୁଅନ୍ତି କି
କାକର ବିନ୍ଦୁଟେ
ଝଲକି ଉଠନ୍ତି ଝିଲିମିଲି ହୋଇ
ସବୁ ପ୍ରଭାତେ ।

ଇଚ୍ଛା ତ ହୁଏ ନିଜେ ସାଜିବାକୁ
ହୋଇ ଦୀପ
ଆଲୋକ ଦିଅନ୍ତି, କିଛି ଅନ୍ଧାର ତ
ହୁଅନ୍ତା ଲୋପ ।

ଇଚ୍ଛା ହୁଏ ସାଜନ୍ତି କି ମୟୁରୀ,
ନାଚନ୍ତି ବର୍ଷାରେ
ଇଚ୍ଛା ହୁଏ ହୋଇ ଡଙ୍ଗାଟେ
ଭାସନ୍ତି ନଈରେ ।

ଇଚ୍ଛା ହୁଏ ହୋଇ ଯାଆନ୍ତି କି
ସତେ ସପନ
ହୃଦୟରେ ହାଏ ରହିଯାଆନ୍ତି
ହୋଇ ଗୋପନ ।


+ ଗମ୍ଭାରୀଗୁଡା
ନୂଆପଡା


## ବଜ୍ରାଘାତ ପାଇଁ ଲୋଡ଼ା ସତର୍କତା

### ବୈଷ୍ଣବ ମେହେର

ବଜ୍ରପାତ ଓ ତତଜନିତ ବିଭୀଷିକା ଧିରେଧିରେ ମଣିଷ ସମାଜ ପାଇଁ ଭୟଙ୍କର ହେବାରେ ଲାଗିଛି । ଆକାଶରୁ ମୃତ୍ୟୁ ଖସିଲା ଭଳି ପ୍ରତିଦିନ କେଉଁଠି ନା କେଉଁଠି ବଜ୍ରାଘାତରେ ଲୋକଙ୍କ ପ୍ରାଣହାନି ଘଟିବା ଏବେ ସାଧାରଣ ଘଟଣା ହୋଇଗଲାଣି । ନିକଟରେ ଗୋଟିଏ ଦିନରେ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ବଜ୍ରାଘାତରେ ୭୦ ଜଣଙ୍କ ପ୍ରାଣ ଯିବା ଏହାର ଭୟାବହତାର ସୂଚନା ଦିଏ । ଗତ ସପ୍ତାହରେ ଓଡ଼ିଶାରେ ମଧ୍ୟ ବଜ୍ରପାତ ଘଟି ଗୋଟିଏ ଦିନରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି । ବାତ୍ୟା ଠାରୁ ଅଧିକ ମାରାତ୍ମକ ହୋଇଛି ବଜ୍ରପାତ । କିନ୍ତୁ ବଜ୍ରପାତକୁ ନେଇ ଲୋକେ ଯେତିକି ସଚେତନ ଓ ସତର୍କ ରହିବା କଥା, ଏଯାଏଁ ସେତିକି ହୋଇପାରି ନାହାନ୍ତି । ଫଳରେ ବଜ୍ରପାତଜନିତ ଅକାଳ ମୃତ୍ୟୁ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି । ୧୯୬୮ ମସିହାରେ ବଜ୍ରପାତ ଯୋଗୁଁ ବାର୍ଷିକ ଯେତିକି ଲୋକ ମୃତ୍ୟୁ ବରଣ କରୁଥିଲେ ଏବେ ମୃତ୍ୟୁ ସଂଖ୍ୟା ଦୁଇ ଗୁଣ ହୋଇଗଲାଣି । ଭାରତରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟଜନିତ ମୋଟ ମୃତ୍ୟୁ ମଧ୍ୟରୁ ୧୨.୮ ପ୍ରତିଶତ କେବଳ ବଜ୍ରାଘାତ ଯୋଗୁଁ ମୃତ୍ୟୁବରଣ କରିଥାନ୍ତି । ଠିକ୍ ସମୟରେ ସଠିକ୍ ବର୍ଷା ନହେବା, ବର୍ଷା ଦିନେ ପ୍ରବଳ ଗରମ ଓ ଗୁଳଗୁଳି ଅନୁଭବ ହେବା ଓ ଏହି ସମୟରେ ବଜ୍ରପାତ ଘଟି ଏତେ ସଂଖ୍ୟକ ଲୋକଙ୍କ ଅକାଳ ମୃତ୍ୟୁ ଘଟିବା ନିଶ୍ଚିତ ଚିନ୍ତାର ବିଷୟ । ବିଜ୍ଞାନର ଅଭୁତପୂର୍ବ ଉନ୍ନତି ସତ୍ତ୍ୱେ ଏ ବିପତ୍ତି ମଣିଷ ପାଇଁ ଘାତକ ସାଜିଛି । ବିଶେଷଜ୍ଞଙ୍କ କହିବା ଅନୁସାରେ ବଜ୍ରପାତ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଘଟିଥାଏ । ଜଗତୀକରଣ ନାଁ ରେ ସବୁଜ ବନାନୀର ବିନାଶ କରିବା ହିଁ ଏ ବିପତ୍ତିର ମୂଳ କାରଣ ଜାଣି ସୁଦ୍ଧା ଏଥିରୁ ନିବୃତ୍ତ ରହିବା ମଣିଷ ପାଇଁ ସମ୍ଭବ ନ ହେବା କ୍ଷୋଭର ବିଷୟ ।

ବଜ୍ରପାତର ବାର୍ଷିକ ରିପୋର୍ଟ ମୁତାବକ ୨୦୧୯-୨୦ରେ ଦେଶରେ ୧୭୭୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦-୨୧ରେ ୧୬୯୭ ଜଣଙ୍କ ପରଲୋକ ଘଟିଛି । ଏବର୍ଷ ମୃତ୍ୟୁ ସଂଖ୍ୟା ସାମାନ୍ୟ କମିଥିଲେ ମଧ୍ୟ ୨୦୧୯-୨୦ ରେ ୧ କୋଟି ୩୮ ଲକ୍ଷ ବଜ୍ରପାତ ହୋଇଥିବା ବେଳେ ୨୦୨୦-୨୧ରେ ଏଥିରେ ୩୪ ପ୍ରତିଶତ ବୃଦ୍ଧି ପାଇ ଏ ସଂଖ୍ୟା ୧ କୋଟି ୮୫ ଲକ୍ଷ ୪୪ ହଜାର ୩୬୭ ରେ ପହଂଚିଛି । ୨୦୨୦-୨୧ ବର୍ଷରେ ଓଡ଼ିଶାରେ ସର୍ବାଧିକ ୨୦ ଲକ୍ଷ ୪୩ ହଜାର ଥର ବଜ୍ରପାତ ହୋଇଥିଲା । ଏହି ସମୟରେ ମଧ୍ୟପ୍ରଦେଶରେ ୧୭ ଲକ୍ଷ ୧୦ ହଜାର, ଛତିଶଗଡ଼ରେ ୧୫ ଲକ୍ଷ ୨୧ ହଜାର, ଝାଡ଼ଖଣ୍ଡରେ ୧୪ ଲକ୍ଷ ୯୧ ହଜାର ଓ ଉତ୍ତରପ୍ରଦେଶରେ ୧୩ ଲକ୍ଷ ୭୭ ହଜାର ଥର ବଜ୍ରପାତର ରେକର୍ଡ କରାଯାଇଛି । ଗତବର୍ଷ ସର୍ବାଧିକ ବଜ୍ରପାତ ଘଟି ବିହାରରେ ୪୦୧ ଜଣଙ୍କ, ଉତ୍ତରପ୍ରଦେଶରେ ୨୩୮ ଜଣ, ମଧ୍ୟପ୍ରଦେଶରେ ୨୨୮ ଜଣ ଓ ଓଡ଼ିଶାରେ ୧୫୬ ଜଣଙ୍କ ମୃତ୍ୟୁ ହୋଇଛି । ତଥ୍ୟ ଅନୁଯାୟୀ ୨୦୦୧ ରୁ ୨୦୧୮ ମଧ୍ୟରେ ଭାରତରେ ବଜ୍ରାଘାତ କାରଣରୁ ୪୨,୫୦୦ ଲୋକ ପ୍ରାଣ ହରାଇଛନ୍ତି ।

ଓଡ଼ିଶାରେ ବଜ୍ରାଘାତ ମୃତ୍ୟୁ ରେକର୍ଡକୁ ଯଦି ଦେଖିବା ତେବେ ୨୦୧୦/୧୧ ବର୍ଷରେ ୨୮୦ ଜଣ, ୨୦୧୧/୧୨ ରେ ୩୫୪ ଜଣ, ୨୦୧୨/୧୩ ରେ ୨୯୫ ଜଣ, ୨୦୧୩/୧୪ ରେ ୩୭୦ ଜଣ, ୨୦୧୪/୧୫ ରେ ୩୧୦ ଜଣ, ୨୦୧୫/୧୬ ରେ ଏ ସଂଖ୍ୟା ବଢ଼ି ୪୦୧ ଜଣ, ୨୦୧୬/୧୭ ରେ ୩୯୭ ଜଣ, ୨୦୧୭/୧୮ ରେ ୪୦୭ ଜଣ ଏବଂ ୨୦୧୮/୧୯ରେ ସର୍ବାଧିକ ୪୫୩ ଜଣ ବଜ୍ରାଘାତରେ ପ୍ରାଣ ହରାଇଥିବା ଜଣାପଡ଼େ । ଗତ ନଅ ବର୍ଷରେ ସମୁଦାୟ ଯେତିକି ଲୋକ ପ୍ରାଣ ହରାଇଛନ୍ତି ତାକୁ ହିସାବକୁ ନେଲେ ପ୍ରତିବର୍ଷ ବଜ୍ରାଘାତରେ ରାଜ୍ୟରେ ହାରାହାରି ପ୍ରାୟ ୩୬୩ ଜଣଙ୍କ ଅକାଳ ବିୟୋଗ ଘଟୁଛି । ଅନ୍ୟପଟେ ଦେଶରେ ବଜ୍ରପାତ ଯୋଗୁଁ ବର୍ଷକୁ ପ୍ରାୟ ୨୫୦୦ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ଏହାର ୧୫ ପ୍ରତିଶତ ମୃତ୍ୟୁ ଓଡ଼ିଶାରେ ଘଟିଥାଏ । (ଅବଶିଷ୍ଟାଂଶ ପୃଷ୍ଠା-୭)








# ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୨୪ ଜୁଲାଇ ୨୦୨୧





କାର୍ତ୍ତିକ ସାଇଁ


## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭)

# ରାଜା ହରିଶ୍ଚନ୍ଦ୍ରଙ୍କ କଥା (କ)



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାମାୟଣ କଥା ଶୁଣିବାକୁ ପିଲାମାନଙ୍କ ମନରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଥିଲେ ମିନା ଅପା। ପିଲାମାନେ ଅପାଙ୍କ କଥା ଶୁଣିବାକୁ ଚୁପ୍‌ଚାପ୍ ବସି ରହୁଥିଲେ ଓ ଆଗ୍ରହ ସହିତ ତାଙ୍କ କଥା ଶୁଣୁଥିଲେ।

ମିନା ଅପା ରାମାୟଣର ସବୁ କଥା କହି ପିଲାଙ୍କ ମନକୁ ଭାରାକ୍ରାନ୍ତ କରିବାକୁ ଚାହୁଁନଥିଲେ। ଯେଉଁ ସବୁ କାହାଣୀ ପିଲାଙ୍କ ମନକୁ ମୋହିବ ଓ ଶିକ୍ଷାପ୍ରଦ, ସେହି ସବୁ କାହାଣୀ ଅପା କହୁଥିଲେ।

ପିଲାମାନେ, ଆଜି ଆମେ ସୂର୍ଯ୍ୟ ବଂଶର ଜଣେ ଶ୍ରେଷ୍ଠ ରାଜାଙ୍କ କଥା ଜାଣିବା। ତାଙ୍କ ନାଁ ରାଜା ହରିଶ୍ଚନ୍ଦ୍ର। ତମେମାନେ ଏ କଥା ଜାଣି ଖୁସି ହେବ ଯେ ଆମ ଜାତିର ଜନକ ମହାତ୍ମା ଗାନ୍ଧି ରାଜା ହରିଶ୍ଚନ୍ଦ୍ର ନାଟକ ମଂଚରେ ଅନେକ ଥର ଦେଖିଥିଲେ ଓ ତା' ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ। ଏବେ ଚାଲ ଜାଣିବା- ସତ୍ୟବାନ ଓ ଦାନୀ ରାଜା ହରିଶ୍ଚନ୍ଦ୍ରଙ୍କ କଥା।

ସୂର୍ଯ୍ୟବଂଶର ରାଜା ହରିଶ୍ଚନ୍ଦ୍ର ତାଙ୍କ ଦାନ, ଧର୍ମ, ଦୟା ଓ ସତ୍ୟ ପାଳନ ଲାଗି ବହୁତ ପ୍ରସିଦ୍ଧ ଥିଲେ। ତାଙ୍କ ପତ୍ନୀ ଥିଲେ ରାଜା ସୋମ ଦତ୍ତଙ୍କ କନ୍ୟା ଶୈବ୍ୟା। ରାଣୀ ଶୈବ୍ୟା ଧର୍ମ ପରାୟଣା ଓ ପତିବ୍ରତା ନାରୀ ଥିଲେ। ତାଙ୍କର ଗୋଟେ ପୁତ୍ର ଥିଲା ଯାହାଙ୍କ ନାମ ଥିଲା ରୋହିତାଶ୍ୱ।

ପିଲାମାନେ, ଭଲ ମଣିଷମାନେ ଜୀବନରେ ଅନେକ ପରୀକ୍ଷାର ସାମ୍ନା କରନ୍ତି। ତାଙ୍କର ସତ୍ୟ ଧର୍ମ ଓ ଦୟା ଲାଗି ଥିବା ନିଷ୍ଠା ଲାଗି ବେଳେ ବେଳେ ସେମାନେ ବହୁତ କଷ୍ଟ ସହନ୍ତି। ମାତ୍ର ସେ ତାଙ୍କ ନୀତି ପଥରୁ କେବେ ଓହରି ଯାଆନ୍ତି ନାହିଁ।

ମହାରାଜା ହରିଶ୍ଚନ୍ଦ୍ର ମଧ୍ୟ ସେହିପରି କିଛି କଠୋର ପରୀକ୍ଷାର ସାମ୍ନା କରିଥିଲେ। କୁହାଯାଏ ନିଜେ ଧର୍ମ ଦେବତା ସେ ପରୀକ୍ଷା ନେଇଥିଲେ।

ଥରେ ରାଜା ହରିଶ୍ଚନ୍ଦ୍ର ମୃଗୟା ଲାଗି ଅରଣ୍ୟକୁ ଯାଇଥିଲେ। ମୃଗୟା କାଳରେ ସେ କିଛି ନାରୀଙ୍କ କ୍ରନ୍ଦନ ସ୍ୱର ଶୁଣିଲେ। ଆଶ୍ଚର୍ଯ୍ୟ ଚକିତ ହୋଇ ରାଜା ହରିଶ୍ଚନ୍ଦ୍ର ସେ କ୍ରନ୍ଦନ ଆସୁଥିବା ଯାଗା ଆଡ଼କୁ ଗଲେ ଓ ତିନୋଟି ନାରୀ ଗୋଟେ ଗଛରେ ବନ୍ଧା ହୋଇଥିବାର ଦେଖିଲେ। ସେମାନେ କ୍ରନ୍ଦନ କରୁଥିଲେ। ସେଠାରୁ ଅଳ୍ପ ଦୂରରେ ଜଣେ ତପସ୍ୱୀ ତପସ୍ୟାରେ ଲୀନ ଥିଲେ। ରାଜା ହରିଶ୍ଚନ୍ଦ୍ର ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ତାଙ୍କ ରାଜ୍ୟରେ ନାରୀମାନଙ୍କୁ କଷ୍ଟ ଦେଉଥିବା ଲୋକଟି କିଏ? ସେ ଯାହାହେଉ, ନିଜ ଧର୍ମର ପାଳନ କରି ସେ ତତ୍‌କ୍ଷଣାତ ନାରୀମାନଙ୍କୁ ବଂଧନରୁ ମୁକ୍ତ କଲେ।

ତପସ୍ୱୀଙ୍କ ତପସ୍ୟା ଭଂଗ ହେଲା। ସେ ହରିଶ୍ଚନ୍ଦ୍ରଙ୍କ ଉପରେ କ୍ରୋଧାନ୍ୱିତ ହୋଇ ଉଠିଲେ। ହରିଶ୍ଚନ୍ଦ୍ର ବର୍ତ୍ତମାନ ସେ ତପସ୍ୱୀଙ୍କୁ ଚିହ୍ନି ପାରିଲେ। ସେ ଥିଲେ ମହାନ୍ ଋଷି ବିଶ୍ୱାମିତ୍ର। ବିଶ୍ୱାମିତ୍ର ମଧ୍ୟ ରାଜା ହରିଶ୍ଚନ୍ଦ୍ରଙ୍କୁ ଚିହ୍ନିପାରିଲେ। ମାତ୍ର ତାଙ୍କ କୋପ କମ୍ ହେଲାନି।

କୋପରେ ହରିଶ୍ଚନ୍ଦ୍ରକୁ ଶାପ ଦେବାକୁ ବାହାରିଲେ ବିଶ୍ୱାମିତ୍ର। ହରିଶ୍ଚନ୍ଦ୍ର ବିଶ୍ୱାମିତ୍ରଙ୍କ କୋପର ପ୍ରଭାବ ଜାଣନ୍ତି। ସେ ସଂଗେ ସଂଗେ ବିନମ୍ରତା ସହିତ ମୁନିଙ୍କ କ୍ଷମା ପ୍ରାର୍ଥନା କଲେ ଓ ଏ କଥା ବି କହିଲେ ସେ କେବଳ ରାଜଧର୍ମ ପାଳନ କରିଛନ୍ତି। ତେଣୁ ଋଷି ତାଙ୍କ କୋପ ତ୍ୟାଗ କରନ୍ତୁ।

ହରିଶ୍ଚନ୍ଦ୍ରଙ୍କ କଥାରେ ବିଶ୍ୱାମିତ୍ର ଆହୁରି ରାଗିଗଲେ ଓ କହିଲେ ହେ ରାଜନ, ମୋ ତପସ୍ୟାରେ ସତ୍ୱ, ତମ ଓ ରଜ ଅସ୍ଥିରତା ଆଣୁଥିଲେ। ତେଣୁ ମୁଁ ସେମାନଙ୍କୁ ବାନ୍ଧି ମୋର ତପସ୍ୟା କରୁଥିଲି। କିଛି ନ ଜାଣି ନ ଶୁଣି ତୁମେ କାହିଁକି ସେମାନଙ୍କୁ ମୁକ୍ତ କରି ମୋର ତପସ୍ୟାରେ ବ୍ୟାଘାତ ସୃଷ୍ଟି କଲ?

ବିଶ୍ୱାମିତ୍ରଙ୍କ କଥାରେ ହରିଶ୍ଚନ୍ଦ୍ର ବିଚଳିତ ନହୋଇ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ- ହେ ରାଜର୍ଷି, ଆପଣ ତ ଜଣେ ରାଜା ଥିଲେ। ରାଜଧର୍ମ କଥା ଆପଣ ଜାଣନ୍ତି, ତେଣୁ ସେ ସଂପର୍କରେ ମୁଁ ଆପଣଙ୍କୁ କ'ଣ କହିବି। ସେହି ନାରୀମାନଙ୍କର କ୍ରନ୍ଦନ ଶୁଣି ମୁଁ କେବଳ ରାଜଧର୍ମ ପାଳନ କରିଛି। ଶତ୍ରୁଙ୍କ ସହିତ ଯୁଦ୍ଧ କରିବା, ପ୍ରଜାଙ୍କ ରକ୍ଷା କରିବା, ଗୁଣବନ୍ତ ବିପ୍ରଙ୍କୁ ଦାନ ଦେବା, ସତ୍ୟ ପାଳନ କରିବା ଇତ୍ୟାଦି ହେଉଛି ଜଣେ କ୍ଷତ୍ରିୟର ଧର୍ମ। ସେହି ଧର୍ମ ମୁଁ ପାଳନ କରିଛି। ଆପଣ ଦୟାକରି କୋପ ତ୍ୟାଗ କରନ୍ତୁ।

ହରିଶ୍ଚନ୍ଦ୍ରଙ୍କ କଥା ଶୁଣି ବିଶ୍ୱାମିତ୍ରଙ୍କ ରାଗ ଟିକେ କମିଲା। ମାତ୍ର ସେ ତ ସହଜରେ ଛାଡ଼ିବା ଋଷି ନଥିଲେ।

ଠିକ ଅଛି ରାଜା। ଏବେ ଏବେ ତ କହିଲେ ଦାନ ଦେବା ଓ ସତ୍ୟ ରକ୍ଷା କରିବା ହେଉଛି ଜଣେ କ୍ଷତ୍ରିୟ ବା ରାଜାର ଧର୍ମ। ମୁଁ କିଛି ଦାନ ଚାହେଁ। ତମେ ମୁଁ ଯାହା ମାଗିବି ମୋତେ ଦେବ- ଏଥିଲାଗି ସତ୍ୟ କର।

ବିଶ୍ୱାମିତ୍ରଙ୍କ କଥାରେ ହରିଶ୍ଚନ୍ଦ୍ର ବହୁତ ଖୁସୀ ହେଲେ ଓ ଏହା ସୂର୍ଯ୍ୟବଂଶ ଲାଗି ଏକ ଗୌରବ ବୋଲି ବିଶ୍ୱାମିତ୍ରଙ୍କୁ କହିଲେ। ସେ ସଂଗେ ସଂଗେ କହିଲେ- ହେ ବ୍ରହ୍ମର୍ଷି, ମୁଁ ସତ୍ୟ କରୁଛି। ଆପଣ ଯାହା ଦାନରେ ମାଗିବେ ମୁଁ ତା ଦେବି।

ବିଶ୍ୱାମିତ୍ର କହିଲେ- ହେ ରାଜନ, ମୋତେ ତୁମ ରାଜ୍ୟ ଓ ତା ସହିତ ରାଜ୍ୟର ସବୁ ଧନ ସଂପତ୍ତି ଦାନ କର।

ରାଜା ହରିଶ୍ଚନ୍ଦ୍ର ଖୁସିରେ ସେ ଦାନ ଲାଗି ରାଜି ହୋଇଗଲେ ଓ ଏ କଥା ମଧ୍ୟ କହିଲେ ଯେ ତାଙ୍କ ଜୀବନ ଧନ୍ୟ ହୋଇଗଲା। ବିଶ୍ୱାମିତ୍ରଙ୍କ ପରି ବ୍ରହ୍ମର୍ଷିଙ୍କ ରାଜା ରୂପେ ପାଇ ଅଯୋଧ୍ୟା ଲୋକ ମଧ୍ୟ ସେମାନଙ୍କୁ ଭାଗ୍ୟବାନ ମନେ କରିବେ।

କଥା ସେଇଠି ସରିଗଲା ନାହିଁ। ଆମ ଭାରତୀୟ ପରମ୍ପରାରେ ଦାନ ଦେଲେ ଦକ୍ଷିଣା ବି ଦେବାକୁ ପଡ଼େ। ରାଜା ହରିଶ୍ଚନ୍ଦ୍ରଙ୍କୁ ବିଶ୍ୱାମିତ୍ର ଋଷି ଦକ୍ଷିଣା ଆକାରରେ ଏକ ଲକ୍ଷ ସୁବର୍ଣ୍ଣ ମୁଦ୍ରା ମାଗିଲେ। ରାଜା ହରିଶ୍ଚନ୍ଦ୍ର ଅନେଇ ରହିଲେ ବିଶ୍ୱାମିତ୍ର ଋଷିଙ୍କ ଆଡ଼େ। ସେ ଜାଣି ପାରିଲେନି କଣ କରିବେ।

ପିଲାମାନେ, ଆଜିତ ସମୟ ହୋଇଯାଇଛି। ରାଜା ହରିଶ୍ଚନ୍ଦ୍ରଙ୍କ କଥା ଜାରି ରହିବ। ଏତିକି କହି ମିନା ଅପା ସେଦିନର ରାମାୟଣ କଥାକୁ ସେଇଠି ରଖିଲେ।

(କ୍ରମଶଃ)


+ମୋ: ୯୯୮୦୩୦୦୭୫୧


## କବିତା

ତୁମ ପାଇଁ

### ଜାମୁକୋଳିର ମଜା


ଶରତ କୁମାର ଦାସ


ଡଉଲଡାଉଲ ଚେହେରା ସୁନ୍ଦର
ଜାମୁକୋଳି ତା'ର ନାଆଁ,
ସଭିଏଁ କରନ୍ତି ସେନେହ ଆଦର
ସହର ଠାରୁ ତ ଗାଆଁ ।
ଦେଖିବାକୁ ରୂପ ଚିକ୍କଣ କଳାଟି
ଗୁଣରେ ନିଆରା ପରା,
ହାଟ ବଜାରରେ ମିଳେ ସହଜରେ
ସୁଆଦରେ ପୂରା ଭରା ।
ଛୁଆଠାରୁ ବଡ ଖାଆନ୍ତି ହରଷେ
ପାଟିକୁ ମଧୁର ଲାଗେ,
ଗୀରିଷମ ଦିନେ ଗଛେ ଝୁଲୁଥାଏ
ପାଚି ଝଡୁଥାଏ ବାଗେ ।
ପୋଖରୀ ହୁଡାରେ ଗଛଟିଏ ଥିଲେ
ପିଲାଙ୍କର ମଜା ଭାରି,
ଫୋପାଡି ଢେକାଟି ସାଉଁଟନ୍ତି କୋଳି
ଖୁସି ତାଙ୍କ ଅସୁମାରି ।
ଋତୁ ନେଇ ଆସେ ଏ କୋଳି ସୁଆଦ
ଦେହ ପାଇଁ କେଡେ ହିତ,
ମଧୁମେହ ଅବା ରକତଚାପକୁ
ଦୂର କରେ ପରା ମିତ ।
ଖାଇଲେ ମିଳଇ ଜୀବସାର-ଗ
ଦେହରେ ଶକତି ଛୁଟେ,
ରୋଗ ସାଥେ ପରା ଲଢିବାକୁ ଆମ
ମନରେ ସାହସ ଜୁଟେ।
ରକତ ବଢାଏ ପୁଣି ସଫା କରେ
ପେଟ ବଥା ଦୂର କରେ,
ଶରୀରରେ ଥିବା ଭୂତାଣୁକୁ ନାଶେ
ଖୁସିର ବରଷା ଝରେ ।
ଆସ ଆସ ପିଲେ ହସି ହସି ଆମେ
ନେବା ଜାମୁକୋଳି ମଜା,
ବଡ ଉପକାରୀ ରୋଗ ନାଶକାରୀ
କହୁଥିଲେ ପରା ଅଜା ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### କୁନା ମୁନ୍ନା ଶୁଣରେ


ବିନୟ କୁମାର ଦାସ




ବଗ ଚାଲେ ଡଗଡଗ ଆରେ ମୁନ୍ନା
ବଗ ଚାଲେ ଡଗଡଗ
ସୁଷମ ଉଷୁମ ଖାଦ୍ୟ ଖାଉଥିଲେ
ହେବନି କାହାକୁ ରୋଗ ।

ବଣି ଚାଲେ ଡେଇଁ ଆରେ କୁନା
ବଣି ଚାଲେ ଡେଇଁଡେଇଁ
କଥାରେ କାମରେ କେବେ କାହା ମନେ
କିଛି ପୀଡା ଦେବ ନାହିଁ ।

ନିତି ଘୁମୁରାଏ ପାରା ଆରେ ମୁନ୍ନା
ନିତି ଘୁମୁରାଏ ପାରା
ସତ କହିବାକୁ କେବେ ଡରିବୁନି
ମିଛ କହିଲେ ପଡିବୁ ଧରା ।

କୁଆ କରେ କାଆ କାଆ ଆରେ କୁନା
କୁଆ କରେ କାଆ କାଆ
ଘରେ ତୋର ଦୁଇ ଠାକୁର ଅଛନ୍ତି
ଜଣେ ବାପା ଜଣେ ମାଆ ।

କୋଇଲି ରାବଇ କୁହୁ ଆରେ ମୁନ୍ନା
କୋଇଲି ରାବଇ କୁହୁ
ପର ଉପକାର କଲେ ଜୀବନରେ
ଆସିବ ଖୁସିର ଢେଉ ।

ଗାଈ ଛାଡେ ହମ୍ବା ରଡି ଆରେ କୁନା
ଗାଈ ଛାଡେ ହମ୍ବା ରଡି
ଗୁରୁଙ୍କୁ ଦେଖିଲେ ଦଣ୍ଡବତ ହେବୁ
ନିଷ୍ଠେ ତାଙ୍କ ପାଦେ ପଡି ।

ମେଁ ମେଁ କରେ ଛେଳି ଆରେ ମୁନ୍ନା
ମେଁ ମେଁ କରେ ଛେଳି
ମିଠା କଥା କହି ତୋଷିବୁ ସଭିଙ୍କୁ
କାହାକୁ ଦେବୁନି ଗାଳି ।

ବାଇଚଢେଇର ବସା ଆରେ କୁନା
ବାଇ ଚଢେଇର ବସା
ଗର୍ବ ଅହଂକାର ସାଇତିଲେ ମନେ
ହେବୁ ଦିନେ ଲୋକହସା ।

ପଂଜୁରୀ ଭିତରେ ଶାରୀ କୁନାମୁନ୍ନା
ପଂଜୁରୀ ଭିତରେ ଶାରୀ
ନିର୍ମଳ ଚରିତ୍ର ଗଠନ କରିଲେ
ଯିବନି ଜୀବନେ ହାରି ।


+ଅନାମିକା ନୀଡ, ଅଂଗାରଗଡିଆ
ବାଲେଶ୍ୱର-୧
(ମୋ) ୭୯୭୮୮୬୦୩୬୩


### ଟିକି ଚଢେଇ


ଆଦ୍ୟାଶା ମହାପାତ୍ର


ଟିକି ଚଢେଇଟେ ଦେଖ
ଆକାଶରେ ଉଡଇ
ଟିକି ତା'ର ଡେଣା ଦୁଇ
ଖୁସି ମନେ ଝାଡଇ ।

ଟିକି ଥଂଟେ କୁଟା କାଠି
ଖୋଜି ଆଣେ ସାଉଁଟି
ଟିକି ବସା ଗଢି ଦିଏ
ଦେଖି ଡାଳ କେଉଁଠି ।

ଟିକି ଟିକି ପୋକ ଜୋକ
ଖାଇ ଦିନ ବିତାଏ
ଟିକି ବସାଟିରେ ଶୋଇ
ରାତି ତାର କଟାଏ ।

ଟିକି ବୋଲି ଦିନେ ହେଲେ
ନିଜକୁ ସେ ଭାବେନି
ଟିକି ଠାରୁ ବଡ଼ କାମେ
ପଛ ଘୁଞ୍ଚା ଦିଏନି ।

ଟିକି ସିନା ଦେହ ତା'ର
ସୃଷ୍ଟି କର୍ତ୍ତା ଗଢିଛି
ଟିକି ମନ ନୁହେଁ ତା'ର
ଅଛି ସିଏ ଖୁସିଟି ।


+ଶୈଳବାଳା ମହାବିଦ୍ୟାଳୟ, କଟକ


## ବାଘ ମାମୁଁର ଭଲ ବିଚାର


ସୁବ୍ରତ ମଲିକ




ଖରା ଦିନ । ଏକଦା କିଛି କାଠୁରିଆ ତରତର ହୋଇ ଜଙ୍ଗଲ ମଧ୍ୟକୁ ପ୍ରବେଶ କଲେ। ହାତରେ ଧରିଥିଲେ ବଡ଼ ବଡ଼ ଧାରୁଆ କୁରାଢ଼ୀ। ଟାଣ ଖରା ଯୋଗୁଁ କିଛି ସମୟ ପାଇଁ ଏକ ବଡ଼ ଆମ୍ବ ଗଛ ମୂଳେ ବସି ବିଶ୍ରାମ ନେଲେ । ସେମାନଙ୍କ ଦଳପତି କହୁଥାଏ,'ଏଥର ଅଧିକରୁ ଅଧିକ ଗଛ କାଟିବାକୁ ଚେଷ୍ଟା କରିବ, ବର୍ଷା ଦିନ ଥରେ ଆସିଗଲେ ଜଙ୍ଗଲକୁ ଆଉ ଆସି ହେବନି। ଯିଏ ଯେତେ ଅଧିକ ଗଛ କାଟିବ ତାକୁ ସେତେ ଅଧିକ ବକ୍ସିସ ମିଳିବ ।'

ଏହି କଥାକୁ ସେହି ଗଛ ଡାଳରେ ଆଗରୁ ଘର କରି ରହୁଥିବା କୋଇଲିଟି ଶୁଣି ଚିନ୍ତାରେ ପଡ଼ିଗଲା। ମନେ ମନେ ଭାବିଲା ଯଦି କାଠୁରିଆମାନେ ସବୁ ଗଛଲତା କାଟିଦେବେ, ତେବେ ଜଙ୍ଗଲର ପଶୁପକ୍ଷୀମାନେ ରହିବେ କେଉଁଠି, ଖାଇବେ କଣ , ବଞ୍ଚିବେ କେମିତି ? ଏହି କଥାଟିକୁ ଜଙ୍ଗଲର ରାଜା ବାଘ ମାମୁଁକୁ ଜଣାଇଦେବା ଠିକ ହେବ ବୋଲି ଅନୁଭବ କଲା, ଯିଏକି କାଠୁରିଆମାନଙ୍କ ପାଖରୁ ଜଙ୍ଗଲକୁ ରକ୍ଷା କରିପାରିବ।

ତେଣୁ ଆଉ ଡେରି ନ କରି ଏକା ନିଃଶ୍ୱାସରେ ଉଡ଼ି ଉଡ଼ି ବାଘ ମାମୁଁ ନିକଟରେ ପହଞ୍ଚି ନିଜ ଆସିବାର କାରଣ କହିଲା। କୋଇଲି ପାଖରୁ ସବୁ କଥା ଶୁଣି ଓ ଆସୁଥିବା ବିପଦର ଭୟାଭୟତାକୁ ଅନୁଭବ କରି ବାଘ ରାଜା ସେହି କ୍ଷଣେ ପଶୁପକ୍ଷୀମାନଙ୍କର ଏକ ଜରୁରୀକାଳୀନ ବୈଠକ ଡକାଇଲେ ଏବଂ ସେମାନଙ୍କଠାରୁ ମତାମତ ନେଲେ। କାଠୁରିଆମାନଙ୍କୁ ଆକ୍ରମଣ କରି ଜଙ୍ଗଲରୁ ତଡ଼ି ଦେବାପାଇଁ ପ୍ରାୟ ସମସ୍ତ ପଶୁପକ୍ଷୀ ଗୋଟିଏ ସ୍ୱରରେ କହିଲେ। ମାତ୍ର ବାଘ ମାମୁଁ ଏଥିରେ ନିଜର ସହମତି ପ୍ରକାଶ କଲେ ନାହିଁ । ଧିର ସ୍ଥିର ଚିତ୍ତରେ ପଶୁପକ୍ଷୀଗଣଙ୍କୁ ବୁଝାଇବାକୁ ଯାଇ କହିଲେ କେତେଥର ଆମେ ସେହି କାଠୁରିଆମାନଙ୍କୁ ଏ ଜଙ୍ଗଲରୁ ତଡ଼ିଦେଇ ପାରିବା। ଯେତେଥର ଆମେ ତଡ଼ିଦେବା ସେତେଥର ସେମାନେ ଅଧିକ ଲୋକ ବଳ ତଥା କୌଶଳ ଖର୍ଚ୍ଚ କରି ଏ ଗଛ କାଟିବାକୁ ଆସିବେ। ପୁଣି ମଣିଷମାନେ ତ ଏ ଜୀବଜଗତର ସର୍ବଶ୍ରେଷ୍ଠ ଓ ବୁଦ୍ଧିମାନ ପ୍ରାଣୀ। ସେମାନଙ୍କ ସହିତ ସଂଘର୍ଷର ଅର୍ଥ ନିଜର ପରାଜୟ ।

ବାଘ ମାମୁଁର କଥା ଶୁଣି ପଶୁପକ୍ଷୀମାନଙ୍କ ମଧ୍ୟରେ ଭାଳେଣୀ ପଡ଼ିଗଲା । ନିରବତା ଚାରି ଆଡ଼େ ଖେଳିଗଲା। କାଠୁରିଆମାନଙ୍କୁ ରୋକିଲେ ବି ମୃତ୍ୟୁ, ନ ରୋକିଲେ ବି ମୃତ୍ୟୁ। ପରିସ୍ଥିତିକୁ ଲକ୍ଷ୍ୟ କରି ବାଘ ରାଜା ପୁନଶ୍ଚ କହିବାକୁ ଆରମ୍ଭ କରି କହିଲେ ଏଥିପାଇଁ କେବଳ ଗୋଟିଏ ଉପାୟ ଅଛି, ଯାହା ଦ୍ୱାରା ଏହି ସଂଘର୍ଷକୁ ଏଡ଼ାଇ ଦିଆଯାଇପାରିବା ସହିତ ଆମମାନଙ୍କର ତଥା ଏ ଜଙ୍ଗଲର ମଧ୍ୟ ସୁରକ୍ଷା ହୋଇପାରିବ । ଯଦି ଆମେ କୌଣସି ପ୍ରକାରେ ଏ ମଣିଷମାନଙ୍କୁ ଜଙ୍ଗଲ ନଷ୍ଟ କରିବାର କୁପରିଣାମ ବିଷୟରେ ବୁଝାଇପାରିବା ତେବେ ହୁଏତ ସେମାନେ ଆଉ କେବେ ବି ଗଛ କାଟିବାକୁ ଆସିବେ ନାହିଁ ଏବଂ ପରବର୍ତ୍ତୀ ସମୟରେ ସେମାନେ ମଧ ନିଜ ନିଜର ଅନ୍ୟ ଜାତିଭାଇମାନଙ୍କୁ ଏପରି କରିବାରୁ ନିବୃତ୍ତ କରିପାରିବେ । ଶାନ୍ତି ଓ ଅହିଂସାର ଏହି ମାର୍ଗରେ କାହାର ବି କୌଣସି କ୍ଷତି ହେବ ନାହିଁ। ବାଘ ମାମୁଁର ଏପରି ବିଚାରକୁ ସମସ୍ତ ପଶୁପକ୍ଷୀଗଣ ହୃଦୟରୁ ସ୍ୱାଗତ କଲେ ଏବଂ ସେହି କାଠୁରିଆମାନଙ୍କ ନିକଟକୁ ସଦଳବଦଳେ ଗଲେ।

ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ନିଜ ଆଡ଼କୁ ଆସୁଥିବାର ଦେଖି ଆମ୍ବ ଗଛ ଛାଇରେ ବିଶ୍ରାମ ନେଉଥିବା କାଠୁରିଆମାନେ ଭୟ ପାଇଗଲେ ଓ ନିଜ ନିଜ ମୁହଁକୁ ବଲବଲ କରି ଚାହିଁ ରହିଲେ। ବାଘ ମାମୁଁ ସେହି କାଠୁରିଆମାନଙ୍କ ନିକଟକୁ ଯାଇ ଭୟ ନ କରିବା ପାଇଁ ତଥା ଗଛ କାଟି ଜଙ୍ଗଲ ନଷ୍ଟ ନ କରିବାକୁ ପ୍ରସ୍ତାବ ଦେଲା। ଏହା ଶୁଣି ମୁଖିଆ ଜଣକ ଏ ପ୍ରସ୍ତାବକୁ କାହିଁକି ଗ୍ରହଣ କରିବ ଓ ସେମାନେ ଯଦି ଗଛ କାଟିବା ବନ୍ଦ କରିଦେବେ ତେବେ କେମିତି ଚଳିବେ ବୋଲି ପ୍ରଶ୍ନ କଲା।

ତାହାର ଉତ୍ତରରେ ବାଘ ମାମୁଁ କହିଲା ଗଛ ଲତା ହେଉଛନ୍ତି ଜୀବଜଗତ ଓ ପରିବେଶର ପ୍ରକୃତ ବନ୍ଧୁ। ଆମେ ପ୍ରଶ୍ୱାସରେ ନେଉଥିବା ଅମ୍ଳଜାନଠାରୁ ଆରମ୍ଭ କରି ଖାଦ୍ୟ ବସ୍ତ୍ର ବାସଗୃହ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଏ ଉଦ୍ଭିଦ ଜଗତ ଉପରେ ନିର୍ଭରଶୀଳ। ସେମାନଙ୍କ ହେତୁ ବର୍ଷା ଠିକ ସମୟରେ ଓ ଠିକ ପରିମାଣରେ ହୁଏ । ମୃତ୍ତିକା କ୍ଷୟ ହୁଏ ନାହିଁ। ବାତ୍ୟା ସମୟରେ ପବନର ବେଗ ଅଧିକ ହେବାରୁ ରୋକେ । ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷିନେବା ଦ୍ୱାରା ତାପମାତ୍ରା ନିୟନ୍ତ୍ରଣରେ ରହେ । ଏହି ପରି କେତେ କଣ ଉପକାର ଆମର କରେ। ଆଉ ରହିଲା ରୋଜଗାର କଥା । ତୁମେମାନେ ଯଦି ଘର ପାଖ ଜମି ପଡ଼ିଆ ନ ପକାଇ ନିଜ ପୂର୍ବପୁରୁଷଙ୍କ ପରି ବରଷକ ବାର ମାସ କୃଷି ଚାଷ କରିବ, ତେବେ ତୁମ ପାଖରେ ସମୟର ଅଭାବ ରହିବ ସିନା, ରୋଜଗାର କେବେ ନୁହେଁ। ଏହା ସହିତ କୁକୁଡ଼ା ଚାଷ, ଛତୁ ଚାଷ, ମାଛ ଚାଷ ପରି ଅନ୍ୟାନ୍ୟ ଜୀବିକାକୁ ମଧ ନିଜ ପସନ୍ଦ ଅନୁସାରେ ଗ୍ରହଣ କରିପାରିବ। ଏପରି କଲେ ଆମ ସମସ୍ତଙ୍କର ଲାଭ ହେବ। ବିନା ପରିଶ୍ରମରେ କେବଳ ଯଦି ଗଛ କାଟି କିଛି ଅର୍ଥ ଉପାର୍ଜନ ଆଶା ରଖୁଛ, ତାହା କ୍ଷଣସ୍ଥାୟୀ। କାରଣ ତୁମର ଏହି କାର୍ଯ୍ୟ ଯୋଗୁଁ ଆଜି ନ ହେଲେ ବି କାଲି ଆଉ ଗଛ ନଥିବ କି ଗଛ ବିନା ଜଙ୍ଗଲ ନ ଥିବ । ସେତେବେଳେ ତୁମେ କଣ କରିବ । ତେଣୁ ହେ, ମଣିଷ ଭାଇ ! ଆମ କଥା ମାନି ଆପଣମନେ ନିଜ ନିଜ ଘରକୁ ଫେରିଯାଆନ୍ତୁ।

ବାଘ ମାମୁଁର ଏମନ୍ତ କଥା ଶୁଣି କାଠୁରିଆମାନଙ୍କର ମନ ବଦଳିଗଲା। ସେମାନଙ୍କ ଦଳପତି ଗଛ ନ କାଟି ଫେରିଯିବାକୁ ନିର୍ଦ୍ଦେଶ ଦେବା ସହିତ ଆଉ କେବେ ବି ଗଛ ନ କାଟିବାକୁ ଶପଥପାଠ କରାଇଲେ। ତାହା ପରେ ନିଜ ନିଜ ସାଥିରେ ନେଇଥିବା କୁରାଢ଼ୀକୁ ସେଇଠି ଫିଙ୍ଗି ଦେଇ ଖୁସି ଖୁସି ମନରେ କାଠୁରିଆମାନେ ଜଙ୍ଗଲରୁ ଫେରିଆସିଲେ। ବାଘ ମାମୁଁର ଏହିପରି ଭଲ ବିଚାର ଯୋଗୁଁ ଜଙ୍ଗଲଟି ଗଛ କାଟ ହେବାରୁ ରକ୍ଷା ପାଇବା ସହିତ କାଠୁରିଆମାନେ ମଧ୍ୟ ବଞ୍ଚିବାର ଏକ ନୂଆ ରାହା ପାଇଗଲେ ।


+ମଙ୍ଗଳପୁର,ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬


## ପିଲାଙ୍କ ଉପନ୍ୟାସ : ଭାଗ-୧୨

# ପାଗଳାବାବାଙ୍କ ଟାଇମ୍ ମେସିନ୍


ପୀତାମ୍ବରୀ ଦାଶ




(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୀଷ ଯାନର ବିଭିନ୍ନ ସୁଇଚ୍ ପରୀକ୍ଷା କରିବା ଆରମ୍ଭ କରିଦେଲା । ବିଭିନ୍ନ ପ୍ରକାର ରଙ୍ଗୀନ୍ ସୁଇଚ୍‌କୁ ଲକ୍ଷ୍ୟକଲା । ସେ ସୁଇଚ୍‌ଗୁଡିକ ତଳେ ଭିନ୍ନଭିନ୍ନ ପ୍ରକାର କୋଡ୍ ନମ୍ବର୍ ଥିଲା, ଯାହା ସେ ବୁଝିପାରୁନଥିଲା ୟେଲୋ କଲର୍ ତାର ଖୁବ୍ ପସନ୍ଦ । ଆଗ ପଛ ବିଚାର ନକରି କୌତୂହଳରେ ସେଇ କଲର୍ ସୁଇଚ୍‌କି ଟିପିଦେଲା ସେ । ସୋମୁ ତାକୁ ତା'ହାତଧରି ଅଟକାଇବା ଭିତରେ ସୁଇଚ୍‌ଟି ଅନ୍ ହୋଇ ଯାଇଥିଲା । କାଚର ଢାଙ୍କୁଣି ଆପେ ବନ୍ଦ୍ ହେଇଗଲା ଗତିଶୀଳ ହେଲା ଯାନଟି । ସେମାନେ ଜାଣିପାରିଲେ ନାହିଁ ରୁମ୍ ଭିତରୁ ସେମାନେ କେଉଁପଟେ ବାହାରିଲେ । ସୋମୁ ଭୟରେ ମୂକ ପାଲଟିଗଲା; କିନ୍ତୁ ମନୀଷ୍... ସେ ତ ଖୁସିରେ ଆତ୍ମହରା। ଫିଲ୍ମରେ ଦେଖୁଥିବା ଟାଇମ୍ ମେସିନ୍ ଆଉ ସତସତିକା ଟାଇମ୍ ମେସିନ୍‌ରେ କେତେ ଫରକ୍ !! ଆଜି ସେ ଟାଇମ୍ ମେସିନ୍‌ରେ ବସିଛି। ଦୁନିଆର ସବୁଠାରୁ ଭାଗ୍ୟବାନ୍ ପିଲା ସେ ।

### ୬-ସମୟ ଯାତ୍ରା

କୌଣସି କାର୍ଯ୍ୟ ଆରମ୍ଭ କଲା ପୂର୍ବରୁ ବଡମାନେ ତା'ଭଲମନ୍ଦ ଦିଗକୁ ବିଚାର କରନ୍ତି । ତା'ପରେ କାର୍ଯ୍ୟ ଆରମ୍ଭ କରନ୍ତି । ମାତ୍ର ପିଲାମାନଙ୍କ କ୍ଷେତ୍ରରେ ଏହାର ବିପରୀତ ଲକ୍ଷଣ ଦେଖାଯାଏ । କାର୍ଯ୍ୟର ଭଲମନ୍ଦ ଦିଗ ତାଙ୍କୁ ଜଣାନଥାଏ । କୌତୂହଳ ବଶବର୍ତ୍ତୀ ହୋଇ ସେମାନେ ଯାହାମାନେ ତା କରିପକାନ୍ତି । ସେମାନଙ୍କର ଭଲମନ୍ଦର ବିଚାରବୋଧ ନଥାଏ । ସେଥିପାଇଁ ବଡମାନେ ତାଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରନ୍ତି ।

ସୋମୁକୁ ମନୀଷ ଦୁହେଁ ଛୋଟ ପିଲା ମନୀଷ ନିର୍ଭୀକ, ସୋମୁ ଭୟାଳୁ । କିଏ କାହାକୁ ମାର୍ଗ ଦର୍ଶନ କରିବ ? ସାଙ୍ଗକୁ ଏକାକୀ ଛାଡିବନି ବୋଲି ସୋମୁ ତା'ସାଙ୍ଗେ ଆସିଛି । ମନୀଷ ନୂତନତରେ ଅନୁସନ୍ଧାନରେ ମସ୍‌ଗୁଲ୍ ଅଛି । ସୋମୁର ଲକ୍ଷେ ବାରଣ କେଉଁ ତାକୁ ପଛକୁ ଫେରାଉଛି ।

ମନୀଷର ଖୁସି ବେଶି ସମୟ ରହିଲାନି, ତାଙ୍କୁ ସମୟଯାନଟି ଏକ ଜଙ୍ଗଲର ଝରଣା କୂଳରେ ଅବତରଣ କଲା । ଦୁହିଁଙ୍କୁ ଖୁବ୍ ଶୋଷ କରୁଥିଲା ଆଉ ଭୋକ ବି ହଉଥିଲା । ଯାନରୁ ଦୁହେଁ ଓହ୍ଲାଇପଡିଲେ । ଚାରିଆଡକୁ ଚାହିଁଲେ । ଖୁବ୍ ନିକଟରେ ଶୁଭୁଥିଲା ମନ୍ତ୍ର ଧ୍ୱନି । ଦୁହେଁ ଟିକେ ଆଗକୁ ଯାଇ ଦେଖିଲେ ରାମାୟଣ-ମହାଭାରତ ସିରିଏଲ୍‌ରେ ଦେଖିଥିବା ବିରାଟ୍ ଯଜ୍ଞ କୁଣ୍ଡ ଚାରିପାଖେ ମୁନୀଋଷିଙ୍କ ପରି କେତେ ଜଣ ଯଜ୍ଞ କରୁଛନ୍ତି । ଧାଡିଧାଡି ପତ୍ର କୁଡିଆ ଅଛି । ତାଙ୍କ ପରି କେତେ ପିଲା ବି ଅଛନ୍ତି । ସେମାନେ ଚିତାଚୈତନ୍ୟ କାଟି ମୁଣ୍ଡର ଚୁଟିକୁ ଚୂଳକରି ବାନ୍ଧିଛନ୍ତି । ସୋମୁକୁ ପ୍ରବଳ ଭୋକ ଲାଗୁଥିଲା । କିଛି ଖାଦ୍ୟ ପଦାର୍ଥ ପାଇବା ଆଶାରେ ସେମାନଙ୍କ ନିକଟକୁ ଯିବାକୁ ଚାହୁଁଥିଲା; ମାତ୍ର ମନୀଷ୍ ତାକୁ ଅଟକାଇ ଦେଲା ସୋମୁକୁ କହିଲା- ସେ ଭୁଲ୍ କରନା ! ଏଠି ତତେ କି ଖାଦ୍ୟ ମିଳିବ ଭାବୁଚୁ !! ଆମେ ବୋଧେ ପୁରାଣ ଯୁଗରେ ପହଂଚି ଯାଉଛେ !!! ତାଙ୍କ ପାଖରେ ଫଳମୂଳ ଛଡା ଆଉ କିଛି ମିଳିବନି । ଚାଲ ଏଠୁ ଫେରିଯିବା

ସୋମୁ କହିଲା -ଠିକ୍ ଅଛି । ଯାନରେ ବସିବା ପୂର୍ବରୁ ମୁଁ ସେ ଝରଣାରୁ ପାଣି ପିଇବି । ଆଖପାଖ ପଛରେ ଯେଉଁ ଫଳମୂଳ ମିଳିବ ସେଇଆକୁ ତୋଳି ଖାଇବି ।

ସୋମୁ ଗଛରୁ କିଛି ଫଳ ତୋଳିଲା ଯେଉଁ ଫଳଗୁଡିକରେ ଚିହ୍ନିପାରୁଥିଲା । ତା ପରେ ଝରଣା ପାଖରେ ଯାଇ ପହଂଚିଲା । ହାତରେ ଚଳଚଳ କରି ପାଣି ପିଇଲା । ମନୀଷକୁ କହିଲା - ଆଃ ! ବଢିଆ ପାଣି !! ଆ ସାଙ୍ଗ ତୁ କିଛି ପିଇଦେ । ଆଗକୁ କଣ ଅଛି ଜଣା ନାହିଁ।

ମନୀଷ କହିଲା - ଆରେ ଛେରୁଆ ବ୍ୟସ୍ତ ହଅନା । କିଛି ହବନି ଆଗକୁ ପାଣି ମିଳିବ ଭଲ ଖାଦ୍ୟ ବି ମିଳିବ।

ସୋମୁ ତାକୁ ବୁଝାଇବାକୁ ଚେଷ୍ଟାକଲା - ଦେଖ..ସମୟ ଉପରେ ଭରସା କରିବା ମୂର୍ଖାମି । ଖାଦ୍ୟ ତ ଦୂରର କଥା ଆଗକୁ ଟୋପେ ପାଣି ହୁଏ ତ ମିଳିନପାରେ । ଏଣୁ ମୋ କଥା ମାନି ଏଇଠି ପାଣି ପିଇଦେ । କିଛି ଫଳମୂଳ ମୁଁ ତୋଳିଛି । ତାକୁ ପଛରେ ଖାଇବା ମନୀଷ ତା କଥାକୁ ହସରେ ଉଡାଇଦେଲା ।

(କ୍ରମଶଃ)


+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟିଲେ ବିଜେପି ସାଂସଦ

ଭୁବନେଶ୍ୱର,୨୨/୭ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ରାଜ୍ୟ ବିଜେପି ସାଂସଦର ଏକ ପ୍ରତିନିଧି ମଣ୍ଡଳି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ଯୋଜନା କାର୍ଯ୍ୟକାରୀ କରିବାରେ ଅନିୟମିତତା, ହେରଫେର୍ ତଥା ଅବ୍ୟବସ୍ଥା ଉପରେ ଅବଗତ କରିବା ସହ ଅଭାବୀ ତଥା ଯୋଗ୍ୟ ହିତାଧିକାରୀଙ୍କୁ ବଂଚିତ କରିବା ନେଇ ଅଭିଯୋଗ କରିବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରର ଏହି ଯୋଜନାରୁ ଅଧିକାଂଶ ଗରିବ ହିତାଧିକାରୀ ଲାଭ ପାଇପାରୁନାହାନ୍ତି ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନଏଫଏସଏ) ଜାଲିଆତି ଘଟଣାର ତଦନ୍ତ ନିର୍ଦ୍ଦେଶ ପାଇଁ ସାଂସଦ ପ୍ରତିନିଧିମାନେ ଦାବୀ କରିଛନ୍ତି।

ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ, କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ସମ୍ବଲପୁର ସାଂସଦ ନୀତିଶ ଗଙ୍ଗଦେଓ, ବଲାଙ୍ଗୀରର ସାଂସଦ ସଙ୍ଗୀତା ସିଂହଦଓ ପ୍ରମୁଖ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସାଂସଦଙ୍କ ଅଭିଯୋଗ ଅନୁଯାୟୀ ୨୦୨୦-୨୧ ମସିହାରେ ପିଏମଜିକେଏୱାଇ ଅନ୍ତର୍ଗତ ମେ-ନଭେମ୍ବର ୨୦୨୧ ଅବଧି ପାଇଁ ଓଡିଶାକୁ ପ୍ରାୟ ୧୧.୩୫ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ମାଗଣାରେ ବଂଟନ କରାଯାଇଛି। ସେଥିମଧ୍ୟରୁ ୬.୨୨ ଲକ୍ଷ ମେଟ୍ରିକ ଟନ ଉଠାଯାଇଛି। ପିଏମଜିକେଏୱାଇ ଏବଂ ଏନଏଫଏସଏ ଯୋଜନା ଅନ୍ତର୍ଗତ ୧୫ଟି ଜିଲ୍ଲାରେ ୧୦ ପ୍ରତିଶତରୁ କମ୍ ଖାଦ୍ୟଶସ୍ୟ ଉଠାଯାଇଛି। ଏହା ଉପରୋକ୍ତ ଜିଲ୍ଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ପଛୁଆ ଏବଂ ଓଡିଶାର ଆଦିବାସୀ ପ୍ରାଧାନ୍ୟ ଜିଲ୍ଲା। ପିଏମଜିକେଏୱାଇ ଯୋଜନା ଅଧୀନରେ ମେ ୨୦୨୧ ରେ ଓଡିଶାର ୯୨.୮୩ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ କେବଳ ୮୭.୩୯ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ବଂଟନ କରାଯାଇଥିବା ବେଳେ ୫.୪୩ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ଖାଦ୍ୟଶସ୍ୟ ବଂଟନ କରାଯାଇନାହିଁ। ସେହିପରି ଅନୁରୂପ ଭାବରେ ଜୁନ୍ ୨୦୨୧ରେ ଓଡିଶାର ୯୨.୭୭ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ ମାଗଣା ଖାଦ୍ୟ ଶସ୍ୟ କେବଳ ୮୮.୨୩ ଲକ୍ଷଙ୍କୁ ବଂଟନ କରାଯାଇଥିବା ବେଳେ ୪.୫୪ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ବିତରଣ କରାଯାଇନାହିଁ। ଏନଏଫଏସଏ ଯୋଜନା ଅଧୀନରେ ମେ ୨୦୨୧ରେ ଓଡିଶାର ୯୨.୮୩ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ ୪.୦୭ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ଛାଡି କେବଳ ୮୮.୭୬ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ବଂଟନ କରାଯାଇଛି। ସେହିପରି ଜୁନ୍ ୨୦୨୧ରେ ଓଡିଶାର ୯୨.୭୭ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କ ମଧ୍ୟରୁ ୪.୦୪ ଲକ୍ଷ ଏନଏଫଏସଏ କାର୍ଡଧାରୀଙ୍କୁ ଛାଡି କେବଳ ୮୮.୭୨ ଲକ୍ଷ ଏନଏଫଏସଏ କାର୍ଡ ଧାରକଙ୍କୁ ମାଗଣା ଖାଦ୍ୟ ଶସ୍ୟ ବଂଟନ କରାଯାଇଛି। ଉପରୋକ୍ତ ତଥ୍ୟରୁ ପ୍ରମାଣିତ ଯେ ଭାରତ ସରକାରଙ୍କ ଦ୍ୱାରା ଆବଂଟନ କରାଯାଉଥିବା ଖାଦ୍ୟଶସ୍ୟ ବନାମ୍ ରାଜ୍ ସରକାରଙ୍କ ଦ୍ୱାରା ପିଏମଜିକେଏୱାଇ ଏବଂ ଏନଏଫଏସଏ ଅଧୀନରେ ଦିଆଯାଉଥିବା ଖାଦ୍ୟ ତାଲିକାରେ ଅନେକ ପାର୍ଥକ୍ୟ ରହିଛି। ଯାହା ପ୍ରମାଣିତ କରୁଛି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଏନଏଫଏସଏ ରାସନକାର୍ଡଧାରୀ ଭୂତ ହିତାଧିକାରୀ ଅଛନ୍ତି। କେନ୍ଦ୍ରୀୟ ଟିମର ଅନୁସନ୍ଧାନରୁ ଓଡ଼ିଶାରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ଅପବ୍ୟବହାର କଥା ପଦାକୁ ଆସିଥିଲା। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଟିମ୍ ମଧ୍ୟ ଉଦ୍ଦେଶ୍ୟମୂଳକ ଭୁଲ୍ କାରବାରର ବଡ଼ ପ୍ରମାଣ ପାଇଛି। ଏହି ଯୋଜନା ଅନ୍ତର୍ଗତ ସଂପୂର୍ଣ୍ଣ ଘରଗୁଡିକ ଉପରେ ପିଏମ-ଆବାସ ଲୋଗୋ ଗୁଡିକ ରାଜ୍ୟ ପ୍ରାୟୋଜିତ ବିଜୁ ପକ୍କା ଘର ଯୋଜନା ଭାବରେ ବ୍ରାଣ୍ଡିଂ କରାଯାଇ ଏହାକୁ ବଦଳାଇ ଦିଆଯାଉଥିଲା। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡିଶାର ଲୋକଙ୍କ କଲ୍ୟାଣ ପାଇଁ ଓଡିଶାର ସଂସଦର ସଦସ୍ୟମାନେ ଏହି ଘଟଣାର ସବିଶେଷ ତଥ୍ୟ ଅନୁସନ୍ଧାନ ପାଇଁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କୁ ପିଏମଜିକେଏୱାଇ ପରିଚାଳନାରେ ତ୍ରୁଟିକୁ ସୁଧାରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିବା ସହ ଅନୁରୋଧ କରିଛନ୍ତି।

# ୨୭ ଜୁଲାଇରୁ ଚାଲିବ ବିଶାଖାପାଟନମ୍-ଗୁଣୁପୁର ବିଶେଷ ଟ୍ରେନ



ଭୁବନେଶ୍ୱର,୨୨/୭ (ନି.ପ୍ର): ୦୮୫୨୨/୦୮୫୨୧ ବିଶାଖାପାଟନମ୍-ଗୁଣୁପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ ଉଭୟ ଦିଗରୁ ଆସନ୍ତା୨୭ ଜୁଲାଇ ଠାରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ୍ ବିଶାଖାପାଟନମରୁ ଭୋର ୫ଘ.୩୫ମି.ରେ ଛାଡି ଗୁଣୁପୁରରେ ଅପରାହ୍ନ ୧୨ଘ.୨୦ମି.ରେ ପହଂଚିବ। ସେହିଭଳି ଏହା ଗୁଣୁପୁରରୁ ଅପରାହ୍ନ ୧ଘ.୩୫ମି.ରେ ଛାଡି ବିଶାଖାପାଟନମ ରେ ରାତ୍ରି ୮ଘ.୪୫ମି.ରେ ପହଂଚିବ । ସେହିପରି ୦୫୪୮୮/୦୫୪୮୭ ଅଗରତାଲା-ବାଙ୍ଗାଲୋର କ୍ୟାଂଟ-ଅଗରତାଲା ଏସି ସ୍ପେସିଆଲ ୩୧ ଜୁଲାଇ, ୨୦୨୧ ଅଗରତାଲାରୁ ଏବଂ ୩ ଅଗଷ୍ଟ, ୨୦୨୧ ଠାରୁ ବାଙ୍ଗାଲୋର କ୍ୟାଂଟରୁ ଛାଡି ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ୍ ପ୍ରତ୍ୟେକ ଶନିବାର ଦିନ ସକାଳ ୬ଘ.୧୦ମି.ରେ ଅଗରତାଲାରୁ ଛାଡି ବାଙ୍ଗାଲୋର କ୍ୟାଂଟ ଅଭିମୁଖେ ଯାତ୍ରା କରିବ ଏବଂ ବାଙ୍ଗାଲୋର କ୍ୟାଂଟରୁ ପ୍ରତ୍ୟକ ମଙ୍ଗଳବାର ଦିନ ପୂର୍ବାହ୍ନ ୧୦ଘ.୧୫ମି.ରେ ଛାଡି ଅଗରତାଲା ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଉଭୟ ଦିଗରୁ ଅଗରତାଲା ଏବଂ ବାଙ୍ଗାଲୋର କ୍ୟାଂଟ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, ବିଶାଖାପାଟନମ୍ ଏବଂ ଦୁଭାଡା ଷ୍ଟେସନ ମାନଙ୍କ ଠାରେ ରହଣି କରିବ।

# ମା' ରମାଦେବୀଙ୍କ ୩୬ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୨୨/୭ (ନି.ପ୍ର): ଓଡ଼ିଶା ତଥା ଭାରତ ବର୍ଷରେ ନାରୀ ଜାଗରଣର କର୍ଣ୍ଣଧାର, ସେବା, କରୁଣା, ସଂସ୍କାର ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପୂଜ୍ୟା ମା' ରାମଦେବୀଙ୍କ ୩୬ତମ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଧାୟକ ରମେଶ ଚନ୍ଦ୍ର ସାଏ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡଃ ଅପରାଜିତା ଚୌଧୁରୀ, ଡଃ ଚଣ୍ଡୀ ଚରଣ ରଥ, ସୁଶୀଲ ପଟ୍ଟନାୟକ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସମିତି ପକ୍ଷରୁ ରବି ନାରାୟଣ ନନ୍ଦ, ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ମନୋରଞ୍ଜନ ନାୟକ, କବିତା ସୁବୁଦ୍ଧି, ଜ୍ୟୋତିର୍ମୟୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମା' ରମାଦେବୀଙ୍କ ପ୍ରତିମପୂର୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଉତ୍କଳ ଗୌରବ ମଧୁବାବୁଙ୍କ କନିଷ୍ଠ ଭ୍ରାତା ଗୋପାଳ ବଲ୍ଲଭଙ୍କ କନ୍ୟା ରାମଦେବୀ ଜାତୀୟତାବାଦୀ ଆନ୍ଦୋଳନ ନେତା ଗୋକୁଳାନନ୍ଦ ଚୌଧୁରୀଙ୍କ ଜ୍ୟେଷ୍ଠ ପୁତ୍ର ଋଷିପ୍ରତିମ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରି ସ୍ୱାମୀଙ୍କ ଅନୁଗାମୀ ଭାବେ ଜାତୀୟତାବାଦୀ ଆନ୍ଦୋଳନରେ ଯୋଗଦାନ କରିବା ସହିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ହରିଜନ ପଦଯାତ୍ରାରେ ନିଜକୁ ସାମିଲ୍ କରିଥିଲେ । ମୌଳିକ ଶିକ୍ଷା, ନାରୀ ଶିକ୍ଷାର ବିକାଶ, ସର୍ବୋଦୟ ଆନ୍ଦୋଳନରେ ନିଜକୁ ସାମିଲ୍ କରି ନିର୍ବାଚନ ରାଜନୀତିରୁ ନିଜକୁ ଦୂରେଇ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ସାଏ, କୁଳପତି ଡଃ ଅପରାଜିତା ଚୌଧୁରୀ ଓ ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହଙ୍କୁ ସାମିଲ୍ ସଂଗଠନ ତରଫରୁ ମା' ରମାଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ତୁରନ୍ତ ଖୋଲିବାକୁ ସଂଘର ଦାବି

ଭୁବନେଶ୍ୱର,୨୨/୭ (ନି.ପ୍ର): କରୋନା ଯୋଗୁ ପ୍ରାୟ ୧୮ ମାସରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାବେଳେ ଛୋଟ ଛୋଟ ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇଛନ୍ତି। ସରକାର ଛାତ୍ରଛାତ୍ରୀମାନଙ୍କୁ ଅଭିନବ ଉପାୟରେ ରେଡିଓ ପାଠଶାଳା, ହ୍ୱାଟସ୍ଆପ ମାଧ୍ୟମରେ ଶିକ୍ଷା, ୟୁଟୁବ୍ ଲାଇଭ କ୍ଲାସ ମାଧ୍ୟମରେ ଆଭାସୀ ଶିକ୍ଷାଦାନ ବ୍ୟବସ୍ଥା କରିଥିଲେ ମଧ୍ୟ ଆମ ରାଜ୍ୟର ପିଲାମାନଙ୍କ ପାଇଁ ଏହି ଶିକ୍ଷା ଫଳପ୍ରଦ ହୋଇପାରୁ ନାହିଁ। କାରଣ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଆଣ୍ଡ୍ରଏଡ୍ ମୋବାଇଲ ନାହିଁ ଓ କେଉଁଠାରେ ମୋବାଇଲ ନେଟୱାର୍କ ଆସୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେମାନେ ମୋବାଇଲରେ ଡାଟା ପ୍ୟାକ୍ ପକାଇ ପାରୁନାହାଁନ୍ତି। ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଆଭାସୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଆମ ରାଜ୍ୟ ସରକାର ଚଳିତ ମାସରୁ ୧୦ମ, ଦ୍ୱାଦଶ ଶ୍ରେଣୀ ଓ ଆସନ୍ତା ମାସଠାରୁ ୯ମ, ଏକାଦଶ ଶ୍ରେଣୀ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ବେଳେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ (ପ୍ରଥମରୁ ଅଷ୍ଟମ ଶ୍ରେଣୀ) ଆଦୌ ନ ଖୋଲିବା ଦୁର୍ଭାଗ୍ୟଜନକ ଅଟେ। ଭାରତୀୟ ଭେଷଜ ଗବେଷଣା ପରିଷଦ ଚତୁର୍ଥ ସେରୋ ସର୍ଭେ ଅନୁଯାୟୀ ବଡ଼ ପିଲମାନଙ୍କ ଠାରୁ ଛୋଟ ଛୋଟ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଓ ଭୂତାଣୁ ମୁକାବିଲା କ୍ଷମତା ଅଧିକ। ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର ବିଦ୍ୟାଳୟଗୁଡ଼ିକ ଖୋଲିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସରୋ ସର୍ଭେରେ ଦର୍ଶାଯାଇଛି। ବିଦ୍ୟାଳୟଗୁଡ଼ିକ ଖୋଲିବା ପୂର୍ବରୁ ସେଗୁଡ଼ିକ ବିଶୋଧନ କରିବା, ହ୍ୟାଣ୍ଡ ସାନିଟାଇଜର ବ୍ୟବହାରକୁ ଗୁରୁତ୍ୱ ଦେବା, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ମାସ୍କ ବ୍ୟବହାର କରିବା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚ୍ରାରୀମାନଙ୍କୁ ଟୀକା ପ୍ରଦାନ କରିବାକୁ ଆଇ.ସି.ଏମ୍.ଆର ମହାନିର୍ଦ୍ଦେଶକ ଗୁରୁତ୍ୱ ଆରୋପ କରିଛନ୍ତି। ତେଣୁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଖୋଲିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଭାରତୀୟ ଭେଷଜ ଗବେଷଣା ପରିଷଦ ପକ୍ଷରୁ କୁହାଯାଇଛି। ଆମ ରାଜ୍ୟର ବିଦ୍ୟାଳୟଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଭିତ୍ତିଭୂମି ନାହିଁ ଓ ସରକାର ଜାଣିଶୁଣି ଏହାକୁ ବିକାଶ କରୁନାହାଁନ୍ତି। ୫ରୁ ଉର୍ଦ୍ଧ୍ୱ ବର୍ଷ ଧରି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯାଇ ନାହିଁ। ତେଣୁ ବିଦ୍ୟାଳୟଗୁଡ଼ିକରେ ଲକ୍ଷାଧିକ ଶିକ୍ଷକ ପଦବୀ ଆଜି ସୁଦ୍ଧା ଖାଲି ପଡ଼ିଛି। ସରକାର ନିଜ ଅପରାଗତାକୁ ଲୁଚ୍ଇବା ପାଇଁ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ଖୋଲୁନାହାଁନ୍ତି ବୋଲି ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଅଭିଯୋଗ କରିଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି ଓ ଭିତ୍ତିଭୂମିର ବିକାଶ କରିବାକୁ ସଂଘ ଦାବି କରିଛି। ଶିକ୍ଷାଦାନ ମୂଳଦୁଆ ପ୍ରାଥମିକ ଶ୍ରେଣୀ ହୋଇଥିବା ବେଳେ ଏହାକୁ ଖୋଲିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ ନକରି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ଭଳି ତୁରନ୍ତ ଖୋଲିବାକୁ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋପଳ କିଶୋର ସେନ, ପ୍ରବୀଣ କୁମାର ଦାସ, ଟୁଲୁ ଦେଇ, କେଶବ ଚନ୍ଦ୍ର କର, ସୁଦାମ ଦଳବେରା, ସୁଧାଂଶୁ ମଣ୍ଡଳ, ସବୀର ଅଲ୍ଲି ଖାଁ, ମହେଶ୍ୱର ମହାରଣା, ଦିଲ୍ଲିପ କୁମାର ମିଶ୍ର, ଜିତେନ୍ଦ୍ର କୁମାର ନାୟକ, ନରେଶ ପାତ୍ର ପ୍ରମୁଖ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

## ପ୍ରସିଦ୍ଧ ଇଂରାଜୀ ପୁସ୍ତକ "ସାଫ୍ରନସୋର୍ଡ଼ସ୍"ର ଓଡ଼ିଆ ଅନୁବାଦ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୨/୭ (ନି.ପ୍ର): ଗତ ୨୦୧୯ରେ ଇଂରାଜୀ ଭାଷାରେ ପ୍ରକାଶ ପାଇଥିବା ଇତିହାସ ପୁସ୍ତକ 'ସାଫ୍ରୋନ ସ୍ୱର୍ଡ୍ସ' ଅଖିଳ ଭାରତୀୟ ସ୍ତରରେ ,ତଥା ଆନ୍ତର୍ଜାତିକ ସ୍ତରରେ ଆଲୋଡନ ସୃଷ୍ଟି କରିଥିଲା। ଦୀର୍ଘ ୧୩୦୦ ବର୍ଷ ଧରି ବିଦେଶୀ ଆକ୍ରମଣକାରୀଙ୍କ ପ୍ରତି ଆମର ପୂର୍ବଜମାନେ ଯେପରି ପ୍ରତିରୋଧ ଦେଖାଇଛନ୍ତି, ସେମାନଙ୍କୁ ସମୟ ସମୟରେ ପରାସ୍ତ କରିଛନ୍ତି, କେବେ କେବେ ଷଡ଼ଯନ୍ତ୍ରରେ ଶିକାର ହୋଇ ପ୍ରାଣବଳି ଦେଇଛନ୍ତି, ସେମାନଙ୍କ ସେହି ସର୍ବୋଚ୍ଚ ବଳିଦାନ, ବୀରତ୍ୱ ଓ ଦେଶପ୍ରେମର ଦସ୍ତାବିଜ ହେଉଛି ଏହି "ସାଫ୍ରନ ସୋର୍ଡସ୍"।

# ବିଭାଗୀୟ ମୁଖ୍ୟଦପ୍ତର ସ୍ୱଳ୍ପବେତନଭୋଗୀ ସରକାରୀ କର୍ମଚାରୀ ସଂଘର ୩୨ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୨/୭ (ନି.ପ୍ର): ଆଜି ଓଡ଼ିଶା ବିଭାଗୀୟ ମୁଖ୍ୟଦପ୍ତର ସ୍ୱଳ୍ପ ବେତନଭୋଗୀ ସରକାରୀ କର୍ମଚାରୀ ସଂଘର ୩୨ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଅଛି। ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ତଥା ସଂଘର ମୁଖ୍ୟଉପଦେଷ୍ଟା ଶ୍ରୀ ଅନନ୍ତ ନାରାୟଣ ଜେନା ସଂଘର ପତାକା ଉତୋଳନ କରି ରାଜ୍ୟରେ ହେଉଥିବା ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। ଦେଶର ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ତୁଲାଇଛନ୍ତି ଏବଂ କଥାବାର୍ତ୍ତା ମାଧ୍ୟମରେ ତଳୁଆ ଶ୍ରେଣୀର କର୍ମଚାରୀଙ୍କ ଥିବା ସମସ୍ୟା ଦୂର ହୋଇପାରିବ। କର୍ମଚାରୀମାନେ ମିଳିତ ହୋଇ ସରକାରଙ୍କ ସହ କାର୍ଯ୍ୟ ତୁଲାଇବାରେ ସକ୍ଷମ ହୋଇଥିବାରୁ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ସଂଘର ସଭାପତି ଶ୍ରୀ ଗଙ୍ଗାଧର ସ୍ୱାଇଁ ପ୍ରତିଷ୍ଠା ଦିବସକୁ ମନେପକାଇ ଆଜିର ଦିନରେ ପାଳନ ପାଇଁ ଉପସ୍ଥିତ ମୁଖ୍ୟ ଉପଦେଷ୍ଟାଙ୍କ ସମେତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଧାରଣ ସମ୍ପାଦକ ଶ୍ରୀ ଶ୍ୟାମସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ସଂଘର ସାଧାରଣ ସମ୍ପାଦକ ଓ ସଭାପତି ଏବଂ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୂରଣ ହେଉନି ୧୩ ଦଫା ଦାବି: କଳାବ୍ୟାଜ୍ ପିନ୍ଧିଲେ ଓପିଜିସିର ଅଫିସର, କର୍ମଚାରୀ

ଭୁବନେଶ୍ୱର ,୨୨/୭ (ନି.ପ୍ର): ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ଅଫିସର୍ସ ଆସୋସିଏସନ୍ ଓ ଏମ୍ପ୍ଲୟିଜ ୟୁନିୟନ୍‌ର କର୍ମଚାରୀମାନେ ସେମାନଙ୍କ ୧୩ ଦଫା ଦାବି ୨୦୧୬ ମସିହାରୁ ଉଚ୍ଚ କର୍ତ୍ତୃପକ୍ଷ, ସରକାରୀ ପଦାଧିକାରୀ ଏବଂ ଶକ୍ତିମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଉପସ୍ଥାପିତ କରିଆସୁଛନ୍ତି। ମାତ୍ର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଉକ୍ତ କର୍ମଚାରୀ ଦୀର୍ଘ ଦିନରୁ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ମଧ୍ୟରେ ଓପିଜିସିର ୪୯ ପ୍ରତିଶତ ଅଂଶୀଦାର ଥିବା ଆମେରିକୀୟ ଏଇଏସ୍ କମ୍ପାନି ତା'ର ଅଂଶଧନ ୨୦୨୦ ଡିସେମ୍ବର ମାସରୁ ପ୍ରତ୍ୟାହାର କରିନେବା ପରେ ଏବେ ସରକାରଙ୍କ ହାତରେ ଓପିଜିସିର ଶତ ପ୍ରତିଶତ ମାଲିକାନା। ହେଲେ ଦୀର୍ଘ ୨୫ ବର୍ଷ ଧରି କାମ କରୁଥିବା ସଂଘ କର୍ମଚାରୀମାନେ ଆଜି ବି ଅବହେଳିତ। ଉଭୟ ସଂଘ ୨୦୨୦ରୁ କଳାବ୍ୟାଜ୍ ପିନ୍ଧି ମଧ୍ୟାହ୍ନ ବିରତି ସମୟରେ ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଓପିଜିସି ଅଧ୍ୟକ୍ଷ ଆଲୋଚନା ପାଇଁ ଡାକିବାରୁ ୩୧ ଜାନୁୟାରି ୨୦୨୧ରୁ ବିକ୍ଷୋଭ ପ୍ରଦର୍ଶନ ସ୍ଥଗିତ ରଖାଯାଇଥିଲା। ଗତ ୨୨ ଫେବ୍ରୁୟାରିରେ ଓପିଜିସି ଅଧ୍ୟକ୍ଷ ଉଭୟ ସଂଘ ସହିତ ଆଲୋଚନା କରି ଓପିଜିସିରେ ନୂତନ ଏମ୍‌ଡି ଓ ଡାଇରେକ୍ଟର ଅପରେସନ୍ ପଦ ପୂରଣ ପରେ ଏହାର ସମାଧାନ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ଏମ୍‌ଡି ଓ ଡାଇରେକ୍ଟର ଅପରେସନ୍‌ଙ୍କ ନିଯୁକ୍ତି ତିନି ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସଂଘ ତରଫରୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଉଭୟ ସଂଗଠନର କର୍ମଚାରୀମାନେ ଗତ ଦୁଇ ତାରିଖରୁ କଳାବ୍ୟାଜ୍ ପରିଧାନ କରି ନିଜର ଅସନ୍ତୋଷ ପ୍ରକାଶ କରିବାକୁ ବାଧ୍ୟ ହୋଇଛନ୍ତି। ଆଗାମୀ ଦିନରେ ଯଦି ଓପିଜିସି କର୍ତ୍ତୃପକ୍ଷ ଏବଂ ସରକାର ସମସ୍ୟାର ସମାଧାନ ନ କରନ୍ତି ତା' ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଉଭୟ ସଂଗଠନର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି।

# ରାଜ୍ୟରେ ଟିକାକରଣ ଦେଢ଼ କୋଟି ଡୋଜ୍ ଟପିଲା




ଭୁବନେଶ୍ୱର,୨୨/୭ (ନି.ପ୍ର): ଜାନୁଆରି ୧୬ତାରିଖରେ ଦେଶ ତଥା ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏହାର ୬ମାସ ପରେ ରାଜ୍ୟରେ କରୋନା ଟିକାକରଣ ଦେଢ଼ କୋଟି ଡୋଜ୍ ଟପିଛି। ଗୁରୁବାର ୨ଲକ୍ଷ ୩୬ହଜାର ୭୭୪ଜଣ ଟିକା ନେବା ପରେ ସମୁଦାୟ ଡୋଜ୍ ସଂଖ୍ୟା ୧କୋଟି ୫୦ଲକ୍ଷ ୧ହଜାର ୧୨୬କୁ ବୃଦ୍ଧି ପାଇଛି। ଆଜି ଯାଜପୁର ଓ କେନ୍ଦ୍ରାପଡ଼ାରେ ଟିକାକରଣ ବନ୍ଦ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆଜି ୭୯୫ ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବ। ରାଜ୍ୟରେ ଗୁରୁବାର ୧୧୫୮ ଟିକାକରଣ ଅଧିବେଶନରେ ୨ଲକ୍ଷ ୩୬ହଜାର ୭୭୪ଜଣ ଟିକା ନେଇଥିଲେ। ଏଥିରେ ୧୮-୪୪ବର୍ଗର ୧ଲକ୍ଷ ୭ହଜାର ୫୧୦ଜଣ ପ୍ରଥମ ଓ ୧୪,୫୪୨ଜଣ ଦ୍ୱିତୀୟ ଡୋଜ୍ ନେଇଥିଲେ। ସେହିପରି ୪୫ବର୍ଷରୁ ଅଧିକ ୨୫,୩୨୬ଜଣ ପ୍ରଥମ ଓ ୮୫,୮୯୮ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିଲା। ରାଜ୍ୟରେ ଏ ପର୍ଯ୍ୟନ୍ତ ୧୮-୪୪ବଗର ୨୨ ପ୍ରତିଶତ ଓ ୪୫ବର୍ଷରୁ ଅଧିକ ୫୫ ପ୍ରତିଶତ ପ୍ରଥମ ଡୋଜ୍ ଟିକା ନେଇ ସାରିଲେଣି। ସେହିପରି ରାଜ୍ୟରେ ୧୧ହଜାର ୧୩୫ଜଣ ଗର୍ଭବତୀ ଟିକା ନେଇ ସାରିଲେଣି। ରାଜ୍ୟରେ ଏବେ ୫.୬ଲକ୍ଷରୁ ଅଧିକ କୋଭିସିଲ୍ଡ ଓ ୮୨ହଜାରରୁ ଅଧିକ କୋଭାକ୍ସିନ୍ ଟିକା ମହଜୁଦ ରହିଛି।

# ଶିକ୍ଷକମାନେ ନିଜେ ଆସି ଟିକା ନିଅନ୍ତୁ, କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୨/୭ (ନି.ପ୍ର): ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା ନାହିଁ ।ଆମେ ଯେଉଁ ବୟସ ଅନୁଯାୟୀ ଟିକାକରଣ କରୁଛୁ, ସମସ୍ତ ଶିକ୍ଷକ ସେଥିରେ ଅନ୍ତର୍ଭୁକ୍ତ ।ସମସ୍ତଙ୍କୁ ଟିକା ନେବାକୁ କୁହାଯାଇଛି, ସେମାନେ ନେବା କଥା । ଯଦି ଏଯାଏଁ ଟିକା ନେଇନାହାଁନ୍ତି, ତେବେ ସ୍ୱତଃପ୍ରବୃତ ଭାବରେ ଆସି ଟିକା ନିଅନ୍ତୁ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଜୟ ମହାପାତ୍ର ଏନେଇ ଅନୁରୋଧ କରିଛନ୍ତି । ସେହିପରି ଆଇସିଏମଆର ଆଣ୍ଟିବଡି ରିପୋର୍ଟ ଓ ରାଜ୍ୟ ରିପୋର୍ଟ ଭିନ୍ନ ବୋଲି କୁହାଯାଇଛି ।ଆମ ରାଜ୍ୟର ସ୍ଥିତି ଆଇଏଲଏସ ଠାରୁ ଜାଣିବା ପରେ, ଯଦି କମ ଆଣ୍ଟିବଡି ଥିବ ତେବେ ତାହାର ବ୍ୟବସ୍ଥା କରାଯିବ । ଆଇସିଏମଆର କର୍ତ୍ତୃପକ୍ଷ କଣ ରିପୋର୍ଟ ଦେଉଛନ୍ତି ତାହାକୁ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି । ଆମର ସର୍ଭିଲାନ୍ସ ରଖିବା ହେଉଛି ଆମର ମୁଖ୍ୟ କାର୍ଯ୍ୟ । ସରକାର ଯେଉଁ ଭଳି ଭାବେ କୋଭିଡ କଟକଣା ମାନିବାକୁ କହିଛନ୍ତି ସେହିପରି ସ୍କୁଲ କର୍ତ୍ତୃପକ୍ଷ ତାହାକୁ ତଦାରଖ କରିବେ । ସେହିପରି ରାଜ୍ୟର ସ୍ଥିତି ଭଲ ଅଛି, ଯଦି ଦୁଇ ତିନୋଟି ଜିଲ୍ଲାରେ ପଜିଟିଭିଟି ଅଧିକ ରହିଛି, ସଂକ୍ରମଣ ନିମ୍ନଗାମୀ ହେଉଛି । ସରକାରଙ୍କ ନିୟମ ନ ମାନିଲେ ଏନଫୋର୍ସମେଣ୍ଟ ହେବ । ସଂକ୍ରମଣ ହାର ସହିତ ଆଡ଼ମିସନ ସଂଖ୍ୟା, ଗୁରୁତର ରୋଗୀଙ୍କ ସଂଖ୍ୟା ଦେଖନ୍ତୁ, ଆମ ସ୍ଥିତି ଭଲ ଅଛି ।

# ଦ୍ୱିତୀୟ ଲହରରେ ୯୩ ପ୍ରତିଶତ ଡେଲଟା ଭାରିଏଣ୍ଟ



ଭୁବନେଶ୍ୱର,୨୨/୭ (ନି.ପ୍ର): ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଲମ୍ବି ଚାଲିଛି। ଲକ୍‌ଡାଉନ୍, ସଟ୍‌ଡାଉନ୍ ସତ୍ତ୍ୱେ ସଂକ୍ରମଣ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। ରାଜ୍ୟ ସମେତ ଦେଶରେ ସଂକ୍ରମଣ ସ୍ଥିତି ସଂଗିନ ହେବା ପଛରେ ଘାତକ ଡେଲ୍‌ଟା (ବି.୧.୬୧୭.୨) ଭାରିଏଣ୍ଟ ରହିଥିବା କୁହାଯାଉଛି। ଡେଲ୍‌ଟା ଯୋଗୁଁ ରାଜ୍ୟରେ ପଜିଟିଭ୍ ସଂଖ୍ୟା ବଢ଼ିଥିଲା ଏବଂ ଏବେ ବି ଡେଲ୍‌ଟା ଭାରିଏଣ୍ଟ ସକ୍ରିୟ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏ ପର୍ଯ୍ୟନ୍ତ ରାଜ୍ୟରେ ୩ହଜାର ନମୁନାର ଜିନ୍ ଅନୁଶୀଳନ ହୋଇଥିବା ବେଳେ ଏଥରେ ୯୨ରୁ ୯୩ ପ୍ରତିଶତ ଡେଲ୍‌ଟା ଭାରିଏଣ୍ଟ ଦେଖିବାକୁ ମିଳିଛି। ସେହିପରି ଦେଶରେ ୬୫ହଜାର ଜିନ୍ ଅନୁଶୀଳନରେ ୯୬ ପ୍ରତିଶତ ଲୋକ ଡେଲ୍‌ଟା ଭାରିଏଣ୍ଟରେ ସଂକ୍ରମିତ ହୋଇଥିବା ନଜରକୁ ଆସିଛି। ଏହି ଅନୁଶୀଳନରୁ ଭୂତାଣୁରୁ ଅନ୍ୟ ପରିବର୍ତ୍ତିତ ରୂପ ବା ମ୍ୟୁଟେସନ୍ ଦେଖିବାକୁ ମିଳିନାହିଁ। ତେଣୁ ଜିନ୍ ଅନୁଶୀଳନକୁ ଆହୁରି ବଢ଼ାଇବାକୁ ଯୋଜନା ହୋଇଛି। ଯାହାଫଳରେ ରାଜ୍ୟରେ କେଉଁ ଭାରିଏଣ୍ଟ ଅଧିକ ସକ୍ରିୟ ରହିଛି ତାହା ସ୍ପଷ୍ଟ ହୋଇପାରିବ ବୋଲି କହିଛନ୍ତି ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା। ଡା.ପରିଡ଼ା ଆହୁରି କହିଛନ୍ତି ଯେ ପୂର୍ବରୁ କରୋନା ସଂକ୍ରମିତ ବ୍ୟକ୍ତିଙ୍କର ୧୫ଦିନରେ ନେଗେଟିଭ୍ ରିପୋର୍ଟ ଆସୁଥିଲା। କିନ୍ତୁ ଏବେ ସଂକ୍ରମିତ ହେଉଥିବା ବ୍ୟକ୍ତିଙ୍କ ଶରରରେ ୩ରୁ ୪ ସପ୍ତାହ ପର୍ଯ୍ୟନ୍ତ ଭୂତାଣୁ ସକ୍ରିୟ ରହୁଛି। ନିକଟରେ ଆଇସିଏମ୍ଆର ପକ୍ଷରୁ ଦୁଇ ଡୋଜ୍ ଟିକା ନେବାର ୧୪ଦିନ ପରେ ହେଉଥିବା ସଂକ୍ରମଣ(ବ୍ରେକ୍ ଥ୍ରୁ) ଉପରେ ଏକ ଗବେଷଣା ସନ୍ଦର୍ଭ ପ୍ରକାଶ ପାଇଛି। ଏଥିରେ ୮୭ ପ୍ରତିଶତ ଡେଲ୍‌ଟା ଭାରିଏଣ୍ଟ ଦ୍ୱାରା ସଂକ୍ରମିତ ହୋଇଥିବା ନଜରକୁ ଆସିଛି। ସେହିପରି ଟିକା ନେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୮୫ ପ୍ରତିଶତ ଲୋକଙ୍କୁ ହସ୍ପିଟାଲ ଯିବାକୁ ପଡୁନାହିଁ। ମାତ୍ର ୧ରୁ ୨ ପ୍ରତିଶତ ଲୋକ ଗୁରୁତର ହେଉଥିବା ନଜରକୁ ଆସୁଛି। ତେଣୁ ଟିକା ନେଲେ ଭୂତାଣରୁ ବିରୋଧରେ ସୁରକ୍ଷା ମିଳୁଥିବା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି।

## ବଜ୍ରାଘାତ ପାଇଁ ଲୋଡ଼ା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତେବେ ୮୫ ପ୍ରତିଶତ ବଜ୍ରପାତ ମୃତ୍ୟୁ କେବଳ ମଇ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ହେଉଥିବା ଆକଳନରୁ ଜଣାପଡ଼େ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦେଶରେ ଯେତେ ବଜ୍ରାଘାତ ମୃତ୍ୟୁ ଘଟିଛି, ତା'ର ୭୧ ପ୍ରତିଶତ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ଓ ୨୫ ପ୍ରତିଶତ ଖୋଲା ଆକାଶରେ ଥିବା ସମୟରେ ଲୋକେ ଏହି ବିପତ୍ତିର ଶିକାର ହେଉଥିବା ଜଣାପଡ଼େ । ଅଧିକାଂଶରେ ବଜ୍ରପାତ ହେଲେ ହୃଦସ୍ପନ୍ଦନ ବନ୍ଦ ହୋଇ ଲୋକଙ୍କ ମୃତ୍ୟୁ ଘଟିଥାଏ । ବଜ୍ରାଘାତର ଶିକାର ହୋଇଥିବା ବ୍ୟକ୍ତି କୁ ପ୍ରଥମେ ଶୁଖିଲା ସ୍ଥାନରେ ରଖି ତାର ଛାତିକୁ ଜୋରରେ ଦବାଇବା ଦରକାର । ପ୍ରାୟ ଅଧଘଣ୍ଟା ଯାଏଁ ରୋଗୀର ପାଟିରେ ପ୍ରତିମିନିଟରେ ଅତିକମ୍ ରେ ୧୫ ଥର ଫୁଙ୍କିଲେ କିଛି ସୁଫଳ ମିଳିବାର ସମ୍ଭାବନା ରହିଛି । ସବୁଠାରୁ ବଡ଼ କଥା ହେଲା ରୋଗୀକୁ ଯଥା ସମୟରେ ପ୍ରାଥମିକ ଚିକିତ୍ସା ଯୋଗାଇବା ଆବଶ୍ୟକ । ବଜ୍ରପାତର ଶିକାର ଅଧିକ ସଂଖ୍ୟାରେ ଗ୍ରାମାଂଚଳରେ ହେଉଥିବାରୁ ଏସବୁ ଅଚଂଳରେ ଥିବା ଡାକ୍ତରଖାନା ମାନଙ୍କରେ ବଜ୍ରପାତ ରୋଗୀ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ରହିଲେ ଲୋକେ ଉପକୃତ ହୋଇ ପାରନ୍ତେ । ଏଥିସହ ଘର ଗୁଡ଼ିକୁ ବଜ୍ରପାତ ନିରୋଧକ କରାଯିବା ଦରକାର । ଖୋଲା ସ୍ଥାନମାନଙ୍କରେ ସରକାରଙ୍କ ତରଫରୁ ବଜ୍ରପାତ ନିରୋଧକ ଆଶ୍ରୟସ୍ଥଳି ନିର୍ମାଣ କରାଗଲେ ବଜ୍ରପାତ ସମୟରେ ବାହାରେ ଥିବା ଲୋକ ସେଠାରେ ନିଜକୁ ସୁରକ୍ଷିତ ରଖିପାରିବେ । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟ୍ରପିକାଲ୍ ମେଟ୍ରୋଲୋଜି ଦ୍ୱାରା 'ଦାମିନୀ' ନାମକ ଏଭଳି ଏକ ଆପ୍ର ଉଦ୍ଭାବନ କରାଯାଇଛି ଯାହା ବଜ୍ରପାତ ଘଟିବାର ୩୦/୪୦ ମିନିଟ ପୂର୍ବରୁ ବଜ୍ରପାତର ଚେତାବନୀ ଦେବ । ଏଥିସହ ବଜ୍ରପାତରୁ କିପରି ନିଜକୁ ରକ୍ଷା କରିବା, ଏହାର ଡାକ୍ତରୀ ଉପଚାର, ଖୋଲା ସ୍ଥାନରେ ଥିବା ସମୟରେ ସତର୍କତା ଆଦି ବିଷୟରେ ମଧ୍ୟ ସୂଚନା ଦେବ । ଏଭଳି ଉପକାରୀ ଆପ୍ର ସୁବିଧା ଯେପରି ସାଧାରଣ ଲୋକ ନେଇ ପାରିବେ ସେଦିଗରେ ସୁଯୋଗ ଓ ସଚେତନତା ସୃଷ୍ଟି କରାଯିବା ନିହାତି ଜରୁରି । ପୁନଶ୍ଚ ଏହି ଆପ୍ ମାଧ୍ୟମର ଦିଆଯାଉଥିବା ସୂଚନାକୁ କେବଳ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ସୀମିତ ନରଖି ଆଂଚଳିକ ଭାଷା ଗୁଡ଼ିକରେ ସୂଚନା ଦିଆଗଲେ ଏହା ଅଧିକ ଲାଭଦାୟକ ସାବ୍ୟସ୍ତ ହୋଇପାରିବ । ସବୁରି ମୂଳରେ ବ୍ୟକ୍ତିଗତ ସତର୍କତାର ଅବଲମ୍ବନ କରିବା । ବଜ୍ରପାତ ଘଟିବା ପୂର୍ବରୁ ସ୍ଥାନୀୟ ପାଣିପାଗରେ ନିଶ୍ଚିତ ଏକ ପରିବର୍ତ୍ତନ ଆସିଥାଏ । ତେଣୁ ଏହି ସମୟରେ ଲୋକେ କାଳବିଳମ୍ବ ନ କରି ସମ୍ଭାବ୍ୟ ବଜ୍ରାଘାତକୁ ଏଡ଼ାଇବା ପାଇଁ ସତର୍କ ହୋଇ ନିଜକୁ ସୁରକ୍ଷିତ କରିନେଲେ ଅନେକାଂଶ ରେ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇ ପାରିବ ।

+ ଶିକ୍ଷକ
ସିନାପାଲି,ନୂଆପଡ଼ା

## ସ୍ୱର୍ଗତ ସୁରେନ ଚନ୍ଦ୍ର ରଣାଙ୍କ ସ୍ମରଣେ

ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ । ବାଲେଶ୍ୱର ସଦର ଦାମୋଦରପୁରର ସ୍ଥାୟୀ ବାସିନ୍ଦା ସ୍ୱର୍ଗତ ସୁରେନ ଚନ୍ଦ୍ର ରଣା ଜଣେ ଅବିସ୍ମରଣୀୟ ବ୍ୟକ୍ତିତ୍ୱ । ପିତା ୰ ରତନ ରଣା ଏବଂ ମାତା ସୁମତୀ ରଣାଙ୍କ ତୃତୀୟ ପୁତ୍ର ରୂପେ ସଂସାରରେ ଜନ୍ମ ଗ୍ରହଣ କରିଥିଲେ । ପିଲାଟି ଦିନୁ ଗ୍ରାମ ତଥା ସହରର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ଓତୋପ୍ରୋତ ଭାବେ ଜଡ଼ିତ ଥିଲେ । ତାଙ୍କ ଜୀବନ କାଳରେ ୧୯୬୦ ମସିହାରେ ଦାମୋଦରପୁର ଚନ୍ଦନ କମିଟୀରେ ଉଦ୍ୟୋକ୍ତା ଏବଂ ପ୍ରତିଷ୍ଠାତା ସଭ୍ୟଙ୍କ ମଧ୍ୟରେ ଅନ୍ୟତମ । ୧୯୮୦ ମସିହା ଶ୍ୟାମସୁନ୍ଦର ମନ୍ଦିର ପୁନଃରୁଦ୍ଧାର, ଆଖଡ଼ା ସଂଘ, ରାମେଶ୍ୱର ମନ୍ଦିର ନିର୍ମାଣ ତଥା ଶିବଖଣ୍ଡୀ ଆରମ୍ଭ ଏବଂ ଯୁବକ ସଂଘକୁ ସକ୍ରିୟ କରିବା ପାଇଁ ତନମନ ଧନ ଅର୍ପଣ କରିଥିଲେ । ଦାମୋଦରପୁର ସ୍ୱର୍ଣ୍ଣକାର ସଂଘର ବିଶ୍ୱକର୍ମା ମନ୍ଦିର ପରିସରରେ ବିଶ୍ୱକର୍ମା ମୂର୍ତ୍ତି ସ୍ଥାପନରେ ଅଗ୍ରଣୀ ଥିଲେ । ତାଙ୍କ ସହ ଆଉ ଜଣେ ସହକର୍ମୀ ରୂପେ ଥିଲେ ଶ୍ରୀଯୁକ୍ତ ଜୟକୃଷ୍ଣ ମିସ୍ତ୍ରୀ । ୧୯୯୪ ମସିହାରେ ଦାମୋଦରପୁର ଦର୍ଗାପୂଜା କମିଟୀ ଅୟମାରମ୍ଭ ବାଲିଘାଟ ଶ୍ମଶାନ ଠାରେ ଆଲୋଚନାରେ ସେ ଉପସ୍ଥିତ ଥିଲେ ।

ବିଶିଷ୍ଟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟର କ୍ରୀଡ଼ା ସର୍ବଶ୍ରୀ ନରେନ୍ଦ୍ର ଚନ୍ଦ୍ର ରଣା ପଚାଶ ବର୍ଷରୁ ଉର୍ଦ୍ଧ୍ୱ ରାଜନୀତିରେ ଅଂଶଗ୍ରହଣ କରିଥିବା ନରେନ ଚନ୍ଦ୍ର ରଣା ଏବଂ ବାଲେଶ୍ୱର ନଗର ବିଜେପିର ସାଧାଦରଣ ସମ୍ପାଦକ ଯୋଗେନ୍ ଚନ୍ଦ୍ର ରଣା ତାଙ୍କର କନିଷ୍ଠ ଭ୍ରାତା ଅଟନ୍ତି । ତାଙ୍କ ବିୟୋଗ ଏକ ଶୂନ୍ୟସ୍ଥାନ ସୃଷ୍ଟିକଲା । ଦୀର୍ଘ ଏକବର୍ଷ ଏବେ ସେ ଅସୁସ୍ଥ ଥିଲେ । ଗତ ତା ୧୪/୦୭/୨୦୨୧ରିଖ ବୁଧବାର ଦିନ ତାଙ୍କ ସ୍ୱର୍ଗାବାସ ଘଟିଥିଲା । ଭଗବାନ ତାଙ୍କ ଅମର ଆତ୍ମାର ସଦଗତି କରନ୍ତି । ତାଙ୍କର ପାଦପଦ୍ମରେ ଶ୍ରଦ୍ଧାସୁମନ ଏବଂ ଶତକୋଟି ପ୍ରଣାମ ପ୍ରଣାମ ।

ଆଲେଖ୍ୟ : ବିଶ୍ୱନାଥ ରଣା

## ସଦର ବ୍ଲକରେ ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ



ବାଲେଶ୍ୱର,୨୩/୦୭ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ପକ୍ଷରୁ ଭୂମିହୀନ ପରିବାରକୁ ଶୁକ୍ରବାର ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ସଦର ବ୍ଲକ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ଏହି ପଟ୍ଟା ପ୍ରଦାନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଭୂମିହୀନଙ୍କୁ ଭୂ-ଅଧିକାର ପ୍ରଦାନ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ କହିଥିଲେ। ପର୍ଯ୍ୟାୟ କ୍ରମେ ସମସ୍ତ ଭୂମିହୀନଙ୍କୁ ଜମିପଟ୍ଟା ସାଙ୍ଗକୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ। ସଦର ବିଡିଓ କୁନାଲ ମୋତିରାମ ଚୌହାନଙ୍କ ପୌରୋହିତ୍ୟରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସଦର ତହସିଲଦାର ଅନାମିକା ସିଂ ଯୋଗଦେଇ ପଟ୍ଟା ପାଇଁ ଆବେଦନ ଓ ଚୟନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୫୯ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ କୋଭିଡ କଟକଣା ଯୋଗୁଁ ମାତ୍ର ୧୨ ଜଣଙ୍କୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର ପଟ୍ଟା ପ୍ରଦାନ କରାଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସେକ୍ସନ ଅଫିସର ପୀତାମ୍ବର ବେହେରା, ବରିଷ୍ଠ ରାଜସ୍ୱ ଅଧିକାରୀ ଦିଲୀପ ମହାପାତ୍ର, ଛାନୁଆ ରାଜସ୍ୱ ନିରୀକ୍ଷକ ଅଜିତ ମହାପାତ୍ର, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଗୋରୁଗାଡ଼ି ଜବତ, ଥାନାରେ ମାମଲା

ନୀଳଗିରି,୨୩/୦୭ (ନି.ପ୍ର): କିଛି ଗୋରୁ ଏକ ମିନି ପିକ୍‌ଅପ ଓଡି୦୧କ୍ୟୁ ୯୩୨୭ ରେ ଅମାନୁଷିକ ଭାବେ ଲଦି ପଶ୍ଚିମବଙ୍ଗ ଯାଉଥିବା ବେଳେ ଖବର ପାଇ ବରହମପୁର ଗ୍ରାମର ସନାତନ ବେହେରା କିଛି ଯୁବକଙ୍କୁ ଧରି ଗୋରୁ ବୋଝେଇ ପିକଅପକୁ ପିଛା କରି ଶାଳଡହର ଛକ ଠାରେ ଅଟକାଇ ଦେଖିଲା ପରେ ପିକ୍‌ଅପରେ ଗୋରୁ ଗୁଡ଼ିକ ଅମାନୁଷିକ ଭାବେ ଲଦା ହୋଇଛି । ତାପରେ ସେ ବରହମପୁର ଥାନାରେ ଗୋରୁ ଗାଡ଼ି ସହ ଜଣକୁ ଥାନାରେ ଜିମା ଦେଇଥିବା ବେଳେ ଥାନା ଅଧିକାରୀ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅଗଷ୍ଟ ୨୩ରୁ ଏକକ ପିଜି....

ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ରାଜ୍ୟରେ ଏକ ଉତମ ଶୈକ୍ଷିକ ବାତାବରଣ ମଧ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ପ୍ରଦାନ କରୁଛନ୍ତି । ଉଚ୍ଚଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ନିମନ୍ତେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହାର ସଫଳ ରୂପାୟନ ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କର ଦୃଢ଼ ନେତୃତ୍ୱ ଆବଶ୍ୟକ । କୁଳପତିମାନେ କାର୍ଯ୍ୟକ୍ଷେତ୍ରରେ ଉଦାହରଣ ସୃଷ୍ଟି କରି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଗୋଟିଏ ଗୋଟିଏ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେଇଛନ୍ତି । କୋଭିଡ୍-୧୯ ମହାମାରୀ ଯୋଗୁ ଶିକ୍ଷା ବ୍ୟବସ୍ଥା ବ୍ୟାପକ ଭାବରେ ପ୍ରଭାବିତ ହୋଇଥିଲେ ମଧ ଗତ ବର୍ଷ ୟୁଜି ଓ ପିଜିରେ ଶେଷ ବର୍ଷ/ଶେଷ ସେମିଷ୍ଟାର ପରୀକ୍ଷା କରାଯାଇଥିଲା ଏବଂ ଚଳିତ ବର୍ଷ ମଧ ଅନ୍‌ଲାଇନ୍ ମାଧ୍ୟମରେ ୟୁଜି ଓ ପିଜି ଶେଷବର୍ଷ/ଶେଷ ସେମିଷ୍ଟାର ପରୀକ୍ଷା ସଫଳତାର ସହ ସଂପନ୍ନ ହେବ ବୋଲି ମନ୍ତ୍ରୀ ଡ. ସାହୁ ଆଶା ପ୍ରକଟ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ .....

କରି ସିଏଚସି ଲେଭେଲ ପର୍ଯ୍ୟନ୍ତ ଯେଭଳି ସ୍ୱାସ୍ଥ୍ୟସେବାରେ କୌଣସି ଅସୁବିଧା ନ ହୁଏ, ସେଥିପାଇଁ ଥାନା ଆଇଆଇସି ଙ୍କ ଠାରୁ ଆରମ୍ଭ କରି ବିଡିଓ, ଏସ୍.ଡି.ପି.ଓ, ସବ୍‌କଲେକ୍ଟର, ଏସ୍.ପି ଓ ଜିଲ୍ଲାପାଳ ସମସ୍ତେ ଏହାକୁ ସେମାନଙ୍କର ମୂଳ ଦାୟିତ୍ୱର ଅଂଶଭାବରେ ଜ୍ଞାନ କରି ଯତ୍ନବାନ ହେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡର ଦ୍ୱିତୀୟ ଲହର ସମୟରେ ମୁଖ୍ୟମନ୍ତ୍ରୀ ଗରିବ ଲୋକଙ୍କ ପାଇଁ ବିଶେଷତଃ ଛୋଟ ଚାଷୀ, ନିର୍ମାଣ ଶ୍ରମିକ, ଏମଜିଏନଆରଇଜିଏମସ୍ ଶ୍ରମିକ, ଆଦିମ ଜନଜାତି ପରିବାର, ଅନୁସୁଚିତ ଜାତି, ଜନଜାତି ଛାତ୍ରଛାତ୍ରୀ ଓ ମିଶନ ଶକ୍ତିର ମା ମାନଙ୍କ ଠାରୁ ଆରମ୍ଭ କରି ଉଠାଦୋକାନୀ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କୋଭିଡ ସହାୟତା ଘୋଷଣା କରିଥିଲେ । ରାଜ୍ୟ ସରକାରଙ୍କର ୧୦ଟି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଏହି ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି।

### ମାଷ୍ଟର କ୍ୟାଂଟିନ ଛକରେ ଡଙ୍ଗା ....

ମାଲକାନଗିରିର ରାସ୍ତା ଠାରୁ ଭୁବନେଶ୍ୱରର ରାସ୍ତା ଖରାପ। ବିଭିନ୍ନ ଯୋଜନାରେ ଭୁବନେଶ୍ୱରର ଗଳି ରାସ୍ତା ଏବଂ ମୁଖ୍ୟ ରାସ୍ତା ସଜାଡ଼ିବା ପାଇଁ କୋଟି କୋଟି ଅର୍ଥ ବ୍ୟୟ ହୋଇଥିଲେ ବି ବିଜେଡ଼ି ସରକାରର ବାଟବାରଣା ନୀତି ପାଇଁ ରାସ୍ତା ଘାଟ ଅବସ୍ଥାର ପରିବର୍ତନ ହେଉନାହିଁ। ଜଳନିଷ୍କାସନର ବ୍ୟବସ୍ଥା ନାହିଁ। ପ୍ରାକୃତିକ ଜଳାଧାର ସବୁ ବନ୍ଦ କରି ଅଟ୍ଟାଳିକା ହେବାଦ୍ୱାରା ରାସ୍ତାଘାଟରେ ପାଣି ଜମି ରହୁଛି। ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ମାତ୍ର ସରକାର ସ୍ଥାୟୀ ପ୍ରତିକାର କରୁନାହାଁନ୍ତି। ଲୋକଙ୍କ ଘରେ ପାଣିପସୁଛି। ଇସ୍କନ ମନ୍ଦିର ପାଖ, ନୂଆପଲ୍ଲି, ବମିଖାଲ, ଜନପଥ, ବାପୁଜୀ ନଗର, ଏରୋଡ୍ରମ ଏରିଆ, ବିଜେପି ନଗର, ଡୁମୁଡୁମା ପ୍ରଭୃତି ଅଂଚଳରେ ବର୍ଷାଜନିତ ପରିସ୍ଥିତି ଅତି ଦୟନୀୟ। ଲୋକେ ଘରୁ ପଦାକୁ ବାହାରିପାରୁ ନାହାଁନ୍ତି। ଏଣୁ ଯିବାଆସିବା ପାଇଁ ସରକାର ସମୁଦାୟ ୬୭ଟି ୱାର୍ଡ ନିମନ୍ତେ ଡଙ୍ଗା ବ୍ୟବସ୍ଥା କରନ୍ତୁ ବୋଲି ଜଟଣୀ ବିଧାୟକ ଶ୍ରୀ ରାଉତରାୟ ପ୍ରସ୍ତାବ ଦେଇଛନ୍ତି।

### ବିଶ୍ୱ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର .....

କୁମାରୀଙ୍କ ପ୍ରଦର୍ଶନ ଉପରେ ଦେଶବାସୀଙ୍କ ନଜର ରହିବ । ୧୩୭ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ସମ୍ଭାବ୍ୟ ପଦକ ବିଜେତାଙ୍କ ଉପରେ ଏବେ ସମସ୍ତଙ୍କ ନଜର । ଜନସଂଖ୍ୟା ଓ ବିଶାଳତା ଦୃଷ୍ଟିରୁ ବିଚାର କଲେ ଭାରତର ଅଲିମ୍ପିକ୍ସ ଇତିହାସ ଏତେ ସମୃଦ୍ଧ ନୁହେଁ । ଅଲିମ୍ପିକ୍ସକୁ ନେଇ ଉତ୍ସାହର ମାହୋଲ ଥିବା ବେଳେ ମହାକୁମ୍ଭରେ ମହାମାରୀ ସାଜିଛି ସବୁଠୁ ବଡ ଅନ୍ତରାୟ । ଏବେ ପର୍ଯ୍ୟନ୍ତ ଖେଳାଳୀ ଓ ସହ ଯୋଗୀଙ୍କୁ ମିଶାଇ ୭୦ରୁ ଅଧିକ କରୋନାରେ ସଂକ୍ରମିତ ହୋଇସାରିଲେଣି ।

### ରାଜ୍ୟରେ କରୋନାରେ ଆଉ ୬୯....

୪ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବଲାଙ୍ଗୀର, ଝାରସୁଗୁଡା, କଂଧମାଳ, ରାୟଗଡା ଜିଲ୍ଲାରେ ୨ ଜଣ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ଢେଙ୍କାନାଳ, ନୂଆପଡା, ସୁବର୍ଣପୁର ଜିଲ୍ଲାରେ ଜଣେ ଲେଖାଏ ମୃତ୍ୟୁବରଣ କରିଥିବା ଜଣା ପଡିଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୋଭିଡ୍ ସୂଚନା ପ୍ରସାର ଉପରେ ସଚେତନତା ଅଧିବେଶନ ଆୟୋଜିତ

ଭୁବନେଶ୍ୱର,୨୩/୦୭(ନି.ପ୍ର): ଲବ୍ ଅଗ୍ରୱାଲ, ଯୁଗ୍ମ ସଚିବ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୟୁନିସେଫର ସହଭାଗିତାରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ବ୍ୟୁରୋ ଅଫ୍ ଆଉଟରିଚ୍ ଆଣ୍ଡ କମ୍ୟୁନିକେସନ(ବିଓସି), ଦୂରଦର୍ଶନ ଏବଂ ଅଲ୍ ଇଣ୍ଡିଆ ରେଡିଓର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏକ ସଚେତନତା ତଥା ଆଲୋଚନା ଅଧିବେଶନ ଆୟୋଜନ କରାଯାଇଥିଲା। କୋଭିଡ ଉପଯୁକ୍ତ ଅଭ୍ୟାସ (ସିଏବି)ର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ କୋଭିଡ ଟିକା ଓ ଟିକାକରଣ ସଂକ୍ରାନ୍ତରେ, ବିଶେଷ କରି ଦେଶର ଦୂରବର୍ତ୍ତୀ ତଥା ଅପହଞ୍ଚ ଇଲାକାରେ ରହିଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ନିମନ୍ତେ ନିରନ୍ତର ପ୍ରୟାସ କରାଯିବାର ଆବଶ୍ୟକତା ଉପରେ ଏହି ଅଧିବେଶନ ଆଧାରିତ ଥିଲା। ଏହି ଅଧିବେଶନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ଲବ୍ ଅଗ୍ରୱାଲ ବକ୍ତବ୍ୟ ରଖିଥିଲେ। ଏଥିରେ ଡିଡି ନ୍ୟୁଜ, ଅଲ୍ ଇଣ୍ଡିଆ ରେଡିଓ, ବିଓସି, ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ପାଖାପାଖି ୧୫୦ ଜଣ ଅଧିକାରୀ ଓ କ୍ଷେତ୍ରୀୟ ସମ୍ବାଦଦାତାମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ଥିବା ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ, ଦୂରଦର୍ଶନ ଓ ଆକାଶବାଣୀ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସମ୍ବାଦଦାତାମାନେ ମଧ୍ୟ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଲବ୍ ଅଗ୍ରୱାଲ ନିଜର ଉଦଘାଟନୀ ଅଭିଭାଷଣରେ ଗୋଷ୍ଠୀ ସହଭାଗିତାର ପ୍ରେରଣାଦାୟୀ କାହାଣୀ ପ୍ରସାରଣ କରି ବିଶ୍ୱର ସର୍ବବୃହତ ଟିକାକରଣ କାର୍ଯ୍ୟକ୍ରମରେ ସହାୟତା କରିବା ଏବଂ କୋଭିଡ ଉପଯୁକ୍ତ ବ୍ୟବହାର ପାଳନ କରିବାର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା କ୍ଷେତ୍ରରେ ଏହି ସବୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ଅଧିକାରୀ ଏବଂ କ୍ଷେତ୍ରୀୟ ସମ୍ବାଦଦାତାମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ। ଶ୍ରୀ ଅଗ୍ରୱାଲ ଗୁରୁତ୍ୱାରୋପ କରି କହିଥିଲେ ଯେ କୋଭିଡ ଏକ ଦୀର୍ଘକାଳୀନ ଲଢ଼େଇ ଏବଂ ଏଥିରେ ଆତ୍ମସନ୍ତୋଷର କୌଣସି ସୁଯୋଗ ନାହିଁ। ସେ ଆଲୋକପାତ କରି କହିଥିଲେ ଯେ ଯେଉଁମାନେ ଗଣମାଧ୍ୟମ ସହ ସମ୍ପୃକ୍ତ ଏବଂ ଗଣମାଧ୍ୟମର କର୍ମୀମାନେ ସମାଜ ଉପରେ ବ୍ୟାପକ ପ୍ରଭାବ ପକାଇଥାନ୍ତି। ତେଣୁ ସେମାନେ ସକାରାତ୍ମକ ଖବର ପ୍ରସାର କରିବା ମାଧ୍ୟମରେ ଲୋକମାନଙ୍କୁ ଟିକାକରଣ ପାଇଁ ଉତ୍ସାହିତ କରିପାରିବେ। ସାମାଜିକ ଗଣମାଧ୍ୟମରେ ଗୁଜବ ଭଳି ବ୍ୟାପୁଥିବା ମିଛ ଖବର ଏବଂ ଭ୍ରାନ୍ତ ଧାରଣାକୁ ଦୂର କରି ଟିକାକରଣକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର କରିବାରେ ଗଣମାଧ୍ୟମର ଗଠନମୂଳକ ଭୂମିକାକୁ ଶ୍ରୀ ଅଗ୍ରୱାଲ ସ୍ୱୀକାର କରିଥିଲେ। ଏକ ସବିଶେଷ ଏବଂ ବିସ୍ତୃତ ଉପସ୍ଥାପନା ଜରିଆରେ, ଦେଶରେ କୋଭିଡ ପରିସ୍ଥିତି ସମ୍ପର୍କରେ ସେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ନିରାକରଣ ଏବଂ ଚିକିତ୍ସା ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଉଥିବା କାରଣରୁ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଉଛି ଓ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି। ତଥାପି ୯ଟି ରାଜ୍ୟରେ ୧୦,୦୦୦ରୁ ଅଧିକ ସକ୍ରିୟ ମାମଲା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ନିଜର ଅଭିଭାଷଣ ସମୟରେ, ସେ ନାଗରିକମାନଙ୍କୁ ପ୍ରମାଣ ଆଧାରିତ ସମ୍ବାଦ ମାଧ୍ୟମରେ ସଚେତନ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଦ୍ୱିତୀୟ ଲହରୀ ବର୍ତ୍ତମାନ ସୁଦ୍ଧା ଶେଷ ହୋଇନଥିବାରୁ କୋଭିଡ ଉପଯୁକ୍ତ ଅଭ୍ୟାସ ପାଳନ କରିବା ଜରୁରି ଏବଂ ଜନସମାଜ କୋଭିଡରୁ ସୁରକ୍ଷିତ ରହିବାର ଅଭ୍ୟାସ ପାଳନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କଲେ ଭୂତାଣୁ ଯେକୌଣସି ପୁନଃ ବିପଜ୍ଜନକ ରୂପ ନେଇପାରେ। ଏ ବିଷୟରେ ବ୍ୟାପକ ସଚେତନତା ଉପରେ ସେ ଜୋର ଦେଇଥିଲେ। କୋଭିଡ ସମୟରେ ମାନସିକ ସ୍ୱାସ୍ଥ୍ୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏ କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରର ବିଷୟ ବିଶେଷଜ୍ଞମାନଙ୍କୁ ସାମିଲ କରି ଉପଯୁକ୍ତ ବାର୍ତ୍ତାର ପ୍ରସାର କରିବା ନିମନ୍ତେ ସେ ଗଣମାଧ୍ୟମ କର୍ମୀମାନଙ୍କୁ ନିଜର ଅଭିଭାଷଣରେ ଅନୁରୋଧ କରି କହିଥିଲେ। ଗୋଷ୍ଠୀ ପରିଚାଳିତ ସକାରାତ୍ମକ ପ୍ରୟାସ ଏବଂ ଆଦର୍ଶ ଉଦାହରଣଗୁଡ଼ିକ ସମ୍ପର୍କରେ ପ୍ରଚାର କରିବା ଲାଗି ସେ ଅନୁରୋଧ କରିଥିଲେ। ଯାହାଫଳରେ ଟିକା ଓ ଟିକାକରଣ ସଂକ୍ରାନ୍ତରେ ସକାରାତ୍ମକ ବାର୍ତ୍ତା ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରିବ ଏବଂ ଟିକାକୁ ନେଇ ସେମାନଙ୍କ ମନରେ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିବ। ବ୍ୟାପକ ଭାବେ ଜନସାଧାରଣଙ୍କୁ ସମ୍ପୃକ୍ତ ଓ ସଚେତନ କରିବା ଲାଗି କୋଭିଡ ସଂକ୍ରାନ୍ତ ବାର୍ତ୍ତାଗୁଡ଼ିକୁ ପ୍ରାଥମିକତା ଦେଇ ପ୍ରଚାର କରିବା ଉପରେ ଆଲୋକପାତ କରିଥିଲେ। ବୈଷୟିକ ବିଶେଷଜ୍ଞ ଏବଂ ଗୋଷ୍ଠୀକୁ ସମ୍ପୃକ୍ତ କରି ଅଭିନବ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଲାଗି ସେ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ବିରୁଦ୍ଧରେ ଜଳେଶ୍ୱର ସାମ୍ବାଦିକ ସମୂହ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର ୨୩/୭(ନି.ପ୍ର) : କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ସାମ୍ବାଦିକଙ୍କୁ ପୁଲିସ୍‌ର ଦୁର୍ବ୍ୟବହାର ବିରୁଦ୍ଧରେ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ କାର୍ଯ୍ୟକରୁଥିବା ସାମ୍ବାଦିକମାନେ ଏହାକୁ ନିନ୍ଦା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପୁରୀରେ ଧରିତ୍ରୀର ସାମ୍ବାଦିକଙ୍କୁ ପୁଲିସ୍‌ର ଆକ୍ରମଣପରେ କେନ୍ଦ୍ରାପଡାରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା ସମଗ୍ର ରାଜ୍ୟରେ ଆଇନ୍‌ଶୃଙ୍ଖଳା ବ୍ୟାହତ ହୋଇଥିବା ନେଇ ଖୋଭ ପ୍ରକାଶ ପାଇଥିଲା ।



ସ୍ଥାନୀୟ ଡାକବଂଗଳା ଠାରେ ଆହୁତ ବୈଠକରେ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଯୋଗାଇବା ଓ ଦୋଷୀ କର୍ମଚାରୀଙ୍କୁ ତଦନ୍ତପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବମାନ ଦିଆଯାଇଥିଲା । ଏହି ଦାବିପତ୍ର ପ୍ରଦାନ ବେଳେ ଏସ୍‌କେ ଅବଦୁଲ ରହିମ, ଅବନୀ ଚାନ୍ଦ, ସୁଶାନ୍ତ ପ୍ରଧାନ, ସତ୍ୟବ୍ରତ ସୋମ, ଗୌରଗୋପାଳ ସେନ୍, ମନୋଜ ଭୂୟାଁ, ରାଜେଶ ପ୍ରଧାନ, ଦୁର୍ଗାଶଂକର ଗିରି, ଏସ୍‌କେ ଆଫସର ଅଲ୍ଲି, ବିନ ପ୍ରଧାନ, ଇଫରାଜ ସାହା, ସୁକୁମାର ରଣା, ରବିନାରାୟଣ ପାତ୍ର, ଭୁପତି ପରିଡା, ଦିନବଂଧୁ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ଅଜିତ୍ କୁମାର ଦାସ, ସଂଜୟ ଦାସ, ରବିନ୍ଦ୍ର ସେନାପତି, ଗୋପବଂଧୁ ସାହୁ, ଅମର ଆଚାର୍ଯ୍ୟ, ଅରୁଣ ଜେନା, ଅଜୟ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁଲ ଡ୍ରେନେଜ ବ୍ୟବସ୍ଥାରୁ ବର୍ଷା ପାଣିର ବୁଡ଼ିଲେ ୭ନଂ ୱାର୍ଡ ବାସିନ୍ଦା

### ତଦନ୍ତ ପାଇଁ ଯାଇଥିବା ପୌର ସହକାରୀ ଯନ୍ତ୍ରୀଙ୍କୁ ଘେରିଲେ ସ୍ଥାନୀୟ ଲୋକେ

ବାରିପଦା,୨୩/୦୭ (ନି.ପ୍ର): ଅସରାଏ ବର୍ଷାରେ ବୁଡ଼ିଲା ୭ନଂ ୱାର୍ଡ । ଦୁଇ ଦିନ ଧରି ପାଣି ଘେରରେ ରହିଲେ ସ୍ଥାନୀୟ ବାସିନ୍ଦା । ବାରିପଦା ସହର ସ୍ଥିତ ମଧୁବନ ବଗିଚାସାହି ଅଂଚଳରେ ଖରାପ ଡ୍ରେନେଜ ଯୋଗୁଁ ଛଅଟି ପରିବାର ଜଳଘେରରେ । ପାଣି ନିଷ୍କାସିତ ହେଉଥିବା ସ୍ଥାନଟିରେ ମାଟିପକାଇ ଉଚ୍ଚ କରି ଦିଆ ଯାଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି । ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ବାରିପଦା ପୌର ପାଳିକାରେ ବାରମ୍ବାର ଅଭିଯୋଗ କରିବା ପରେବି କୌଣସି ସୁଫଳ ମିଳିପାରି ନଥିବାର ଅଭିଯୋଗ ହୋଇଛି । ତେଣୁ ଉକ୍ତ ଘଟଣାକୁ ନେଇ ବାରିପଦା ପୌର ପରିଷଦର ସହକାରୀ ଯନ୍ତ୍ରୀ ଘଟଣାର ଯାଂଚ କରିବାକୁ ଆସିଥିବା ବେଳେ ସ୍ଥାନୀୟ



ଲୋକେ ତାଙ୍କୁ ଘେରିବା ସହ ପୌର ପରିଷଦର ଦୂରଦର୍ଶିତା ଅଭାବରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ଡ୍ରେନରେ ପାଣି ନିଷ୍କାସନ ହୋଇ ପାରୁ ନଥିବା ଯୋଗୁଁ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିଥିବାର ଅଭିଯୋଗ ଆଣି ଗାଳିଗୁଲଜ ମଧ କରିଥିଲେ । ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଜଳ ନିଷ୍କାସନ ହେଉଥିବା ସ୍ଥାନଟି ପ୍ରକୃତରେ ପୂର୍ବରୁ ଦେବୋତ୍ତର ଜମି ଥିଲା ମାତ୍ର ଚକ୍ରାନ୍ତ କରି ଦେବତ୍ତର ଜମିକୁ କିଛି ବିଶିଷ୍ଟ ବ୍ୟକ୍ତି ନିଜ ନାଁ କୁ ପଟ୍ଟା କରି ଏବେ ପ୍ଲଟିଂ କରୁଥିବାରୁ ଖାଲ ଚାଷ ଜମୀରେ ବହୁ ଉଚ୍ଚର ମାଟି ପକାଇ ଦେଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଅଭିଯୋଗ ହୋଇଛି । ତେବେ ଦୀର୍ଘ ସମୟ ଧରି ପୌର ପାଳିକାର ସହକାରୀ ଯନ୍ତ୍ରୀଙ୍କୁ ଲୋକେ ଘେରିଥିବାର ଖବରପାଇ ବାରିପଦା ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହ ବର୍ଷା ଜଳ ନିଷ୍କାସନର ପ୍ରତିଶ୍ରୁତି ଦେଇଥିଲେ ଓ ମାଟି ପକାଇ ଉଚ୍ଚ କରି ଜଳ ନିଷ୍କାସନରେ ଅନ୍ତରାୟ ସୃଷ୍ଟି କରୁଥିବା ସ୍ଥାନଟି ଦେବୋତ୍ତର ବିଭାଗର କି ନୁହେଁ ସେ ବାବଦରେ ବାରି ଉପ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିବାରୁ ଉତ୍ୟକ୍ତ ଲୋକେ ନିଜ ଜିଦ୍‌ରୁ ଓହରି ଥିଲେ । ତେବେ ସହରର ଏହି ଭଳି ଅନେକ ଚାଷ ଜମୀ ତଥା ତଳିଆ ଜମୀକୁ ଏବେ ତଥା କଥିତ ଜମୀ ବେପାରୀ ମାନେ ସରକାରୀ ଅଧିକାରୀ ମାନଙ୍କ ସହ ସଲା ସୁତୁରା କରି ବିନା ସଠିକ ଯାଂଚ ବା ପ୍ଲାନିଂରେ ଓ.ଏଲ.ଆର. ୧୮(କ) ଧାରାରେ କିସମ ପରି ବର୍ତନ କରାଇ ନେଇ ମାଟି ପକାଇ ବା ପାଚେରୀ ନିର୍ମାଣ କରାଇ ବିନା ବାଧାରେ ଜମୀର ଉନ୍ନତି କରଣ ଲରାଇ ନେଉଥିବାରୁ ବହୁ ସ୍ଥାନରେ ଲୋକେ ଏଭଳି ସମସ୍ୟାରେ ପଡୁଥିବା ସହିତ ଅନେକ ସ୍ଥାନରେ ସହର ଭିତରେ ଥିବା ନଈନାଳ ଗୁଡିକ ମଧ ସଂକୁଚିତ ହୋଇ ଯାଇଥିବାର ଦେଖା ଯାଉଛି ।

## ବିଏମ୍ଏସ୍‌ର ପ୍ରତିଷ୍ଠା ଦିବସ : କୋଭିଡ଼ ଯୋଦ୍ଧାଙ୍କୁ ସମ୍ମାନ



ଭଦ୍ରକ,୨୩/୦୭ (ନି.ପ୍ର): ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ଆଜି କୋଭିଡ଼ କଟକଣା ଅନୁପାଳନ ପୂର୍ବକ ସ୍ଥାନୀୟ ବାଲଗୋପାଲ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାର ଅଙ୍ଗନୱାଡ଼ି, ଆଶାକର୍ମୀ ଯେଉଁମାନେ କି କୋଭିଡ଼ ଯୋଦ୍ଧା ଭାବେ କରୋନା ମହାମାରୀ ସମୟରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି, ସେହିମାନଙ୍କ ମଧ୍ୟରୁ କେତେଜଣଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଛି। ପ୍ରଥମେ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ଦନ୍ତପନ୍ତ ଥେଙ୍ଗଡ଼ିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଂଘୀୟ ସଂଗୀତ ଗାନ କରାଯାଇଥିଲା। ବିଏମ୍ଏସ୍ ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମୁକ୍ତିକାନ୍ତ ସାହୁ ବିଗତ ଦିନର ସଂଘୀୟ ସ୍ଥିତି ଓ ଆଗାମୀ ଦିନ ପାଇଁ ପ୍ରସ୍ତୁତି ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏଥିରେ ଯୋଗ ଦେଇଥିବା ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର ସାଂଗଠନିକ ଶକ୍ତି ବୃଦ୍ଧି ଦିଗରେ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ପୂର୍ବତନ ସଭାପତି ବିଜୟ ମିଶ୍ର, ସଂଗଠନ ସମ୍ପାଦକ ପରେଶ ନାଥ ଧଳ ଭାରତୀୟ ମଜଦୁର ସଂଘ ଏକ ସର୍ବ ବୃହତ ରାଷ୍ଟ୍ରୀୟ ମଜଦୁର ସଂଘ, ଏହି ସଂଘ ସବୁ ସମୟରେ ଗରିବ ମଜଦୁରଙ୍କ ପାଇଁ କାର୍ଯ୍ୟ କରି ଆସିଛି ଏବଂ ଆଗାମୀ ଦିନରେ କରିବ ବୋଲି କହିଥିଲେ। ସଭାପତି ବସନ୍ତରାୟ ତାଙ୍କ ଅଭିଭାଷଣରେ ସଂଘକୁ ଆଗେଇ ନେବା ପାଇଁ ଏକ ମଜବୁତ୍ ସାଂଗଠନିକ ମାନସିକତାର ଆବଶ୍ୟକତା ରହିଛି। ଯାହାକୁ ଆଧାର କଲେ ସଂଘ ନିଶ୍ଚିତ ଧୃଢ ହେବ ବୋଲି କହିଥିଲେ। ଏହି ଅବସରରେ ସଂଘର ଜିଲ୍ଲା ଉପସଭାପତି ବସନ୍ତ ରାଉତ, ବିଶ୍ୱନାଥ ଜେନା, ଅଶୋକ ନାୟକ, ବିଦ୍ୟାଧର ନାୟକ, କମଳାକାନ୍ତ ସାହୁ, ବଳରାମ ନାୟକ, ମୀନକେତନ ପାଲ, ରଞ୍ଜନ ମହାନ୍ତି, ଜିତୁବାବୁ ଦାସ, ଲକ୍ଷ୍ମୀପ୍ରିୟା ରାଉତ, କନକ ବିଶ୍ୱାଳ, ସନ୍ଧ୍ୟାରାଣି ପହି, ମଞ୍ଜୁଲତା ବାରିକ, ଜାନକୀ ଦାସ, ଜୟନ୍ତୀ ଜେନା, ନିରୂପମା ପତ୍ରି, ସୁଜାତା ଜେନା, ନମିତା ବସନ୍ତରାୟ, ପୁଷ୍ପାରାଣି ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

ବାଲେଶ୍ୱର ଶନିବାର, ୨୪ ଜୁଲାଇ, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗୋଟିଏ ଦିନରେ ୧୯୧୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୩/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୧୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୯୯୮୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୩୮୫୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୯୨୬୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୧୭ ଜଣଙ୍କ ମଧ୍ୟରୁ ୧୧୦୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୦୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୧୮ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୪ ଜଣ, ବରଗଡ଼ରୁ ୧୯ ଜଣ, ଭଦ୍ରକରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୭, କଟକରୁ ୨୫୬, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୭ ଜଣ, ଗଜପତି ଜିଲ୍ଲାରୁ ୧୬ , ଗଞ୍ଜାମରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୨ ଜଣ, ଯାଜପୁରରୁ ୮୭ ଜଣ, ଝାରସୁଗୁଡ଼ାରୁ ୦୯ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳ ଜିଲ୍ଲାରୁ ୨୫ ଜଣ. କେନ୍ଦ୍ରାପଡ଼ାରୁ ୭୩ ଜଣ, କେନ୍ଦୁଝରରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୧୮ ଜଣ, କୋରାପୁଟରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୪ ଶହ କୋଟି ସଲଫ୍ୟୁରିକ ଏସିଡ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ




ପାରାଦ୍ୱୀପ,୨୩/୦୭ (ନି.ପ୍ର): ପାରାଦ୍ୱୀପ ଇଫକୋ ସାର କାରଖାନା ପରିସରରେ ପ୍ରତିଷ୍ଠା ହେବ ସର୍ବବୃହତ ସଲଫ୍ୟୁରିକଏସିଡ ପ୍ଲାଣ୍ଟ । ୪ ଶହ କୋଟି ଟଙ୍କାରେ ଅତ୍ୟାଧୁନିକ ଜ୍ଞାନ କୌଶଳ ଆଧାରରେ ତିଆରି ହେବ ଏହି ପ୍ଲାଣ୍ଟ । ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭର୍ଚୁଆଲ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଦୈନିକ ୨ ହଜାର ମେଟ୍ରିକ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ୨୦୨୩ ଜାନୁଆରୀ ରେ କାରର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖିଛି ଇଫକୋ କମ୍ପାନୀ । ଏହି ସଲଫ୍ୟୁରିକଏସିଡ ପ୍ଲାଣ୍ଟ କାରର୍ଯ୍ୟକ୍ଷମ ହେଲେ ଦେଶରେ ଡିଏପି, ଏମ୍ ପି କେ ସାର ର ଅଭାବ ଦୂର ହୋଇପାରିବ । ଏହି ସାର ପାଇଁ ଭାରତ ବାହାର ଦେଶ ଉପରେ ନିର୍ଭର କରିବାକୁ ପଡୁଥିଲା । ଏହି ଅବସରରେ ଇଫକୋ ପରିସରରେ ଆୟୋଜିତ ଶିଳାନ୍ୟାସ ଉତ୍ସବ ରେ ପାରାଦ୍ୱୀପ ଇଫକୋ କାରଖାନା ର ବରିଷ୍ଠ କାରର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କେ ଜେ ପଟେଲ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## କାଂଶ ନଡୁଆପାଳ ଠାରେ ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

ନୀଳଗିରି,୨୩/୦୭ (ନି.ପ୍ର): ମିତ୍ରପୁରରୁ ଉଦଳା ରାସ୍ତାରେ ଥିବା କାଂଶ ନଡୁଆପାଳ ଠାରେ ଏକ ନୂତନ ପେଟ୍ରଲ ପମ୍ପକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଆନୁଷ୍ଠାନିକ ଭାବେ ଶୁଭଉଦ୍‌ଘାଟନ କରିଛନ୍ତି । ଉକ୍ତ ଅଞ୍ଚଳରେ ପେଟ୍ରୋଲ ପମ୍ପ ନ ଥିବା ବେଳେ ନୂତନ ପେଟ୍ରୋଲ ପମ୍ପ ହେଲା ପରେ ବହୁ ଲୋକ ଉପକୃତ ହେବେ ବୋଲି ପେଟ୍ରୋଲ ପମ୍ପର ମାଲିକ ଚିତ୍ତରଂଜନ ପଣ୍ଡା ପ୍ରକାଶ କରିଛନ୍ତି । ରାଧାକୃଷ୍ଣ ଜୀଉ ଫିଲିଂ ଷ୍ଟେସନ ନାମରେ ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟନ ସମୟରେ ମନୋରଂଜନ ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ଜ୍ଞାନରଂଜନ ପଣ୍ଡା, ସୁଧିରଂଜନ ପଣ୍ଡା, ରଂଜନ ଘୋରାଷିଆ , ଗୁରୁବଚନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ପଥ ହୁଡ଼ିଲେ ତାଲାବନ୍ଦ ପ୍ରଭାବିତ ଯାତ୍ରା କଳାକାର

### ଆପଣେଇଲେ ନକଲି ମଦ ପ୍ରସ୍ତୁତି ଜୀବିକା, ଅବକାରୀ ବିଭାଗ ଦ୍ୱାରା ୩ ଗିରଫ



ବାଲେଶ୍ୱର,୨୩/୦୭ (ନି.ପ୍ର): କରୋନା ପ୍ରଭାବରେ ଜୀବିକା ହରାଇ ଲୋକେ ବିବେକ ଶୂନ୍ୟ ଭାବେ ରୋଜଗାର ପାଇଁ କେମିତି ପଥ ହୁଡ଼ି ବେଆଇନ କାର୍ଯ୍ୟ କରିବାକୁ ପଛାଇ ନଥା'ନ୍ତି, ତାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଖନ୍ତାପଡ଼ା ଥାନା ଅନ୍ତର୍ଗତ ଜିରତାଳ ଅଞ୍ଚଳରେ । ଦୀର୍ଘ ୧୨ ବର୍ଷ ଧରି ଓଡ଼ିଶାର ବିଭିନ୍ନ ଖ୍ୟାତନାମା ଗଣନାଟ୍ୟରେ ଉଚ୍ଚକୋଟିର ଅଭିନୟ କରି ସୁନାମ ଅର୍ଜନ କରିଆସୁଥିବା ୩ ଜଣ ଯାତ୍ରା କଳାକାର ଜୀବିକା ପାଇଁ ଶେଷରେ ନକଲି ମଦ ପ୍ରସ୍ତୁତ କରିବାକୁ ପଛାଇ ନାହାନ୍ତି । ଜିଲା ଅବକାରୀ ବିଭାଗ ପକ୍ଷରୁ ଖନ୍ତାପଡ଼ା ଜିରିତାଳ ଅଞ୍ଚଳରେ ଚଢ଼ଉ ହୋଇ ୩ଜଣ କଳାକାରଙ୍କୁ ଗିରଫ ଘଟଣା ଜିଲାର କରୋନାର କରାଳ ସ୍ଥିତିକୁ ସ୍ପଷ୍ଟ କରିଛି । ଗରଫ ୩ କଳାକାର ହେଲେ ଖନ୍ତାପଡ଼ା ଥାନା ଜିରତାଳ ଅଞ୍ଚଳର ସ୍ୱର୍ଗତ ଭାସ୍କର ମହାଲିକଙ୍କ ପୁତ୍ର ବିଜୟ ମହାଲିକ (୪୬) ଓ ବଂଶୀଧର ମହାଲିକଙ୍କ ପୁତ୍ର ମୃତ୍ୟୁଞ୍ଜୟ ମହାଲିକ(୨୯) ଏବଂ ସିମୁଳିଆ ଥାନା ଜାମୁଝାଡ଼ି ଅଞ୍ଚଳର ଲକ୍ଷ୍ମଣ ସାହୁଙ୍କ ପୁତ୍ର କିଶୋର କୁମାର ସାହୁ(୩୬) । ଜିରତାଳର ଏକ ଘରେ ନକଲି ପ୍ରସ୍ତୁତ କରି ସେମାନେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ । ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ଶେଖ ଅସଫ ଅଲିଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଇନସ୍ପେକ୍ଟର ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଏକ ଟିମ ସକାଳୁ ସକାଳୁ ଏଠାରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା । ସେଠାରୁ ନକଲି ବିଦେଶୀ ମଦ ସମେତ, ମଦ ପ୍ରସ୍ତୁତ ସାମଗ୍ରୀ ଯଥା ସ୍ପିରିଟ, ଏସେନ୍ସ, କାରାମେଲ, ବୋତଲ, ଠିପି, କର୍କ, ଷ୍ଟିକର ପ୍ରଭୃତିକୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିଲା । ତେବେ ତାଲାବନ୍ଦ ଯୋଗୁଁ ଯାତ୍ରାପାର୍ଟି ବନ୍ଦ ହୋଇଯିବା ଫଳରେ ଜୀବିକା ହରାଇ ଦୀର୍ଘଦିନ ଘରେ ବସି ରହି ଦୁର୍ଦ୍ଦିନରେ କାଳ କାଟୁଥିଲେ ସେମାନେ । ପରିବାର ପ୍ରତିପୋଷଣ ପାଇଁ ବେଆଇନ ହେଲେ ମଧ୍ୟ ଏଭଳି କାର୍ଯ୍ୟକୁ ଆପଣେଇ ଥିଲେ ବୋଲି ଗିରଫ ଅଭିଯୁକ୍ତମାନେ କହିଛନ୍ତି । ତାଲାବନ୍ଦରେ ଜୀବିକା ହରାଇଥିବା ବିଭିନ୍ନ ବର୍ଗର ଲୋକଙ୍କୁ କିଛି କିଛି ସରକାରୀ ସହାୟତା ଓ ପ୍ରୋତ୍ସାହନ ମିଳିଥିବା ବେଳେ କଳାକାରଙ୍କ ପ୍ରତି ସରକାର ଅବିଚାର କରିଥିବା ଗିରଫ କଳାକାରମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେବେ କରୋନା କଟକଣା ମଧ୍ୟରେ ସବୁ ବର୍ଗର ଲୋକେ ଅଳ୍ପ ବହୁତ ପ୍ରଭାବିତ ହୋଇଥିଲେ ବି ଅପରାଧିକ ମାର୍ଗ ଗ୍ରହଣ ଆଦୌ ଉଚିତ ନୁହେଁ ବୋଲି ଅବକାରୀ ଇନସ୍ପେକ୍ଟର ଶ୍ରୀ ସୋରେନ ସେମାନଙ୍କୁ ପରାମର୍ଶ ଦେଇଛନ୍ତି । ଯେହେତୁ ସେମାନେ ବେଆଇନ କାର୍ଯ୍ୟ ଲିପ୍ତ ରହି ଧରାପଡ଼ିଛନ୍ତି, ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏନେଇ ଏକ ମାମଲା ରୁଜୁ ସହ ୩ ଗିରିଫ କଳାକାରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ରତିରକ୍ଷା ବିଭାଗରେ ଘରୋଇକରଣ ନୀତିକୁ ବିରୋଧ

### ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୨୩/୦୭ (ନି.ପ୍ର): ପ୍ରତିରକ୍ଷା ବିଭାଗର ଗୋଳାବାରୁଦ କାରଖାନାଗୁଡ଼ିକୁ ଦେଶୀ ଓ ବିଦେଶୀ ଶିଳ୍ପପତିଙ୍କୁ ବିକ୍ରି ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ବାଲେଶ୍ୱରରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ସହରର ଫାଣ୍ଡିଛକଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ଟିୟୁଏସିସିର ସମ୍ପାଦକ ତଥା କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ମିଳିତ ମଞ୍ଚର ଆବାହକ ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଏଆଇଟିୟୁସି ଜିଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁ ଜିଲା ଆବାହକ ରାଜକିଶୋର ଲେଙ୍କା, ଏଚଏମଏସର ଜିଲା ସଭାପତି ଅରୁଣ ସ୍ୱାଇଁ, ଆଇଏନଟିୟୁସିର ଜିଲା ସଭାପତି ସୁରେଶ ବେହେରା ଓ ବିକାଶ ଦାସ, ଏଆଇୟୁଟିୟୁସିର ଜିଲା ସଭାପତି ରବୀନ୍ଦ୍ର ବେହେରା, ଟିୟୁସିସିର ଜିଲା ସଭାପତି ସର୍ବେଶ୍ୱର ମିଶ୍ର, ଟିୟୁଏସିସି ନେତା ଶାନ୍ତନୁ ଦାସ ଓ ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତିର ନେତା ରବିନାରାୟଣ ମିଶ୍ର ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ରରେ ମୋଦି ସରକାରଙ୍କ ଘରୋଇକରଣ ଓ ପୁଞ୍ଜିପତି ତୋଷଣନୀତିକୁ ତୀବ୍ର ସମାଲୋଚନା କରିଥିଲେ । ପ୍ରତିରକ୍ଷା ବିଭାଗର ସିଭିଲ୍ କର୍ମଚାରୀମାନଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ସରକାର ଗତ ଜୁନ ୩୦ ତାରିଖରେ ଆଣିଥିବା ଅଧାଦେଶ ବାତିଲ ପାଇଁ ସେମାନେ ଦାବି କରିଥିଲେ । ପ୍ରତିରକ୍ଷାରେ ଘରୋଇକରଣ ବ୍ୟବସ୍ଥା ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବ ବୋଲି ବକ୍ତାମାନେ ଆରୋପ କରିଥିଲେ । ଏହି ଅବସରରେ ମିଳିତ ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ୱଳିତ ଏକ ସ୍ମାରକପତ୍ର ବାଲେଶ୍ୱରର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶ୍ୟାମ ସୁନ୍ଦର ଜେନା ନିକୁଞ୍ଜ ବସନ୍ତରାୟ, ସେକ ସଲ୍ଲାଉଦ୍ଦିନ, ଜଗଦୀଶ ବାରିକ, ନିରଞ୍ଜନ ଦାସ, ଶରତ ଦଳେଇ, ରଞ୍ଜନ ବାରିକ, ଯତୀନ ପାତ୍ର, ପରମେଶ୍ୱର ପାତ୍ର, ବନ୍ଦନା ବିଶ୍ୱାସଙ୍କ ସମେତ ବହୁ ଶ୍ରମିକ ନେତା ନେତୃତ୍ୱ ନେଇଥିଲେ ।

### ସର୍ବ ସମ୍ମୁଖରେ ସାମ୍ବାଦିକଙ୍କୁ ମହିଳା କନେଷ୍ଟବଳ ମାଡମାରିବା ଘଟଣା

## ବାଲିଆପାଳ ମିଡିଆଫୋରମ ପକ୍ଷରୁ ସମ୍ପୃକ୍ତ କନେଷ୍ଟବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଲିଆପାଳ,୨୩/୦୭ (ନି.ପ୍ର): କେନ୍ଦ୍ରାପଡାରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକ ଭୀମସେନ ସେଠୀଙ୍କୁ ସର୍ବସମ୍ମୁଖରେ ମହିଳା କନେଷ୍ଟବଳ ପିନୁ ନାୟକ ମାଡ ମାରିବା ଘଟଣାକୁ ବାଲିଆପାଳ ର କାର୍ଯ୍ୟରତ ବୈଦୁତିକ ଏବଂ ପ୍ରିଣ୍ଟ ମିଡିଆ ର ସାମ୍ବାଦିକ ମାନଙ୍କୁ ନେଇ ଗଠିତ ସଂଘ ମିଡିଆ ଫୋରମ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ତୁରନ୍ତ ସମ୍ପୃକ୍ତ ମହିଳା କନେଷ୍ଟବଳଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯିବା ସହିତ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଫୋରମ ପକ୍ଷରୁ ଦାବି କରାଯାଇଛି । ଏନେଇ ଫୋରମ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରବ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଜି ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ସାହୁ, ପ୍ରତାପ ପାତ୍ର, ଶାନ୍ତନୁ ମହାପାତ୍ର, ତାରାକାନ୍ତ ଜେନା, ଝାଡେଶ୍ୱର ପ୍ରଧାନ, ଅଜିତ ଦାସ, ଶମ୍ଭୁନାଥ ଦାସ, ଗୋପବନ୍ଧୁ ସାହୁ, ଅଜିତ ସାହୁ, ଚନ୍ଦନ ଜେନା, ହାଡିବନ୍ଧୁ ରାଉତ, ସାଗର ପଟ୍ଟନାୟକ, ସନ୍ୟାସୀ ବେହେରା, ସୁଶାନ୍ତ ଦାସ, କୃଷ୍ଣବତ୍ସଳ ସାହୁ, ପଙ୍କଜ ସାହୁ, ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନୀଳଗିରି,୨୩/୦୭ (ନି.ପ୍ର): ନୀଳଗିରି ର ଯୁବ ସମାଜସେବୀ ସବ୍ୟସାଚୀ ମହାପାତ୍ର ନିଜ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ପଞ୍ଚଲିଙ୍ଗେଶ୍ୱର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଅଛି । ଏହି ଶିବିରରେ ରକ୍ତଦାତାମାନେ ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତ୍ୱ ବଜାଇ ରଖି ରକ୍ତ ଦେଇଥିଲେ । ଶୁକ୍ରବାର ଅହରହ ବର୍ଷା ସତ୍ୱେ ବହୁ ଉଦୀୟମାନ ଯୁବକ ନିଜର ରକ୍ତଦାନ କରିଥିଲେ । ମୋଟ ୬୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଆୟୋଜକ ସବ୍ୟସାଚୀ ମହାପାତ୍ର ସୂଚନା ଦେଇଛନ୍ତି । ଏହି ରକ୍ତଦାନ ଶିବିରରେ ଅଜୟ ରାଉତ, ସୀପ୍ତିକାନ୍ତ ମହାପାତ୍ର, ମାନସ ଦେବଗୋସ୍ୱାମୀ, ମାୟାଧର ବିଶ୍ୱାଳ, ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ ମହାନ୍ତି, ତାପସ ଜେନା, ମାନସ ହୋତା, ଦୈତାରୀ ସିଂ, ସୌମ୍ୟରଂଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ୨ୟ ଶ୍ରୀକ୍ଷେତ୍ର ବାରିପଦାରେ ଗୁପ୍ତନୀତି ପରେ ନିଳାଦ୍ରି ବିଜେ କରିବେ ଠାକୁର



ବାରିପଦା,୨୩/୦୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବିଜେ ଶ୍ରୀ ଶ୍ରୀ ହରିବଳଦେବଜୀଉ ମହାପ୍ରଭୁଙ୍କ ରଥଯାତ୍ରା ୧୫୭୫ ମସିହାରୁ ନିରବଚ୍ଛିନ ଭାବେ ପାଳିତ ହୋଇ ଆସୁଥିଲା । ଏପରିକି ପୁରି ଶ୍ରୀକ୍ଷେତ୍ରରେ ଯବନ ମାନଙ୍କ ଆକ୍ରମଣ କାରଣରୁ ଅନେକ ବାର ଶ୍ରୀକ୍ଷେତ୍ରରେ ରଥ ଯାତ୍ରା ବନ୍ଦ ରହିଥିଲେ ମଧ ୨ୟ ଶ୍ରୀକ୍ଷେତ୍ରରେ କଡା ସୁରକ୍ଷା ବଳୟ ଭିତରେ ରଥ ଯାତ୍ରା ସମ୍ପର୍ଣ୍ଣ ହୋଇ ଆସୁଥିଲା । ତେବେ କରୋନା କଟକଣା ପାଇଁ ଗତବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦାରେ ରଥଯାତ୍ରା ବନ୍ଦ ରହିଛି । ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାର ଶାସ୍ତ୍ରୀୟ ମତରେ କୌଣସି ବିକଳ୍ପ ନାହିଁ । କରୋନାକୁ ନେଇ ଗତ ଗତବର୍ଷ ମହାପ୍ରଭୁଙ୍କ ଘୋଷ ଯାତ୍ରାକୁ ହଠାତ୍ ବନ୍ଦକରି ଦିଆଯାଇଥିଲା ଏବଂ ରଥଯାତ୍ରାର ସମସ୍ତ ନୀତିକାନ୍ତି । ମନ୍ଦିର ବେଢ଼ା ଭିତରେ ଆୟୋଜନ କରାଯାଇଥିଲା । ଫଳରେ ସେବାୟତ ମାନେ ନିରୁପାୟ ହୋଇ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତ ଲୋଡ଼ିଥିଲେ ଏବଂ ତାଙ୍କ ପରାମର୍ଶ କ୍ରମେ ସମସ୍ତେ ନିଜର ଭୁଲ କାର୍ଯ୍ୟ ପାଇଁ ପ୍ରାୟଶ୍ଚିତ ମଧ କରିଥିଲେ । ଏହି ସମୟରେ ଚଳିତ ବର୍ଷ ବହୁ ପୂର୍ବରୁ ସରକାର ରଥଯାତ୍ରା ବନ୍ଦ ନିଷ୍ପତ୍ତି ନେଇଥିଲେ । ସେବାୟତ ମାନେ ଶାସ୍ତ୍ର ବହି ତର୍ଜମା କରିବା ପରେ ମହାପ୍ରଭୁ ଅଣସର ଗୃହରୁ ସୁସ୍ଥ ହୋଇ ବାହାରିବା ପରେ ନେତ୍ରୋତ୍ସବ ପୂଜା ହୋଇଥାଏ । ଏହାପରେ ମହାପଭୁ ରଥାରୁଢ଼ ହୋଇ ବଡ଼ଦାଣ୍ଡରେ ଶ୍ରୀଗୁଣ୍ଡିଚା ମନ୍ଦିର ବା ଜନ୍ମବେଦୀକୁ ବିଜେ କରିଥାନ୍ତି । ସେଠାରେ ୭ ଦିନ ରହଣି ପରେ ପୁଣି ରଥାରୁଢ଼ ହୋଇ ମନ୍ଦିରକୁ ଫେରିବା ପରେ ରତ୍ନସିଂହାସନକୁ ନିଳାଦ୍ରି ବିଜେ କରିଥାନ୍ତି । ଚଳିତ ବର୍ଷ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ହୋଇନଥିବା ବେଳେ, ଠାକୁର ମାନେ ନାଟମଣ୍ଡପରେ ବର୍ଷେ ଧରି ରହିବାର ଆଶଂକା ହେଖା ଯାଇଥିଲା ତେବେ ଏବାବଦରେ ବାରିପଦା ଦେବତୋର ଅଧିକାରୀ ତଥା ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସେବାୟତ ମାନଙ୍କର ଏକ ପ୍ରତିନିଧି ଦଳ ପୁରୀ ଶ୍ରୀକ୍ଷେତ୍ର ଯାତ୍ରା କରି ବିଭିନ୍ନ ବିଭାଗର ନିଯୋଗ ମାନଙ୍କ ସହ ଆଲୋଚନା କରି ନିତି ନିର୍ଦ୍ଦେଶ ମାଗିଥିଲେ । ତେବେ ପୁରିରୁ ମିଳିଥିବା ନିତି ନିର୍ଦ୍ଦେଶ ଅନୁଯାୟୀ ଆଜି ସମସ୍ତ ସେବାୟତ ହବିଷ କରି ରାତିରେ ମନ୍ଦିର ଭିତରେ ମହାପ୍ରଭୁଙ୍କ ଧ୍ୟାନରେ ରହିବେ ଏବଂ ଶୁକ୍ରବାର ବାର ବ୍ରାହ୍ମ ମୂହୁର୍ତ୍ତରୁ ମହାପ୍ରଭୁଙ୍କ ଗୁପ୍ତ ନିତି ଚାଲିବ । ଏହି ଗୁପ୍ତ ନିତି ସମୟରେ ଭକ୍ତ ତଥା ଜନସାଧାରଣଙ୍କ ପାଇଁ ମନ୍ଦିର ବନ୍ଦ ରହିବ ବୋଲି ଜଣା ଯାଇଛି ।

## ଲୋଧା ଜନଜାତିଙ୍କ ଉନ୍ନୟନ ନାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ



### ଘଟଣାର ଭିଜିଲାନ୍ସ ତଦନ୍ତ ଦାବି

ବାରିପଦା,୨୩/୦୭ (ନି.ପ୍ର): ବିରଳ ଜନଜାତି ଲୋଧା ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ବହୁ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାର ମରୋଡା ଅଂଚଳରେ ଏହି ଲୋଧା ଜନଜାତିର ଲୋକେ ବିଶେଷତ ବସବାସ କରୁଥିବାରୁ ମରୋଡା ଠାରେ ଲୋଧା ଉନ୍ନୟନ ପ୍ରକଳ୍ପ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛି । ତେବେ ପୂର୍ବରୁ ଲୋଧା ସମ୍ପ୍ରଦାୟର ଲୋକେ ବଣ ଜଂଗଲରେ ଲୁଚି ରହି ପଥଚାରୀ ମାନଙ୍କୁ ଲୁଟ କରିବା ସହିତ ଚୋରୀ ଡକାୟତି ଆଦି କରି ଆସୁଥିଲେ । ସରକାର ସେମାନଙ୍କ ଜୀବନଧାରଣ ମାନର ଉନ୍ନତି କରିବା ଏବଂ ସେମାନଙ୍କୁ ରୋଜଗାର ଯୋଗାଇଦେବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଅନ୍ତର୍ଗତ ଯୋଜନା ଗୁଡିକରେ ବ୍ୟାପକ ଦୁର୍ନିତୀ ଚାଲିଥିବାରୁ ଲୋଧା ଜନଜାତିର ଲୋକଙ୍କର ବିକାଶ ହେଉକି ନହେଉ ପ୍ରକଳ୍ପର ଅଧିକାରୀ, କର୍ମଚାରୀ ଏବଂ ପ୍ରକଳ୍ପ ଅଧିନରେ କାର୍ଯ୍ୟ କରୁଥିବା ଏନଜିଓ ଓ.ପି.ଏଲ.ଆଇ.ପି. ଏବଂ ଏସ.ପି.ଏ.ଆର. ର କର୍ମକର୍ତା ମାନଙ୍କର ପକେଟ କିନ୍ତୁ ଗରମ ହେଉଥିବାର ଗୁରୁତର ଅଭିଯୋଗ ହୋଇଛି । ଆଜିଠାରୁ ମରୋଡା ନିର୍ବାଚନ ମଣ୍ଡଳି କଂଗ୍ରେସ କର୍ମୀ ମାନଙ୍କ ପକ୍ଷରୁ ଲୋଧା ଉନ୍ନୟନ ପ୍ରକଳ୍ପ ଅଧିନରେ ହୋଇଥିବା ବ୍ୟାପକ ଦୁର୍ନିତୀର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ରଙ୍କ ନେତୃତ୍ୱରେ ୨ଦିନିଆ ଧାରଣାରେ ବସିଥିବାର ଦେଖା ଯାଇଛି । ଏହି ଧାରଣା ୨୨ ତାରିଖ ଓ ୨୩ ତାରିଖ ଦୁଇଦିନ ଧରି ଚାଲିବ ବୋଲି ଜଣା ଯାଇଥିବା ବେଳେ, ଯଦି ପ୍ରସାଶନ ସେମାନଙ୍କର ଦାବୀ ନଶୁଣେ ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଆନ୍ଦୋଳନ କାରୀ ଙ୍କ ପକ୍ଷରୁ କୁହା ଯାଇଛି ।

## ଦିନକରେ ୮୪ କରୋନା ସଂକ୍ରମିତରୁ ଆଶ୍ୱସ୍ତ

### ୧୦ ଆକ୍ରାନ୍ତଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ

ବାଲେଶ୍ୱର,୨୩/୦୭ (ନି.ପ୍ର): ଦିନକୁ ଦିନ ବାଲେଶ୍ୱର ଜିଲାରେ କରୋନା ସଂକ୍ରମଣ ହାର ହ୍ରାସ ଜିଲାବାସୀଙ୍କ ପାଇଁ ଅଶ୍ୱସ୍ତିକର ବିଷୟ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ିବାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୮୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଅଙ୍ଗାରଗଡ଼ିଆରୁ ୩ଜଣ, ସହଦେବଖୁଣ୍ଟାରୁ ୨ଜଣଙ୍କ ସମେତ ଶୋଭାରାମପୁର, ଚୁନଭାଟି, ଫକୀର ମୋହନ ନଗର, ଆଇଟିଆଇ କଲୋନି, ଗୋପାଳଗାଁ, ରେଲୱେ କଲୋନି, ନେଳିଆବାଗ, ପଢୁଆଁପଦା, ମୋତିଗଞ୍ଜ, ପୁରୁଣାବାଲେଶ୍ୱର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୬ଜଣ, ବାଲିଆପାଳରୁ ୫, ବସ୍ତାରୁ ୫, ଜଳେଶ୍ୱରରୁ ୫, ଖଇରାରୁ ୫, ନୀଳଗିରିରୁ ୧୦, ଔପଦାରୁ ଜଣେ, ରେମୁଣାରୁ ଜଣେ, ସଦରରୁ ୬, ସିମୁଳିଆରୁ ୨ ଓ ସୋର ବ୍ଲକରୁ ୨୩ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୭,୨୩୭ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୫,୬୭୨ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଏବେ ସକ୍ରିୟ ଥିବା ୧,୩୮୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୨୪୬ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୯ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଦିନକ ମଧରେ କରୋନା ଆକ୍ରାନ୍ତ ୭୦,୮୦,୬୫, ୫୬,୩୭,୩୫,୨୫,୨୩ ବର୍ଷର ୮ଜଣ ପୁରୁଷ ଏବଂ ୬୮ ଓ ୪୫ ବର୍ଷର ୨ଜଣ ମହିଳାଙ୍କୁ ମିଶାଇ ମୋଟ ୧୦ଜଣଙ୍କର ମୃତ୍ୟୁ ଘୋଷଣା କରାଯାଇଛି । ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୦ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବାଲେଶ୍ୱରରେ ସାମୂହିକ ଟିକାକରଣ ଜାରି ଥିବାବେଳେ ଶୁକ୍ରବାର ୫୩ ଗୋଟି କେନ୍ଦ୍ରରେ ୬,୬୬୬ ଜଣ ଟିକା ନେଇଛନ୍ତି । ଅଦ୍ୟାବଧି ବାଲେଶ୍ୱର ଜିଲାରେ ମୋଟ ୭,୬୩,୩୭୭ଜଣଙ୍କୁ ଟିକା ଦିଆଯାଇଛି । ତନ୍ମଧ୍ୟରୁ ୫,୪୫,୧୭୬ଜଣ ପ୍ରଥମ ପାନ ଓ ୨,୧୮,୨୦୧ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo